RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-17 ◆FRIDAY ◆11 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭ ◆ଶୁକ୍ରବାର ◆୧୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ରକ୍ତମୁଖା ରିଷଭ

▶ପୃଷ୍ଠା ୧୧ ଦେଖନ୍ତୁ...

# ଆଜି ଓଡ଼ିଶା ଆସୁଛନ୍ତି ରାହୁଲ ଗାନ୍ଧୀ



## ରାଜଧାନୀରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

■ **ଭୁବନେଶ୍ୱର, ୧୦।୭ (ସମିସ):** ଶୁକ୍ରବାର ଓଡ଼ିଶା ଆସିବେ ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ଜାତୀୟ ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ମଧ୍ୟ ଆସୁଛନ୍ତି। ଦିନ ୧୧ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ରାହୁଲ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସିଧା ସମ୍ବିଧାନ ବଞ୍ଚାଅ ସମାବେଶସ୍ଥଳ ବରମୁଣ୍ଡା ପଡ଼ିଆ ଯିବେ। ସେଠାରେ ସଭାରେ ରାହୁଲ ଯୋଗଦେବେ। ସଭା ଶେଷ ପରେ ମଧ୍ୟାହ୍ନ ଭୋଜନ ସାରି ସେ ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ପହଞ୍ଚିବେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଏବଂ ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ରାହୁଲ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ▶ପୃଷ୍ଠା-୭

# ୧୨ରେ ମୁମ୍ବାଇରୁ ଫେରିବେ ନବୀନ



■ **ଭୁବନେଶ୍ୱର, ୧୦।୭ (ସମିସ):** ଆସନ୍ତା ୧୨ ତାରିଖ ଶନିବାର ଓଡ଼ିଶା ଫେରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜୁନ୍ ୨୦ରେ ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିଲେ ଓ ୨୨ ତାରିଖରେ ତାଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏବେ ଡାକ୍ତରମାନେ ତାଙ୍କୁ ଘରକୁ ଫେରିବାକୁ ପରାମର୍ଶ ଦେଇଛନ୍ତି। ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ଚିକିତ୍ସାର ତତ୍ତ୍ୱାବଧାନ କରିଥିଲେ।

## ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ସଂଘ ଅଟଳ; ସରକାର ନିଦାବିଷ୍ଟ

## ସାରା ରାଜ୍ୟରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ସଂକଟ


## ଆଲୋଚନା ପରିବର୍ତ୍ତେ ନିର୍ବାଚନମଣ୍ଡଳୀ ବୁଲୁଛନ୍ତି ମନ୍ତ୍ରୀ

## ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବ ସଂଘ: ସଭାପତି

■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭର ମହାସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ତୃତୀୟ ଦିନରେ ପହଞ୍ଚିଛି। ତିନିଦିନ ହେବ ରାଜ୍ୟରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ସଂକଟ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ପେଟ୍ରୋଲ୍ ଡିଜେଲର ଅଭାବ ଯୋଗୁଁ ଅନେକ ଟାଙ୍କିରେ ତାଲା ପଡ଼ିଯାଇଥିବା ବେଳେ ପରିବା, ଗ୍ୟାସ୍ ଓ ଫଳ ଆଦି ସାମଗ୍ରୀ ପରିବହନରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଅନେକ ସାମଗ୍ରୀର ଏବେ ଦରଦାମ୍ ବୃଦ୍ଧି ପାଉଥିବା ବେଳେ ଲୋକଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିଛି। ଡ୍ରାଇଭରମାନେ ଏବେ ବି ନିଜ ଜିଦିରେ ଅଟଳ ରହିଥିବା ବେଳ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ଘୋଷଣା କରିଛନ୍ତି।

ତେବେ ଆସନ୍ତାକାଲି ଭୁବନେଶ୍ୱରରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶକୁ ଆସୁଥିବା ଗାଡ଼ିଗୁଡ଼ିକୁ ନ ଅଟକାଇବା ପାଇଁ ଡ୍ରାଇଭର୍‌ମାନଙ୍କୁ ସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଡ୍ରାଇଭରମାନଙ୍କ ▶ପୃଷ୍ଠା-୭

# ତେଲ ପରେ ଗ୍ୟାସ୍ ଚିନ୍ତା



■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଡ୍ରାଇଭରମାନଙ୍କ ଦାବି ପୂରଣ କରିବାରେ ସରକାର ଉଦାସୀନ ମନୋଭାବ ପୋଷଣ କରୁଥିବାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ପରିବହନ ମନ୍ତ୍ରୀ ଏହାର ସମାଧାନ କରିବା ପରିବର୍ତ୍ତେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଜଧାନୀ ଛାଡ଼ି ନିଜ ବିଧାନସଭା କ୍ଷେତ୍ରକୁ ଚାଲିଯାଇଛନ୍ତି । ଫଳରେ ଆନ୍ଦୋଳନ ଜାରି ରହିଛି ଓ ସାଧାରଣ ଲୋକମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଥମ ଦୁଇଦିନ ଆନ୍ଦୋଳନରେ ପେଟ୍ରୋଲିୟମ ସାମଗ୍ରୀର ଅଭାବ ପରିଲକ୍ଷିତ ହୋଇଥିବା ବେଳେ ତୃତୀୟ ଦିନ ଆନ୍ଦୋଳନ ଯୋଗୁଁ ରନ୍ଧନ ▶ପୃଷ୍ଠା-୭

## ଭୋଟର ତାଲିକା ସଂଶୋଧନ ସମୟ ଓ ପଦ୍ଧତି ନେଇ ଇସିଆଇଙ୍କୁ ପ୍ରଶ୍ନ



# ବିହାର ନିର୍ବାଚନ ପୂର୍ବରୁ ଏଭଳି ପ୍ରକ୍ରିୟା କାହିଁକି

- ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ୍ କ୍ଷମତା ଦେଲା କିଏ ?
- ନାଗରିକତ୍ୱ କାଟିପାରିବେନାହିଁ ନିର୍ବାଚନ କମିସନ
- ଆଧାର କାର୍ଡ, ଭୋଟର ପରିଚୟପତ୍ର, ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରାଯାଇପାରିବ

■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମ କୋର୍ଟ। ତେବେ ଯେଉଁ ସମୟରେ ଏଭଳି ସଂଶୋଧନ କରାଯାଉଛି ଏବଂ ଏଥିପାଇଁ ଯେଉଁ ପଦ୍ଧତି ଗ୍ରହଣ କରାଯାଇଛି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ ଅଦାଲତ। କେବଳ ଏତିକି ନୁହେଁ, ଭୋଟର ତାଲିକା ସଂଶୋଧନ ଆଳରେ ଅନ୍ୟ କ୍ଷେତ୍ରରେ ମୁଣ୍ଡ ପୂରାଇଥିବାରୁ କମିସନଙ୍କ ଉପରେ ବର୍ଷିଛନ୍ତି। ଏହାସହିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରିବା ଲାଗି ନିର୍ବାଚନ କମିସନଙ୍କୁ ପରାମର୍ଶ ଦେଇଛନ୍ତି।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବିରୋଧରେ ଆଗତ ଏକାଧିକ ପିଟିସନକୁ ବିଚାର ପାଇଁ ଗ୍ରହଣ କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ କୁ ଧାର୍ଯ୍ୟ କରିଛନ୍ତି କୋର୍ଟ। ଏହି ପିଟିସନ ଉପରେ ଜୁଲାଇ ୨୧ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ▶ପୃଷ୍ଠା-୭

## ପଛକୁ ପଛ ଆସୁଛି ଦୁଇଟି ଲଘୁଚାପ

# ୧୩ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୦।୭ (ସମିସ):** ଲଘୁଚାପ ପ୍ରଭାବରେ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇ ବାଲେଶ୍ୱରରେ ପୁଣି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସ୍ଥିତିରେ ପଛକୁ ପଛ ଆଉ ଦୁଇଟି ଲଘୁଚାପ ଆସୁଥିବାରୁ ଆଗାମୀ ସପ୍ତାହରେ ସାରା ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଆସନ୍ତା ୧୩ ତାରିଖରେ ଗୋଟିଏ ଏବଂ ୨୩ ତାରିଖରେ ଆଉ ଗୋଟିଏ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟର ନଦୀ ଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ▶ପୃଷ୍ଠା-୭

## ମହାରାଷ୍ଟ୍ରରୁ ରାଞ୍ଚିକୁ ସ୍କର୍ପିଓରେ ଚୋରାଚାଲାଣ

# କୋଟିଏ ଟଙ୍କାର ରୁପା ଜବତ

## ଗଞ୍ଜେଇ ଯାଞ୍ଚ ବେଳେ ସିକ୍ରେଟ୍ ଚାମ୍ବରରୁ ବାହାରିଲା

■ **ସମ୍ବଲପୁର, ୧୦।୭ (ସମିସ):** ଗଞ୍ଜେଇ ଯାଞ୍ଚ କରିବା ବେଳେ ଗାଡ଼ିର ସିକ୍ରେଟ୍ ଚାମ୍ବରରୁ ୧୧୦ କେଜିର ରୁପା ସାମଗ୍ରୀ ଜବତ ହେବା ଘଟଣା ସମ୍ବଲପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜବତ ରୁପାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୧୦୦ ଗ୍ରାମ ଲେଖାଏଁ ୭୦୦ଟି ରୁପା ବିସ୍କୁଟ, ୫୦ ଗ୍ରାମ ଲେଖାଏଁ ୪୦୦ଟି ସୁନା କଏନ୍ ଓ ୨୦ ଗ୍ରାମ୍ ଲେଖାଏଁ ୧ ହଜାରଟି ରୁପା କଏନ୍ ରହିଛି। ରେଙ୍ଗାଲି ବ୍ଲକ୍ ଅଧୀନ ଝୁରିପଡ଼ା ଛକ ନିକଟରୁ ଅବକାରୀ ବିଭାଗ ଏକ ଧଳା ରଙ୍ଗର ସ୍କର୍ପିଓରୁ ଏହା ଜବତ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ଉକ୍ତ ଗାଡ଼ିରେ ଥିବା ୨ଜଣଙ୍କୁ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ିଛି। ସେମାନେ ହେଲେ, ଗୁଜରାଟର ଚନ୍ଦ୍ରକାନ୍ତ ସୋମଭାଇ(୫୩) ▶ପୃଷ୍ଠା-୭






# ଦୁର୍ଘଟଣାରେ ଗଲା ୫ ଜୀବନ


## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

## ବାପା-ପୁଅ ସମେତ ୩ ମୃତ

## ପିକଅପ୍ ଭ୍ୟାନ ଧକ୍କାରେ ୨ ମୃତ

■ **ପାତ୍ରପୁର/ ଜଗତସିଂହପୁର, ୧୦।୭ (ସମିସ):** ଦୁଇଟି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାରେ ଗୁରୁବାର ୫ଜଣଙ୍କ ମୃତ୍ୟୁ ଘଟିଛି।

ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପ-ପୁଅଙ୍କ ସମେତ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ଼ (୫୫), ତାଙ୍କ ପୁଅ ସୁନୀଲ ଗୌଡ଼ (୨୫) ଏବଂ ବିଏନ୍‌ପୁର ଥାନା ଗଇଲୁଣ୍ଡିର ରାଜେଶ ପାଣିଗ୍ରାହୀ (୨୫)। ସାଙ୍ଗମାନଙ୍କ ସହ ରାଜେଶ ବାରିଆପଥରକୁ ବଣଭୋଜି କରିବାକୁ ଯାଇଥିଲେ। ସେଠାରୁ ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦଉ ଓ ସୁନୀଲଙ୍କ ବାଇକ୍ ସହ ଠଣାଗାଁ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟିଥିଲା ବେଳେ ଦଉ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ▶ପୃଷ୍ଠା-୭






## ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନ୍‌ସିଆର)ରେ ଗୁରୁବାର ଭୂକମ୍ପର ଝଟ୍‌କା ଦେଖିବାକୁ ମିଳିଥିଲା। ଭୂକମ୍ପର କେନ୍ଦ୍ର ଦିଲ୍ଲୀଠୁ ୬୦ କିମି ଦୂରରେ ରହିଥିବା ହରିୟାଣାର ଝାଝରରେ ରହିଥିଲା। ୧୦ ସେକେଣ୍ଡ ପର୍ଯ୍ୟନ୍ତ ଝଟ୍‌କା ଅନୁଭୂତ ହୋଇଥିଲେ ମଧ୍ୟ କୌଣସ ଧନଜୀବନର କ୍ଷୟକ୍ଷତି ହୋଇନାହିଁ। ହରିୟାଣାର ଜିନ୍ଦ ଓ ବାହାଦୂରଗଡ଼କୁ ବାଦ୍ ଦେଲେ ପଶ୍ଚିମ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା ଓ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଝଟ୍‌କା ଦେଖିବାକୁ ମିଳିଥିଲା। ଦିଲ୍ଲୀ ସମେତ ନୋଇଡା, ଗାଜିଆବାଦ୍, ଗୁରୁଗାଁଓ ଓ ଫରିଦାବାଦରେ ଏବଂ ହରିୟାଣାର ସୋନିପତ, ରୋହତକ ଓ ହିସାରରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା। ଗତ ୬ ମାସ ମଧ୍ୟରେ ଦିଲ୍ଲୀ ଓ ଏନ୍‌ସିଆରରେ ତୃତୀୟଥର ପାଇଁ ଭୂକମ୍ପ ଅନୁଭୂତ ହୋଇଛି।

## ଗୋଟିଏ ରାତିରେ ଭାସିଗଲା ୪୬୬ ଘର

ମଣ୍ଡି, ୧୦।୭(ଏଜେନ୍ସି): ମୌସୁମୀ ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବା ସହ ବନ୍ୟା ସ୍ଥିତି ଉତ୍କଟ ହୋଇଛି। ସ୍ଥାନୀୟ ସିରାଜ ଘାଟିରେ ଜୁନ୍ ୩୦ରେ ବାଦଲ ଫଟା ବର୍ଷା ହେବା କାରଣରୁ ଅଚାନକ ବନ୍ୟା ଆସିବା ସହ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ରାତିରେ ହିଁ ୪୬୬ଟି ଘର ଭାସି ଯାଇଛି। ୧୪ ଜଣ ମୃତ୍ୟୁବରଣ କରିଥିôବା ବେଳେ ୩୦ଜଣ ନିଖୋଜ ଅଛନ୍ତି। ରାସ୍ତାଘାଟ, ଚାଷଜମିରେ ଅନାବନା ଅଳିଆ ଗଦାରେ ପରିଣତ ହୋଇଛି। ୯୨ ଦୋକାନ, ୪୫୭ ଗୋଶାଳା, ଗୋଟିଏ ହାଇଡ୍ରୋ ପ୍ରୋଜେକ୍ଟ ସହ ୪୫୬ ଗୃହପାଳିତ ପଶୁ ଭାସି ଯାଇଛନ୍ତି। ୧୫୦୦ ଲୋକ ବାସହରା ହୋଇଛନ୍ତି। ଲୋକେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମଣ୍ଡି ଜିଲାର ୯୦ ପ୍ରତିଶତ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି।

## ମାଲେସିଆ ମଡେଲଙ୍କୁ ପୂଜାରୀଙ୍କ ଯୌନ ନିର୍ଯାତନା

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ମାଲେସିଆର ଜଣେ ଭାରତୀୟ ବଂଶୋଦ୍ଭବ ଅଭିନେତ୍ରୀ, ମଡେଲ ତଥା ଟିଭି ଉପସ୍ଥାପିକା ଜଣେ ହିନ୍ଦୁ ପୂଜାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ପୂଜାରୀ ଜଣକ ଭାରତୀୟ ଓ ସେ



ଆଶୀର୍ବାଦ ଦେବା ବାହାନାରେ ତାଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି ବୋଲି ସେ କହିଛନ୍ତି। ଏହି ମଡେଲ ଜଣକ ହେଉଛନ୍ତି ଲିସାଲିନି କନରନ। ସେ ୨୦୨୧ରେ ମିସ୍ ଗ୍ରାଣ୍ଡ ମାଲେସିଆ ଟାଇଟଲ ଜିତିଥିଲେ। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏହି ଅଭିଯୋଗ ଆଣିଛନ୍ତି। ଜୁନ୍ ୨୧ରେ ମାଲେସିଆର ସେଲାଙ୍ଗୁର ରାଜ୍ୟର ସେପାଙ୍ଗ ଜିଲ୍ଲାର ମରିଅମ୍ମନ ମନ୍ଦିରରେ ଏହି ଘଟଣା ଘଟିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଏକା ମନ୍ଦିର ଯାଇଥିଲେ। ପ୍ରଥମେ ପୂଜାରୀ ଜଣକ ତାଙ୍କୁ ଭାରତରୁ ଆଣିଥିବା ପବିତ୍ର ଜଳ ଛିଞ୍ଚିବା ପରେ ରକ୍ଷା ସୂତ୍ର ଦେବା କଥା କହିବା ପରେ ଅଶାଳୀନ ବ୍ୟବହାର କରିଥିଲେ। ଇତିମଧ୍ୟରେ ପୂଜାରୀ ଫେରାର ହୋଇଯାଇଛନ୍ତି ଏବଂ ପୁଲିସ ତାଙ୍କୁ ଖୋଜୁଛି।

## କପିଳ ଶର୍ମାଙ୍କ କାଫେରେ ଖଲିସ୍ତାନୀଙ୍କ ଆକ୍ରମଣ

ଓଟାୱା, ୧୦।୭ (ଏଜେନ୍ସି): କାନାଡ଼ାର ବ୍ରିଟିଶ କଲମ୍ବିଆର ସରେ ସ୍ଥିତ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାଫେ ଉପରେ ବୁଧବାର ରାତିରେ ଖଲିସ୍ତାନୀ ଗୁଳିମାଡ଼ କରିଛନ୍ତି। ଉଦ୍‌ଘାଟନର ଦିନକ ପରେ 'କ୍ୟାପ୍‌ସ କାଫେ' ଉପରେ ୯ ରାଉଣ୍ଡ ଗୁଳି ମାଡ଼ କରାଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖଲିସ୍ତାନୀ ଆତଙ୍କବାଦୀ ହରିଜତ ସିଂହ ଲଡ୍ଡାର ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସେ ଏନଆଇଏର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଛି। ବବ୍ବର ଖାଲସା ଇଣ୍ଟରନ୍ୟାସନାଲ ସହ ଜଡ଼ିତ ରହିଛି। ଆକ୍ରମଣକାରୀ ଏହାର ଭିଡିଓ ମଧ୍ୟ ରେକର୍ଡ କରିଛନ୍ତି। ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରୁ ଦେଖିବାକୁ ମିଳୁଛି ଯେ ଆକ୍ରମଣକାରୀ କାର୍‌ରେ ଆସିଥିଲା। କାର୍ ଭିତରୁ ରହି ସେ ଗୁଳିମାଡ଼ କରିଥିଲା।

## ଫେସବୁକ୍ ଲାଇଭ୍‌ରେ ୟୁପି ବ୍ୟବସାୟୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଜଣେ ଋଣଗ୍ରସ୍ତ ରିଅଲ ଇଷ୍ଟେଟ ବ୍ୟବସାୟୀ ଫେସ୍‌ବୁକ ଲାଇଭରେ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ମରିବା ପୂର୍ବରୁ ନିଜର ଝିଅ ପାଇଁ ସହାୟତା ମାଗି ନଜିର କରୁଣ କାହାଣୀ କହି ଯାଇଛନ୍ତି। ଆର୍ଥିକ ସ୍ଥିତି ତାଙ୍କର ଏପରି ଖରାପ ହୋଇଯାଇଥିଲା ଯେ ମଧୁମେହ ପୀଡ଼ିତ ଝିଅ ପାଇଁ ଇନ୍‌ସୁଲିନ ବି କିଣିପାରି ନ ଥିଲେ। ପରିବାରକୁ ସହାୟତା କରିବା ପାଇଁ ସେଲିବ୍ରିଟି, ଶିଳ୍ପପତିଙ୍କୁ ଅନୁରୋଧ କରିଥିଲେ। ବକେୟା ଋଣ ଏବଂ ଆର୍ଥିକ ଚାପ ସହି ପାରୁନାହାନ୍ତି ବୋଲି କହିଥିଲେ। ଲାଇଭ୍ ସମୟର ଭିଡିଓ ଦେଖି ତାଙ୍କ ପରିବାର କୌଣସି ସଦସ୍ୟ ପୁଲିସକୁ ସୂଚନା ଦେଇଥିଲେ।

## ବେଲୁଚିସ୍ତାନରେ ବିଏଲ୍‌ଏର ଅପରେସନ ବାମ୍
## ୧୭ ସାମରିକ ଠିକଣା ଉପରେ ଆକ୍ରମଣ

କରାଚୀ, ୧୦।୭(ଏଜେନ୍ସି): ପାକିସ୍ତାନର ଦକ୍ଷିଣ ପଶ୍ଚିମ ପ୍ରାନ୍ତରେ ସ୍ଥିତ ବେଲୁଚିସ୍ତାନ ପ୍ରଦେଶରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଯୋଜନାବଦ୍ଧ ଭାବେ ସିରିଜ ଆକ୍ରମଣ କରି ହଇଚଇ ସୃଷ୍ଟି କରିଛି। ବିଏଲ୍‌ଏ ମଙ୍ଗଳବାର ବିଳମ୍ବିତ ରାତିରେ କେତୋଟି ଜିଲ୍ଲାରେ କ୍ରମାଗତ ଭାବେ ଆକ୍ରମଣ କରିଛି। ବିଏଲଏ ଏହିକ୍ରମରେ ୧୭ଟି ସାମରିକ ଠିକଣା ତଥା ଚେକ୍ ପୋଷ୍ଟ ଉପରେ ଜୋରଦରା ଆକ୍ରମଣ କରିଛି। କେତୋଟି ସରକାରୀ ବାସଭବନ ଓ ସାମରିକ ଠିକଣା ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାକିସ୍ତାନ ସୈନ୍ୟବାହିନୀ ବଡ଼ଧରଣ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି କୁହାଯାଇଛି। ଏହି ଆକ୍ରମଣ ନେଇ ବିଏଲ୍‌ଏ ନିଜକୁ ଦାୟୀ କରିଛି। ପଞ୍ଜଗୁର, ସୁରବ, କେଚ୍ ଓ ଖରାନରେ ବିଏଲ୍‌ଏ ଏହି ଆକ୍ରମଣ କରି ତା'ର ବିଦ୍ରୋହକୁ ଆହୁରି ଜୋରଦାର କରିଛି। ତେବେ ଏ ନେଇ ପାକିସ୍ତାନ କର୍ତ୍ତୃପକ୍ଷ ତରଫରୁ ଏପର୍ଯ୍ୟନ୍ତ ସବିଶେଷ ଭାବେ କିଛି କୁହାଯାଇନାହିଁ। ଏହି ଆକ୍ରମଣକୁ ସ୍ୱାଧୀନତା ସଂଗ୍ରାମର ଏକ ନୂଆ ସକାଳ ବୋଲି ଅଭିହିତ କରିଛନ୍ତି ବିଏଲ୍‌ଏ ମୁଖପାତ୍ର ମେଜର ଗ୍ୱହରାମ ବାଲୋଚ୍। ଜବାବରେ ପାକ ସେନା ମଧ୍ୟ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏହି ଅପରେସନ ସରିବାର ପରେ ଏ ନେଇ ହୋଇଥିବା ଅଧିକ କ୍ଷୟକ୍ଷତି ସମ୍ପର୍କରେ ସୂଚନା



ଦିଆଯିବ ବୋଲି ବିଏଲ୍‌ଏ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଏଲ୍‌ଏ ୨୦୦୦ରେ ଗଠନ କରାଯାଇଥିଲା। ଗତକେତେ ବର୍ଷ ମଧ୍ୟରେ ବିଏଲ୍‌ଏ ପାକିସ୍ତାନ ସେନା ଉପରେ ସଫଳତାର ସହ ଏକାଧିକ ଆକ୍ରମଣ କରିଛି। ପାକିସ୍ତାନ ସେନା ପାଇଁ ଏବେ ବିଏଲ୍‌ଏ ମୁଣ୍ଡବ୍ୟାଥାର କାରଣ ହୋଇଛି। ଜବାବରେ ପାକିସ୍ତାନ ମଧ୍ୟ ବେଲୁଚିସ୍ତାନରେ ଦମନଲୀଳା ଚଲାଇଛି ବୋଲି ଅଭିଯୋଗ ହୋଇଛି।

# ତାରକାଙ୍କୁ ମହଙ୍ଗା ପଡ଼ିଲା ବେଟିଂ ଆପ୍ ପାଇଁ ପ୍ରଚାର

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବେଆଇନ ବେଟିଂ (ଜୁଆ ଖେଳ) କମ୍ପାନୀଗୁଡିକ ସେଲିବ୍ରିଟିଙ୍କୁ ଆଧାର କରି ନିଜର କଳା ସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ବିଜ୍ଞାପନରେ କ୍ରିକେଟରଙ୍କଠାରୁ ଅଭିନେତା ସହିତ ବଡ଼ ବଡ଼ ସେଲିବ୍ରିଟିଙ୍କୁ ନେଇ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛନ୍ତି। ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଯୁବ ବର୍ଗଙ୍କୁ ଭୁଆଁ ବୁଲାଉଛନ୍ତି।



ଆଉ ଶେଷରେ ଯୁବ ପିଢ଼ି ରାତାରାତି ଧନୀ ହେବା ପାଇଁ ନିଜର କଷ୍ଟ ଅର୍ଜିତ ସମ୍ପତ୍ତି ଲଗାଇ ବେଟିଂ ଆପ୍‌ରେ ସର୍ବସ୍ୱ ହରାଉଛନ୍ତି। ତଥାପି ଏହି ନିଶା ଛାଡ଼ି ନ ପାରି ଚୋରି, ହତ୍ୟା ଆଦି ବି କରିବାକୁ ପଛାଉ ନାହାନ୍ତି। ଏବେ ଏପରି ଏକ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିନେତା ବିଜୟ ଦେବରକୋଣ୍ଡା, ରାଣା ଦାଗୁବତି, ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ପ୍ରଣିତା ସୁଭାଷ, ଟିଭି ଉପସ୍ଥାପିକା ଶ୍ରୀମୁଖୀ, ହର୍ଷା ସାଇଙ୍କ ସମେତ ୨୯ ସେଲିବ୍ରିଟିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏମାନେ ବେଆଇନ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର କରୁଥିବା ଅଭିଯୋଗ

### ଇଡି ଜାଲ୍‌ରେ ୨୯ ସେଲିବ୍ରିଟି
### ନିବେଶ ପାଇଁ ଉତ୍ସାହିତ କରିବାକୁ ନେଇଥିଲେ କୋଟି କୋଟି ଟଙ୍କା

ହୋଇଛି। ହାଇଦରାବାଦର ମିୟାପୁରି ପୁଲିସ ଦ୍ୱାରା ରୁଜୁ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏବେ ଇଡି ଏହି ମାମଲାରେ ହୋଇଥିବା ଆର୍ଥିକ କାରବାରର ସନ୍ଧାନ କରୁଛି। ଆଉ କିଏ କିଏ ଏହି ଜାଲିଆତିରେ ସାମିଲ ଅଛିନ୍ତି ତାହା ଜାଣିବା ଲାଗି ତଦନ୍ତ ଜାରି ରହିଛି।

ଚଳିତ ବର୍ଷ ମାର୍ଚ୍ଚରେ ବ୍ୟବସାୟୀ ପିଏମ ଫଣୀନ୍ଦ୍ର ଶର୍ମା ଏ ନେଇ ଏତଲା ଦେଇଥିଲେ। ସେଲିବ୍ରିଟି ଏବଂ ଇନ୍‌ଫ୍ଲୁଏନ୍ସର ବେଆଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର କରି 'ପବ୍ଲିକ ଗାମ୍ବଲିଂ ଆକ୍ଟ-୧୮୬୭'ର ଉଲ୍ଲଂଘନ କରୁଥିବା କହିଥିଲେ। ନିଜ ଅଞ୍ଚଳରେ ଅନେକ ଯୁବ ବର୍ଗ ଏଭଳି ବେଆଇନ ଆପ୍‌ରେ ଅର୍ଥ ଲଗାଇ ଥିବା ସେ ଜାଣିବାକୁ ପାଇଥିଲେ। ଅର୍ଥ ଲଗାଇବା ପାଇଁ ଲୋକଙ୍କୁ ଉସୁକାଇବା ନିମନ୍ତେ ଏହି ସେଲିବ୍ରିଟିଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଇଥିଲା। ଏହାର ପ୍ରଚାର ମାଧ୍ୟମରେ ବହୁ କୋଟି ଟଙ୍କା ମନି ଲଣ୍ଡରିଂ ହୋଇଛି ବୋଲି ଅଧିକାରୀ କହିଛନ୍ତି।

ଅନ୍ୟପଟେ 'ଏ୨୩ ରମି ଆପ୍' ପାଇଁ ପ୍ରଚାର କରିଥିବା ଅଭିନେତା ବିଜୟ ଦେବରକୋଣ୍ଡା କହିଛନ୍ତି ଯେ ଏହା ଏକ ଦକ୍ଷତା କୈନ୍ଦ୍ରିକ ଗେମିଂ ପ୍ଲାଟଫର୍ମ। ଏହା ବେଆଇନ ବେଟିଂ ଆପ୍ ନୁହେଁ। ଏହି ଆପ୍‌କୁ ସୁପ୍ରିମକୋର୍ଟ ଦକ୍ଷତା କୈନ୍ଦ୍ରିକ ଗେମ୍ ମାନିଥିବା ସେ କହିଛନ୍ତି। ସେହିପରି 'ଜଙ୍ଗଲୀ ରମି' ରାଣା ଏବଂ ପ୍ରକାଶ ରାଜ, 'ୟୋଲୋ ୨୪୭' ଲାଗି ମାଞ୍ଚୁ ଲକ୍ଷ୍ମୀ, ଫେୟାରପ୍ଲେ ପାଇଁ ପ୍ରଣିଥା ଏବଂ ଜିତ୍ ୱିନ୍ ଲାଗି ନିଧି ପ୍ରଚାର କରିଥିଲେ।

## ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ: ସିଦ୍ଧରମୈୟା



ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): କର୍ଣ୍ଣାଟକର କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ଟଣାଓଟରା ବନ୍ଦ ହେବାର ନା ଧରୁନି। ପ୍ରଭାରୀ ରଣଦୀପ ସୁର୍ଯେୱାଲା ବେଙ୍ଗାଲୁରୁ ଆସି ମୁଖ୍ୟମନ୍ତ୍ରୀ ସୁଦ୍ଦରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ଆଲୋଚନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଶିବକୁମାରଙ୍କ ଗୋଷ୍ଠୀର ବିଧାୟକମାନେ ସାର୍ବଜନୀନ ଭାବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ଦାବି କରୁଛନ୍ତି। ଏହା ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଥିଲେ ବି ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁ ବସିଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ପୁଣି ସିଦ୍ଦରମୈୟା ସାମ୍ନାକୁ ଆସି ମୁଖ୍ୟମନ୍ତ୍ରୀ ପରିବର୍ତ୍ତନର ଚର୍ଚ୍ଚାକୁ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏହି ପଦବୀ ଖାଲି ନାହିଁ। କାରଣ ଏବେ ସେ ପଦବୀର ଅଛନ୍ତି। ୫ ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବେ ବୋଲି ପୁଣି ସିଦ୍ଦରମୈୟା ଦାବି କରିଛନ୍ତି।

କିଛି ଦିନ ହେଲା ରାଜ୍ୟରେ ଏହି ପରିବର୍ତ୍ତନ ପବନ ଜୋର୍‌ରେ ବହୁଥିବା ବେଳେ ସିଦ୍ଦରମୈୟା ଦିଲ୍ଲୀ ଗସ୍ତରେ ପହଞ୍ଚିଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ, ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବରିଷ୍ଠ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଅଢେଇ ବର୍ଷରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଶପଥ ଗ୍ରହଣ ପୂର୍ବରୁ ନିଷ୍ପତ୍ତି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲା।

## ୩ ବର୍ଷରେ ଏନ୍‌ଏଚ୍‌ରେ ଭୁଶୁଡ଼ିଲାଣି ୨୧ ପୋଲ

ଭଦୋଦରା, ୧୦।୭ (ଏଜେନ୍ସି): ଗୁଜରାଟ ଭଦୋଦରାର ମହିସାଗର ନଦୀ ଉପରେ ନିର୍ମିତ ଗମ୍ଭୀରା ପୋଲ ଭୁଶୁଡ଼ିବା ଘଟଣା ସରକାରୀ ଅବହେଳାର ଚରମ ନିଦର୍ଶନ। ମୋର୍ବି ଝୁଲା ପୋଲ ଦୁର୍ଘଟଣା ପରେ ବି ସରକାର କିଛି ବି ଶିକ୍ଷା ଗ୍ରହଣ କଲେଣି। ପ୍ରଶାସନିକ ଅବହେଳା, ସୁରକ୍ଷା ମାନଦଣ୍ଡ ପାଳନ ନ କରିବା, ଖାଲି ରଙ୍ଗ ମାରି ମରାମତି କାମ ସାରିଦେବା ଯୋଗୁଁ ମୋର୍ବିରେ ୧୪୧ ଜଣ ନୀରିହଙ୍କ ଜୀବନ ଯାଇଥିଲା। ଗମ୍ଭୀରାରେ ମଧ୍ୟ ତାହାର ପୁନରାବୃତ୍ତି ଘଟିଛି। ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କଲାନାହିଁ। ଶେଷରେ ବୁଧବାର ସକାଳେ ଏହି ପୋଲର ମଝିର ଗୋଟିଏ ସ୍ଲାବ ନଦୀକୁ ଖସି ପଡ଼ିଥିଲା। ଏଥିଯୋଗୁଁ ୨ଟି ଲେଖାଏଁ ଟ୍ରକ୍ ଓ କାର୍, ଗୋଟିଏ ଅଟୋ ଏବଂ ବାଇକ ନଦୀକୁ ଖସି ପଡ଼ିଥିଲା। ଏହି ମୃତ୍ୟୁସଂଖ୍ୟା ଗୁରୁବାର ୧୭କୁ ବୃଦ୍ଧି ପାଇଛି। ଆଜି ନଦୀରୁ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଉଛି। ଆହୁରି ୩ ଜଣ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାର ୩ ଜଣ ସଦସ୍ୟ ସାମିଲ ଅଛନ୍ତି। ମୋର୍ବି ଦୁର୍ଘଟଣା ପରେ ସରକାର ଖାଲି ଯାଞ୍ଚ ନିର୍ଦ୍ଦେଶ ଦେଇ ବସି ଯାଇଥିଲେ। କୌଣସି ତତ୍ପରତା ଦେଖାଇ ନ ଥିଲେ। ସେଥିପାଇଁ ପୁଣି ନିରୀହ ଲୋକଙ୍କ ଜୀବନ ଚାଲିଗଲା ବୋଲି ଲୋକେ କହୁଛନ୍ତି।

### ୫ ବର୍ଷରେ ଭାଙ୍ଗି ଯାଇଛି ୪୨ ପୋଲ
### ୪୦ ବର୍ଷରେ ଭୁଶୁଡ଼ିଲାଣି ୨୧୩୦ ପୋଲ

୧୯୮୧-୮୨ରେ ଉତ୍ତର ପ୍ରଦେଶ ରାଜ୍ୟ ସେତୁ ନିଗମ ଗମ୍ଭୀରା ପୋଲ ନିର୍ମାଣ କରିଥିଲା। ସୂଚନା ଅନୁଯାୟୀ ୨୦୧୫ରେ ଏହା ଶୋଚନୀୟ ହୋଇ ଯାଇଥିଲା। ସେ ସମୟରେ ସରକାର ଯାଞ୍ଚ କରି ପୋଲର ବେୟରିଙ୍ଗ ବଦଳାଇ ଥିଲେ। ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏଭଳି ସ୍ଥିତି ହୋଇଥିଲା। ବାରମ୍ବାର ଦେଶରେ ପୋଲ ଭୁଶୁଡୁ ଥିବାବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଠିକାଦାର, ଅଧିକାରୀ, ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲାଞ୍ଚ କାରବାର ଚାଲିଛି। କୌଣସି ପ୍ରକଳ୍ପ ପାଇଁ ଲାଞ୍ଚ ନ ଦେଲେ କାର୍ଯ୍ୟ ହେଇପାରୁ ନାହିଁ। ଏହା ସୁରକ୍ଷା ବଦଳରେ ଅର୍ଥ ଉପାର୍ଜନର ଏକ ବଡ଼ ମାଧ୍ୟମ ପାଲଟି ଯାଇଛି। ନିମ୍ନମାନର କାମ କରି ସାଧାରଣ ଜନତାଙ୍କୁ ବଳି ଦିଆଯାଉଛି। ଆଉ ନେତାମନ୍ତ୍ରୀ ଅନୁକମ୍ପାମୂଳକ ସହାୟତା ଦେଇ ଖାଲି ବସି ପଡୁଛନ୍ତି। ମାତ୍ର ସ୍ଥିତି ଯଥା ପୂର୍ବଂ ତଥା ପରଂ ହେଉଛି। କିନ୍ତୁ ପରିତାପର ବିଷୟ ଏହି କି ଯେ ବ୍ରିଟିଶ ଏବଂ ରାଜରାଜୁଡ଼ା ଅମଳର ପୋଲ ଆଜି ଯାଏଁ ସେମିତି ଥିବାବେଳେ ସ୍ୱାଧୀନତା ପରେ ନିର୍ମିତ ଅନେକ ପୋଲ ଭୁଶୁଡ଼ି ଯିବା ଦେଶରେ ଦୁର୍ନୀତିର କିଭଳି ଭାବେ ବ୍ୟାପିଛି ତାହାକୁ ଦର୍ଶାଉଛି।

ସରକାର ଉପଗ୍ରହ ମାଧ୍ୟମରେ ରାସ୍ତା ନିର୍ମାଣ ଉପରେ ଧ୍ୟାନ ରଖୁଥିବା ଦାବି କରୁଛନ୍ତି। ମାତ୍ର ରିପୋର୍ଟ ଭିନ୍ନ ତଥ୍ୟ ଦେଉଛି। ସାରା ଦେଶରେ ସାମାନ୍ୟ ବର୍ଷାରେ ଜାତୀୟ ରାଜପଥଗୁଡିକର ସ୍ଥିତି କଣ ତାହା ଭାଇରାଲ ହେବାରେ ଲାଗିଛି। ଗତ ତିନି (୨୦୨୧-୨୦୨୪) ବର୍ଷରେ ଏନଏଚ୍‌ରେ ଥିବା ୨୧ ପୋଲ ଭୁଶୁଡ଼ି ଯାଇଛି। ୬ଟି ନିର୍ମାଣାଧୀନ ପୋଲ ମଧ୍ୟ ସାମିଲ ରହିଛି। ସରକାରଙ୍କ ପକ୍ଷରୁ ରାଜ୍ୟସଭାରେ ଏହି ସୂଚନା ଦିଆଯାଇଥିଲା। ସେହିପରି ଗତ ୫ ବର୍ଷ (୨୦୧୯-୨୦୨୪) ୪୨ଟି ପ୍ରମୁଖ ଏବଂ କ୍ଷୁଦ୍ର ପୋଲ ଭୁଶୁଡ଼ି ଯାଇଥିଲା। ଗତ ବର୍ଷ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ୨୦୨୦ର ଏକ ଅଧ୍ୟୟନ ଅନୁଯାୟୀ ୧୯୭୭ରୁ ୨୦୧୭ ମଧ୍ୟରେ ୨,୧୩୦ ପୋଲ ଭୁଶୁଡ଼ି ଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦.୩ ପ୍ରତିଶତ, ଖରାପ ସାମଗ୍ରୀ ପାଇଁ ୧୦.୧ ପ୍ରତିଶତ ଏବଂ ଓଭରଲୋଡିଂ (ଅତ୍ୟଧିକ ଭାର) ଲାଗି ୩.୨୮ ପ୍ରତିଶତ ପୋଲ ଭୁଶୁଡ଼ି ପଡ଼ିଥିଲା।

## ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଥରୁରଙ୍କ ବିଷୋଦ୍‌ଗାର

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାରି କରିଥିବା ଜରୁରୀ ପରିସ୍ଥିତି ବା ଏମର୍ଜେନ୍ସିକୁ ବିରୋଧ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର। ସେ ଏମର୍ଜେନ୍ସିକୁ ଭାରତୀୟ ଇତିହାସର କଳା ଅଧ୍ୟାୟ



ଥିଲା ବୋଲି କହିଛନ୍ତି। ଏଥିରୁ ଶିକ୍ଷା ନେବା ଜରୁରି ବୋଲି ମାଲାୟାଲମ ଖବରକାଗଜ 'ଦୀପିକା'ରେ ଲେଖିଥିବା ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି। ଇନ୍ଦିରାଙ୍କର ସମାଲୋଚନା କରି ସେ ଲେଖିଛନ୍ତି ଯେ ପରିବାର ନିୟନ୍ତ୍ରଣ ପାଇଁ ଜବରଦସ୍ତି ଅସ୍ତ୍ରୋପଚାର ବା ନସବନ୍ଦୀ ଅଭିଯାନ ଏକ କ୍ରୂର ନିଷ୍ପତ୍ତି ଥିଲା। ପୁଅ ସଂଜୟ ଗାନ୍ଧୀଙ୍କ ଏଭଳି ଅଭିଯାନକୁ ଇନ୍ଦିରା ସମର୍ଥନ କରିଥିଲେ। ସେହିଭଳି ଦିଲ୍ଲୀରେ ଯେଉଁଭଳି ବସ୍ତି ଉଚ୍ଛେଦ କରାଗଲା ତାହା ନିର୍ଯାତନାର ସବୁ ସୀମା ଟପିଯାଇଥିଲା। ଏଥିରେ ଅତିଷ୍ଠ ହୋଇ ଦେଶବାସୀ ଇନ୍ଦିରାଙ୍କୁ କ୍ଷମତାଚ୍ୟୁତ କରିଥିଲେ ବୋଲି ଥରୁର ଉଲ୍ଲେଖ କରିଛନ୍ତି। ଅସୁସାଶନ ଓ ବ୍ୟବସ୍ଥା ପାଇଁ ନିଆଯାଉଥିବା ପଦକ୍ଷେପ ବେଳେବେଳେ କ୍ରୂରତାରେ ପରିଣତ ହୋଇଥାଏ ଓ ଏହାକୁ ଉଚିତ ବୋଲି କଦାପି କୁହାଯାଇ ପାରିବ ନାହିଁ। କଂଗ୍ରେସ କାର୍ଯ୍ୟକାରିଣୀର ସଭ୍ୟ ଥାଇ ନିଜ ଦଳର ପ୍ରଧାନମନ୍ତ୍ରୀଙ୍କୁ ଥରୁରଙ୍କ ଏଭଳି ସମାଲୋଚନା ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଦଳ ଭିତରେ ଥାଇ କଂଗ୍ରେସ ସହିତ ତାଙ୍କର ସଂପର୍କ ତିକ୍ତ ରହିଛି। ଆନୁଷ୍ଠାନିକ ଭାବେ କଂଗ୍ରେସ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ଜଣେ ନେତା ଏହାକୁ ଥରୁରଙ୍କ ମୁହଁରେ ବିଜେପି ଭାଷା ବୋଲି କହିଛନ୍ତି।

## ୟୁକ୍ରେନ ଉପରେ ୪୦୦ ଡ୍ରୋନ ଓ ୧୮ କ୍ଷେପଣାସ୍ତ୍ର ମାଡ଼

କିଭ୍, ୧୦।୭ (ଏଜେନ୍ସି): ରୁଷ୍ ପୁଣି ୟୁକ୍ରେନ ଉପରେ ବଡ଼ ଆକ୍ରମଣ କରିଛି। ଗୁରୁବାର ସକାଳେ ୪୦୦ ଡ୍ରୋନ ଏବଂ ୧୮ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଅନେକ କୋଠା, ଗ୍ୟାରେଜ ଏବଂ ପେଟ୍ରୋଲ ପମ୍ପରେ ମଧ୍ୟ ନିଆଁ ଲାଗି ଯାଇଛି। ସପ୍ତାହରେ ତୃତୀୟ ପାଇଁ ରୁଷ୍ ଏଭଳି ଆକ୍ରମଣ କରି ୟୁକ୍ରେନ ବାୟୁରକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି। ଏହା ମଧ୍ୟରେ ଆଜି ୟୁକ୍ରେନ ରାଷ୍ଟ୍ରପତି ରୋମ୍‌ରେ ଆମେରିକା ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହି ବୈଠକରେ ପୁନଃନିର୍ମାଣକୁ ଧ୍ୟାନ ଦିଆଯିବ ବୋଲି ୟୁକ୍ରେନ ବିଦେଶମନ୍ତ୍ରୀ କହିଛନ୍ତି। ସେହିପରି ଆମେରିକା ବିଦେଶମନ୍ତ୍ରୀ ଆଜି ମାଲେସିଆରେ ନିଜ ରୁଷ୍ ସମକକ୍ଷଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

## ୟୁରୋପୀୟ ସହରରେ ଗ୍ରୀଷ୍ମପ୍ରବାହ; ୨୩୦୦ ମୃତ

ଲଣ୍ଡନ, ୧୦।୭ (ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହା ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ଅସହ୍ୟ ଗୁଳୁଗୁଳି ଲୋକଙ୍କ ଜୀବନ ନେବାରେ ଲାଗିଛି। ଏଥିଯୋଗୁଁ ୧୨ ୟୁରୋପୀୟ ସହରରେ ୨୩୦୦ ଲୋକ ପ୍ରାଣ ହରାଇଲେଣି। କେବଳ ପର୍ତ୍ତୁଗାଲରେ ୨୮୪ ଜଣଙ୍କ ମୃତ୍ୟୁ ହୋଇଛି। ଲଣ୍ଡନର ଇମ୍ପେରିଆଲ କଲେଜ ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ଅନୁଯାୟୀ ଗତ ୧୦ ଦିନରେ ଲଣ୍ଡନ, ମାଦ୍ରିଦ, ବାର୍ସିଲୋନା ଏବଂ ମିଲାନ ଭଳି ସହର ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ସ୍ପେନ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି। ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

# ଛଙ୍ଗୁର ବାବାଙ୍କ ଧର୍ମାନ୍ତରୀକରଣର କଳା ସାମ୍ରାଜ୍ୟ

ବଳରାମପୁର, ୧୦।୭(ଏଜେନ୍ସି): ଉତ୍ତରପ୍ରଦେଶ ଧର୍ମାନ୍ତରଣର ମାଷ୍ଟର ମାଇଣ୍ଡ ଜଲାଲୁଦ୍ଦିନ ଓର୍ଫ ଛଙ୍ଗୁର ବାବାଙ୍କ କଳା ସାମ୍ରାଜ୍ୟ ନେଇ ଧିରେ ଧିରେ ଚକିତ କଲା ଭଳି ବିଭିର୍ଣ୍ଣ ତଥ୍ୟ ସାମ୍ନାକୁ ଆସୁଛି। ତା'ର ୪୦ଟି ବ୍ୟାଙ୍କ ଆକାଉଣ୍ଟ ଥିଲା ଓ ଏଥିରେ ମୋଟ୍ ୧୦୬ କୋଟି ଟଙ୍କା ମହଜୁଦ ଥିଲା। ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ତାଙ୍କୁ ଏହି ଅର୍ଥ ମିଳିଥିଲା। ଶନିବାର ଲକ୍ଷ୍ନୌର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଛଙ୍ଗୁର ବାବା ଓ ତା'ର ସହଯୋଗୀ ନୀତୁ ଓର୍ଫ ନସରିନଙ୍କୁ ପୁଲିସ ଗିରଫ କରିଥିଲା। ଉତ୍ତରପ୍ରଦେଶ ବଳରାମପୁର ଜିଲ୍ଲାରେ ଧର୍ମାନ୍ତରଣ ନେଇ ସେ ଜାଲ ବିଛାଇବା ସହ ଅତି ଚତୁରତାର ସହ ର୍‍ୟାକେଟ୍ ଚଳାଇଥିଲା ଓ ବହୁ ହିନ୍ଦୁ ଝିଅ ଓ ଲୋକଙ୍କୁ ମୁସଲମାନ କରିବାର ସକ୍ଷମ ହୋଇଥିଲା।

କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ତା'ର କୋଠି ଉପରେ ବୁଲଡୋଜର ଚଳାଯାଇଥିଲା। ବୁଧବାର ସକାଳେ ବଳାରମପୁର ପ୍ରଶାସନ ୧୦ଟାରେ ତାର କୋଠୀରେ ପହଞ୍ଚିଥିଲା। ଏହି କୋଠି ଭିତର ଏକ ମିନି ପାୱାର ହାସଉ ଦେଖିବାକୁ ମିଳିଥିଲା। ବାଥରୁମ୍‌ରେ ବିଦେଶୀ ବ୍ରାଣ୍ଡର ଜିନିଷ ମିଳିଥିଲା। କୋଠିରେ ୬ଟି ଜର୍ମାନୀ ସେଫର୍ଡ କୁକୁର ଓ ଗୋଟିଏ ଘୋଡା ରହିଥିଲା। ଏହି କୁକୁରଗୁଡିକୁ ନିକଟରେ ଥିବା ଗାଁର ଲୋକେ ଉଠାଇ ନେଇଛନ୍ତି। କିନ୍ତୁ ପୁଲିସର ଚେତାବନୀ ପରେ ଗାଁ ଲୋକେ ଏହି କୁକୁରଗୁଡିକ ଫେରାଇଦେଇଥିଲେ। ୧୫୦୦ ବର୍ଗଫୁଟ୍‌ରେ ଅବୈଧ ଭାବେ ନିର୍ମିତ ଏହି କେଠିକୁ ବୁଲଡୋଜର ମାଧ୍ୟମରେ ମାଟିରେ ମିସାଇ ଦିଆଯାଇଥିଲା ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି। ଆହୁରି ୫୦୦ ବର୍ଗଫୁଟ୍‌ର ଅବୈଧ ନିର୍ମାଣକୁ ମାଟିରେ ମିସାଇବା ବାକି ରହିଛି। ଗୁରୁବାର ଏହା କରାଯିବ ବୋଲି କୁହାଯାଇଛି। ୩ କୋଟି ଟଙ୍କା ମୂଲ୍ୟରେ ୩ ବିଘା ଜମିରେ ନିର୍ମିତ ଏହି କୋଠିରେ ୭୦ରୁ ଅଧିକ କୋଠରୀ ରହିଥିଲା। ଏହିଠାରେ ରହି ସେ ଧର୍ମାନ୍ତରଣର ନେଟ୍‌ୱର୍କ ଚଳାଉଥିଲା। ସାଥିô ନୀତୁର ଧର୍ମପରିବର୍ତ୍ତନ କରି ତାକୁ ନାସରିନ ବନାଇଥିଲା ଏହି ବାବା। ପୁଲିସ ତା ନାମରେ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ତଦନ୍ତ ଆଗକୁ ଚାଲିଲେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

### ୪୦ ଆକାଉଣ୍ଟରେ ୧୦୬ କୋଟି ଟଙ୍କା
### କୋଠିରେ ୬ ଜର୍ମାନୀ ସେଫର୍ଡ, ୧ ଘୋଡ଼ା



ଗରିବ, ଶ୍ରମିକ, ବିଧବା, ନିସହାୟ ମହିଳା, ଅତି ଗରିବଶ୍ରେଣୀ ଲୋକଙ୍କୁ ଆର୍ôଥକ ସହାୟତା, ବିବାହର କରାଇଦେବାର ପ୍ରଲୋଭନ ଦେଖାଇ ସେ ସେମାନଙ୍କ ଧର୍ମ ପରିବର୍ତ୍ତନ କରୁଥିଲା। ଅବଶ୍ୟକ ପଡ଼ିଲେ ସେ ଏଥିପାଇଁ ବଳ ପ୍ରୟୋଗ ମଧ୍ୟ କରୁଥିଲା ବୋଲି ପୁଲିସ କହିଛି। ଛଙ୍ଗୁର ବାବାର ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିଲା କି ନା ସେ ନେଇ ପୁଲିସ ତଦନ୍ତ ଚଳାଇଛି। ଏକଦା ସାଇକେଲର ପାର୍ଟ ବିକ୍ରି କରୁଥିବା ଏହି ବାବା ଗାଁ ମୁଖିଆ ହୋଇଥିଲା ଓ ଏହାପରେ ଜାଲ ବିଛାଇ କୋଟିପତି ହେବାରେ ସଫଳ ହୋଇଥିଲା। ଛଙ୍ଗୁର ବାବାର ଏହି କାର୍ଯ୍ୟକଳାପ କେବଳ ସାମାଜ ନୁହେଁ ଦେଶ ବିରୋଧରେ ଉଦିଷ୍ଟ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

## ଡାକ୍ତରଙ୍କ ଘରୁ 'ସ୍ପେସାଲ-୨୬' ଶୈଳୀରେ ଡକାୟତି

# ଭିଜିଲାନ୍ସ ଅଧିକାରୀ କହି ସର୍ବସ୍ୱ ଲୁଟିନେଲେ

ଡେରାବିଶ, ୧୦।୭(ସମିସ): ବଲିଉଡ୍ ସିନେମା 'ସ୍ପେସାଲ-୨୬' ଶୈଳୀରେ ଆଜି କିଛି ଦୁର୍ବୃତ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରେ ଜଣେ ଡାକ୍ତରଙ୍କ ଘରୁ ଲୁଟ୍‌ପାଟ୍ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପାଖାପାଖି ୬ଜଣ ଦୁର୍ବୃତ୍ତ ନିଜକୁ ଭିଜିଲାନ୍ସ ଅଧିକାରୀ ପରିଚୟ ଦେଇ ଦିନ ଦି'ପହରରେ ଏହି ଘଟଣା ଘଟାଇଛନ୍ତି। ଲୁଟ୍‌ର ଶିକାର ଡାକ୍ତରଜଣଙ୍କ ହେଲେ, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗାଁର ମହମ୍ମଦ ଜଲିଲ୍ ଅହମ୍ମଦ ଖାଁ। ଦୁର୍ବୃତ୍ତମାନେ ତାଙ୍କ ଘରୁ ୧୫୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ନଗଦ ଦୁଇଲକ୍ଷ ଟଙ୍କା ଓ ତିନୋଟି ମୋବାଇଲ ଲୁଟି ନେଇଛନ୍ତି। ଡେରାବିଶ ପୁଲିସ୍ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



ସୂଚନା ମୁତାବକ, ଆଜି ଅପରାହ୍ଣ ପାଖାପାଖି ୨ଟାରେ ୩ଟି ବାଇକ୍‌ରେ ପାଖାପାଖି ୬ଜଣ ଲୋକ ଡାକ୍ତର ଖାଁଙ୍କ ଘର ପାଖରେ ପହଞ୍ଚିଥିଲେ। ଦୁଇଜଣ ଘର ବାହାରେ ରହିଥିବା ବେଳେ ଅନ୍ୟ ଚାରିଜଣ ଘର ଭିତରକୁ ପଶିଥିଲେ। ସେମାନେ ନିଜକୁ ଭିଜିଲାନ୍ସ ଅଧିକାରୀ ଓ ଭୁବନେଶ୍ୱରରୁ ଆସିଥିବା କହି ଚଢ଼ଉ କରିବାର ବାହାନା କରିଥିଲେ। ଜଲିଲ୍ ସେମାନଙ୍କ ପରିଚୟପତ୍ର ଓ ଚଢ଼ଉ ଜନିତ କାଗଜପତ୍ର ଦେଖାଇବା ପାଇଁ କହିବାରୁ ସେମାନେ ଓଲଟି ଧମକଚମକ ଦେଇଥିଲେ। ଅଯଥାରେ ପ୍ରଶ୍ନ ନକରି ସହଯୋଗ କର ବୋଲି ଧମକାଇଥିଲେ। ପରେ ସେମାନେ ଘରର ସମସ୍ତ ବ୍ୟକ୍ତିଙ୍କ ପାଖରୁ ସେମାନଙ୍କ ମୋବାଇଲ ନେଇଯାଇ ସେମାନଙ୍କୁ ଅଟକ ରଖିଥିଲେ। ପରେ ଘରେ ଲାଗିଥିବା ସମସ୍ତ ସିସିଟିଭି ସଂଯୋଗକୁ କାଟିଦେଇଥିଲେ। ଜଲିଲ ଓ ତାଙ୍କ ପରିବାର ରହୁଥିବା ପ୍ରତ୍ୟେକ ରୁମ୍‌କୁ ଯାଇ ସେଠାରେ ଥିବା ଆଲମିରା ଚାବି ଓ ଲକର୍ ଚାବି ମାଗିଥିଲେ। ପ୍ରତ୍ୟେକ ଘରର ଆଲମିରା ଓ ଲକର ଖୋଲି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଇତ୍ୟାଦି ବାହାର କରି ସେଗୁଡ଼ିକ ହିସାବ କରିବା ପାଇଁ ଗୋଟିଏ ସ୍ଥାନରେ ରଖିଥିଲେ। ଇତିମଧ୍ୟରେ ଜଲିଲ ଠକାମିର ଶିକାର ହେଉଥିବା ସନ୍ଦେହ କରି ବାରମ୍ବାର ସେମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ବିରକ୍ତିଭାବ ପ୍ରକାଶ କରିବା ସହିତ ଜଲିଲ, ତାଙ୍କ ସ୍ତ୍ରୀ, ପୁଅ ଓ ଭାଇଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦେଇ ବାହାରୁ କବାଟ ବନ୍ଦ କରିଦେଇଥିଲେ।

ପରେ ସେମାନେ ଘରର ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଡାକ ପକାଇବାରୁ ଜଲିଲଙ୍କ ପଡ଼ୋଶୀ, ପୁତୁରା ଆସି ସେମାନଙ୍କୁ କବାଟ ଖୋଲି ପଦାକୁ ବାହାର କରିଥିଲେ। ତେବେ ଦୁର୍ବୃତ୍ତମାନେ ପାଖାପାଖି ଦେଢ଼ ଘଣ୍ଟା ଧରି ଏହି ଜଲିଲଙ୍କ ଘରୁ ଲୁଟପାଟ୍ କରି ଫେରାର୍ ହୋଇଯାଇଥିଲେ ମଧ୍ୟ ପଡ଼ୋଶୀ ଏହାର କୌଣସି ସୁରାକ ପାଇ ନ ଥିଲେ।

## ଜମିରେ ପାଣି ମଡ଼ାଇବା ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଶଳା-ଭିଣୋଇ ମୃତ

କୋକସରା,୧୦।୭(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜମିରେ ପାଣି ମଡ଼ାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀଦ୍ୱୟ ହେଲେ, ବଡ଼ପୋଡ଼ାଗୁଡ଼ା ଗ୍ରାମର ଧନୁର୍ଯ୍ୟ ମଶ୍ରା ଓ କଛାରପଡାର ଅନିରୁଦ୍ଧ ନାଏକ। ସେମାନେ ସଂପର୍କରେ ଶଳା-ଭିଣୋଇ ବୋଲି ଜଣାଯାଇଛି।





ସକାଳୁ ସକାଳୁ ଅନିରୁଦ୍ଧ ଓ ଧନୁର୍ଯ୍ୟ ବଡ଼ପୋଡାଗୁଡା ମୁଟୁରା ନଦୀକୂଳରେ ଥିବା ଚାଷ ଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ। ଚାଷ ଜମିରେ ପମ୍ପ ଯୋଗେ ପାଣି ମଡ଼ାଉଥିବା ସମୟରେ ସେମାନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଆମପାଣି ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଉଭୟ ଅନିରୁଦ୍ଧ ଓ ଧନୁର୍ଯ୍ୟ ଗରିବ ଶ୍ରେଣୀର। ସେମାନେ ଘରର ମୁରବୀ ଥିଲେ। ସେମାନଙ୍କ ରୋଜଗାରରେ ପରିବାର ଚାଲୁଥିଲା। ଏହି ଘଟଣା ପରେ ସେମାନଙ୍କ ପରିବାରଲୋକେ ଭାଙ୍ଗି ପଡିଛନ୍ତି। ଘଟଣା ପରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ସେହିଭଳି ଉଭୟଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗାଁ ଲୋକେ ମଧ୍ୟ ଦାବି କରିଛନ୍ତି।

## ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ

# ସରକାର ଭୁଲିଗଲେ ରାଜ୍ୟବାସୀଙ୍କ ସ୍ୱାର୍ଥ

ଭୁବନେଶ୍ୱର,୧୦।୭(ସମିସ): ରାଞ୍ଚିଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ କରିବେ ବୋଲି ଆଶା ରଖିଥିଲେ ରାଜ୍ୟବାସୀ। ମାତ୍ର ଏହି ଦିନିକିଆ ବୈଠକରେ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କେବଳ ନିଜ ସରକାରଙ୍କ ପ୍ରଶଂସା ଗାଇଛନ୍ତି ଓ ନିଜ ପିଠି ନିଜେ ଥାପୁଡ଼େଇଛନ୍ତି। ମାଳମାଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସରକାରଙ୍କ ପାଇଁ ଗୌଣ ହୋଇ ଯାଇଛି। କେନ୍ଦ୍ରୀୟ ସହାୟତା ହ୍ରାସ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା, ୧୬୦ରୁ ଊର୍ଦ୍ଧ୍ୱ ବର୍ଗଙ୍କୁ ଅନୁସୂଚୀତ ଜାତି ମାନ୍ୟତା, କୋଇଲା ରାଜଭାଗ ବୃଦ୍ଧି, ଗ୍ରୀନ୍ ସେସ୍‌ରୁ ଭାଗ, ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ସ୍ଥାପନ, ଉପାନ୍ତ ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପରି ରାଜ୍ୟବାସୀଙ୍କ ଅନେକ ଦାବି ଏହି ବୈଠକରେ ସରକାର ଉଠାଇନାହାନ୍ତି। ତେବେ ରାଜ୍ୟର ୬୭୯୪ଟି ଗ୍ରାମ ପଞ୍ଚାୟତରୁ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ଉପଲବ୍ଧ ନଥିବା ୪୩୭୩ ପଞ୍ଚାୟତରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ସ୍ଥାପନ କରିବା ପାଇଁ ଗୋଟିଏ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୈଠକରେ ମୁଖ୍ୟମନ୍ତ୍ରୀ ନିଜ ସରକାରଙ୍କ ବିଭିନ୍ନ ଯୋଜନା ଓ

**■ କେବଳ ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କ ସେବା ଦାବି**
**■ ନିଜକୁ ନିଜେ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ମୋହନ**

ପଦକ୍ଷେପ ସମ୍ପର୍କରେ ବୈଠକରେ ବଖାଣିଛନ୍ତି।

ପୂର୍ବରୁ କ୍ଷେତ୍ରୀୟ ପରିଷଦ ବୈଠକଗୁଡ଼ିକରେ ତତ୍କାଳୀନ ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଲଗାତାର ଭାବେ ଉତ୍ଥାପନ କରି ଆସୁଥିଲେ। କୋଇଲା ରାଜଭାଗ, ବୃଦ୍ଧି, ରାଜ୍ୟରେ ଟେଲିକମ୍ ସେବାର ଉନ୍ନତିକରଣ, ବିଭିନ୍ନ ସମ୍ପ୍ରଦାୟକୁ ଜନଜାତିର ମାନ୍ୟତା ପ୍ରଦାନ ଦାବି ସହ କେନ୍ଦ୍ରୀୟ ଅନୁଦାନରେ ଅର୍ଥ ହ୍ରାସକୁ ନେଇ ଉଦବେଗ ପ୍ରକାଶ କରୁଥିଲେ। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା, ଆମେ ପଢ଼ିବା ଆମ ଭାଷାରେ, ଗୋପବନ୍ଧୁ-ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା, ଜାତୀୟ ଶିକ୍ଷା ନୀତି-୨୦୨୦ର ଲାଗୁ ହେବା, ରାଜ୍ୟରେ ଫାଷ୍ଟଟ୍ରାକ କୋର୍ଟର ପ୍ରତିଷ୍ଠା, ସହରାଞ୍ଚଳ ମାଷ୍ଟର ପ୍ଲାନ, ଶ୍ରୀ ଅନ୍ନ ଅଭିଯାନ, ଶକ୍ତି କ୍ଷେତ୍ରରେ ସଂସ୍କାର ମୂଳକ ନୀତି କଥା ବଖାଣିଛନ୍ତି। ଏହାବ୍ୟତୀତ ରାଜ୍ୟରେ ଗ୍ରାମ ପଞ୍ଚାୟତସ୍ତରରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚର ଉପଲବ୍ଧତା ନେଇ ନିଜର ଉଦବେଗ ପ୍ରକାଶ କରିଛନ୍ତି। ଯେଉଁ ପଞ୍ଚାୟତରେ ଏହି ସେବା ଉପଲବ୍ଧ ନାହିଁ, ସେଠାରେ ରାଜ୍ୟ ସରକାର ୬ଟି ବ୍ୟାଙ୍କ ସହ ଆଲୋଚନା କରି ଗ୍ରାହକ ସେବା କେନ୍ଦ୍ର(ସିଏସପି) ଆଉଟଲେଟ ଖୋଲିବାର ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୭୪୨ଟି ସିଏସପି ଆଉଟଲେଟ ଖୋଲା ଯାଇଥିବା ବେଳେ ବଳକା ୧୬୩୧ ଗ୍ରାମ ପଞ୍ଚାୟତରେ ଖୁବଶୀଘ୍ର ଖୋଲାଯିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ବୈଠକରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେବାରେ କୌଣସି ଅସ୍ୱାଭାବିକତା ନାହିଁ। ତେବେ ରାଜ୍ୟର ମୌଳିକ ସମସ୍ୟା, ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମ୍ପର୍କରେ ଉତ୍ଥାପନ ନକରି ଏକ ବଡ଼ ସୁଯୋଗ ହାତଛଡ଼ା କରିଛନ୍ତି ବୋଲି ମତପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶର ପ୍ରୟୋଗଶାଳା ହେବ ବୋଲି କହି ଆସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୁଖରତାର ସହ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଉତ୍ଥାପନ କରିବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଫଂସର ଫାଟିଲା ସରକାରୀ ଷଡ଼ଯନ୍ତ୍ର

## ରାହୁଲଙ୍କ ସଭାକୁ ଯାଉଥିବା ଗାଡ଼ିକୁ ରୋକିବନି ମହାସଂଘ

ଭୁବନେଶ୍ୱର,୧୦।୭(ସମିସ): ରାହୁଲ ଗାନ୍ଧୀଙ୍କ ସମାବେଶକୁ ଆସୁଥିବା ସବୁ ଗାଡ଼ି ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଛି ଓଡ଼ିଶା ଡ୍ରାଇଭର ମହାସଂଘ । ସଭାପତି ପ୍ରଶାନ୍ତ ମେଣ୍ଡୁଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ରାହୁଲଙ୍କ ସଭାକୁ ଆସୁଥିବା ଗାଡ଼ିଗୁଡ଼ିକୁ ଛାଡ଼ିଦେବା ପାଇଁ ଆନ୍ଦୋଳନରତ ଡ୍ରାଇଭରମାନଙ୍କୁ ବାର୍ତ୍ତା ପଠାଇଛନ୍ତି। ସେ କହିଛନ୍ତି ଯେ ଶୁକ୍ରବାର ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସୁଛନ୍ତି; ତେଣୁ ପିସିସି ସଭାପତିଙ୍କଠାରୁ ଆରମ୍ଭ କରି ବିଧାୟକମାନେ କଂଗ୍ରେସ କର୍ମୀମାନଙ୍କୁ ଆଣୁଥିବା ଗାଡ଼ି ଛାଡ଼ିବା ପାଇଁ ନିବେଦନ କରିଥିଲେ। ସେମାନଙ୍କୁ କୌଣସି ହଇରାଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏହି ଆଧାରରେ କଂଗ୍ରେସ କର୍ମୀମାନେ ଯାଉଥିବା କୌଣସି ଗାଡ଼ିକୁ ଆନ୍ଦୋଳନରତ ଡ୍ରାଇଭରମାନେ ନ ଅଟକାଇବାକୁ ଶ୍ରୀ ମେଣ୍ଡୁଲି କହିଛନ୍ତି। ଏହାସହିତ ଏହି ଗାଡ଼ିଗୁଡ଼ିକ ଯେଉଁ ଚାଳକମାନେ ଚଲାଉଛନ୍ତି, ତାଙ୍କୁ ମଧ୍ୟ କୌଣସି ହଇରାଣ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଡ୍ରାଇଭର ମହାସଂଘର ସଭାପତିଙ୍କ ଏଭଳି ବାର୍ତ୍ତା ପରେ କଂଗ୍ରେସକୁ ଆଶ୍ୱସ୍ତି ମିଳିଛି। ଡ୍ରାଇଭରମାନଙ୍କ ଦାବି ପୂରଣ ଦିଗରେ ସରକାର ଦେଖାଉଥିବା ଉଦାସୀନତା ଓ କଂଗ୍ରେସ ସମାବେଶକୁ ଭଣ୍ଡୁର ପାଇଁ ସରକାରୀ ଦଳ ରଚିଥିବା ପରୋକ୍ଷ ଷଡ଼ଯନ୍ତ୍ର ଫଂସର ଫାଟିଥିବା ଚର୍ଚ୍ଚା ହେଉଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ବ୍ୟାପକ ଆୟୋଜନ କରିଛି। 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ରାହୁଲ ଯୋଗ ଦେଇ ଓଡ଼ିଶାର କଂଗ୍ରେସ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବରମୁଣ୍ଡା ପଡିଆରେ

**■ ଡ୍ରାଇଭର ସଂଘର ସହଯୋଗ ଲୋଡ଼ିଥିଲେ ପିସିସି ସଭାପତି**
**■ କଂଗ୍ରେସର ସବୁ ଗାଡ଼ିକୁ ଛାଡ଼ିବାକୁ ସଂଘ ସଭାପତିଙ୍କ ବାର୍ତ୍ତା**

ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶାର କୋଣ ଅନୁକୋଣରୁ ବହୁ କଂଗ୍ରେସ କର୍ମୀ ରାଜଧାନୀମୁହାଁ ହୋଇଛନ୍ତି। ଏହି ସମୟରେ ରାଜ୍ୟରେ ଜାରି ରହିଥିବା ଡ୍ରାଇଭର ସଂଘର ଆନ୍ଦୋଳନ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି ହୋଇଥିଲା। ଏହା ପଛରେ ସରକାରୀ ଷଡ଼ଯନ୍ତ୍ର ଥିବା କଂଗ୍ରେସ ଗନ୍ଧ ବାରିଥିଲା। ରାହୁଲଙ୍କ ସମାବେଶକୁ ଭଣ୍ଡୁର ପାଇଁ ଡ୍ରାଇଭରଙ୍କ ଦାବି ପୂରଣକୁ ଜାଣିଶୁଣି ସରକାର ବିଳମ୍ବିତ କରୁଛନ୍ତି ବୋଲି କଂଗ୍ରେସ ନେତାମାନେ କହିବା ସହ କ୍ଷମତାରେ ଥିବା ବିଜେପିର ଏଭଳି ଆଭିମୁଖ୍ୟକୁ ବରଦାସ୍ତ କରାଯିବନି ବୋଲି ପିସିସି ସଭାପତି ଚେତାବନୀ ଦେଇଥିଲେ।

ଅନ୍ୟପଟେ ଡ୍ରାଇଭର ସଂଘକୁ ଗୋଟିଏ ଦିନ ଆନ୍ଦୋଳନ ପ୍ରତ୍ୟାହାର କିମ୍ବା କଂଗ୍ରେସର ଗାଡ଼ିଗୁଡ଼ିକୁ ଛାଡ଼ିଦେବା ପାଇଁ ପିସିସି ସଭାପତି ଅନୁରୋଧ କରିଥିଲେ। କଂଗ୍ରେସ କର୍ମକର୍ତ୍ତାଙ୍କୁ ଆଣୁଥିବା ଗାଡିକୁ କୌଣସି ସ୍ଥାନରେ ନ ଅଟକାଇବାକୁ ନିବେଦନ କରିଥିଲେ। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଦେଇଛି ଓ ଆଗାମୀ ଦିନରେ ବ୍ଲକ ଏବଂ ଜିଲ୍ଲା ସ୍ତରରେ ମଧ୍ୟ କଂଗ୍ରେସ କର୍ମୀ ଡ୍ରାଇଭରମାନଙ୍କ ସହ ଆନ୍ଦୋଳନରେ ଅଂଶ ଗ୍ରହଣ କରିବେ ବୋଲି ସେ କହିଥିଲେ। ପିସିସି ସଭାପତି ଆହୁରି କହିଥିଲେ ଯେ ରାହୁଲଙ୍କ ଗସ୍ତକୁ ଡ୍ରାଇଭର ମହାସଂଘ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିଲେ ଆମେ କୃତଜ୍ଞ ହେବୁ। ବିଜେପି ସରକାର ଜାଣିଶୁଣି ଡ୍ରାଇଭରଙ୍କ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ଗଡ଼େଇ ଚାଲିଛି। ଡ୍ରାଇଭର ମହାସଂଘର କାନ୍ଧରେ ବନ୍ଧୁକ ରଖି କଂଗ୍ରେସର ମହାସମାବେଶରେ ପ୍ରତିବନ୍ଧକ ସୃଷ୍ଟି କରିବାପାଇଁ ବିଜେପି ପ୍ରୟାସ କରୁଛି ବୋଲି କଂଗ୍ରେସ କହିଛି ।

# ପୋଖରୀରେ ବୁଡ଼ି ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ

ଟିଟିଲାଗଡ଼,୧୦।୭(ସମିସ): ଟିଟିଲାଗଡ଼ କୁମୁଡ଼ା ପାହାଡ଼ ଉପରେ ଥିବା ପୋଖରୀରେ ବୁଡ଼ି ଜଣେ ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗୋଳାବାରୁଦ କାରଖାନା ଟାଉନ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ସେକ୍ସନ୍‌ର ଜୁନିଅର ୱର୍କସ୍ ମ୍ୟାନେଜର୍ ସୁନୀଲ କୁମାର ଗହିରଙ୍କ ପୁଅ ବିପୁଳ ଗହିର(୧୮)। ବିପୁଳ



ଭିସୁଟ୍ ବୁର୍ଲା କଲେଜର ବି.ଟେକ୍ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସୂଚନାନୁଯାୟୀ, ବିପୁଳଙ୍କ ସହ ୯ଜଣ ଏକାଠି ହୋଇ ଟିଟିଲାଗଡ଼ର ହୋଟେଲ ଡିଏନ୍ ରିସୋର୍ଟକୁ ଖାଇବାକୁ ଆସିଥିଲେ। ହୋଟେଲର ସୁଇମିଂପୁଲ କାର୍ଯ୍ୟକ୍ଷମ ନ ଥିବାରୁ ସେମାନେ ହୋଟେଲରେ ଖାଇବା ଅର୍ଡର୍ ଦେଇ କୁମୁଡ଼ା ପାହାଡ଼ ଉପରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସନ୍ତରଣ ଜାଣି ନଥିବା ସବୁ ସାଙ୍ଗ ମେଳି ହୋଇ ପୋଖରୀକୁ ପଶିଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପାହାଡ଼ ଉପରେ ଥିବା କିଛି ଯୁବକ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ବିପୁଳଙ୍କୁ ମୃତ ଘୋଷଣା କରିଥିଲେ।

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

ମାଲକାନଗିରି,୧୦।୭(ସମିସ): ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ପୁଲିସ ସମ୍ମୁଖରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିମଧ୍ୟରୁ ୯ ଜଣ ମାଓବାଦୀଙ୍କ ଉପରେ ମୋଟ ୨୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ସଂପୃକ୍ତ ଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୫ ଜଣ ନକ୍ସଲ ହିଂସାର ପଥ ଛାଡି ପୁନର୍ବାସିତ ହୋଇଛନ୍ତି, ଯେଉଁଥିରେ ୨୦୫ ଜଣ ପୁରସ୍କୃତ ନକ୍ସଲ ମଧ୍ୟ ସାମିଲ ଅଛନ୍ତି।

ଛତିଶଗଡର ସୁକୁମା ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡଛନ୍ତି ୬ ଜଣ ମାଓବାଦୀ। କୋଣ୍ଟା ଥାନା ଅଞ୍ଚଳରୁ ଦୁଇ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ବେଜି ଥାନା ଅଞ୍ଚଳରୁ ୪ ଜଣଙ୍କୁ ଗିରଫ କରାଯାଇଛି।

## ପାଦରୁ ଲିଭିନି ଅଳତା, ଲିଭିଗଲା ମଥା ସିନ୍ଦୂର

# ଦୋଛକିରେ ମୃତ ଯବାନଙ୍କ ନବବିବାହିତା ପତ୍ନୀ

ଜଗତସିଂହପୁର, ୧୦।୭(ସମିସ): ଦୀର୍ଘ ଦିନ ଧରି ପରସ୍ପରକୁ ଭଲ ପାଇବା ପରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପରିବାରଲୋକ ରାଜି ନ ହେବାରୁ ଜଗନ୍ନାଥଙ୍କୁ ସାକ୍ଷୀ ରଖି ମନ୍ଦିରରେ ବିବାହ କଲେ। କିନ୍ତୁ, ନିଷ୍ଠୁର ଦଇବ ସେମାନଙ୍କ ଖୁସି ସହିଲାନି। ହାତରୁ ମେହେନ୍ଦି, ପାଦରୁ ଅଳତା ଲିଭିବା ଆଗରୁ ପ୍ରେମିକା ମଥାରୁ ସିନ୍ଦୂର ପୋଛିନେଲା। ବିବାହକୁ ୫ଦିନ ନ ପୂରୁଣୁ ବିଧବା ସଜାଇଦେଲା। ଦୁଃଖ ସେତିକିରେ ସରିଲାନି; ଏବେ ପୁଅଘର ଲୋକ ଯୁବତୀଙ୍କୁ ବୋହୂ ଭାବେ ସ୍ୱୀକାର କରିବାକୁ ନାରାଜ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ଯବାନଙ୍କ ନବବିବାହିତ ପତ୍ନୀ ଏବେ ଏମିତି ଦୋଛକରେ ପଡ଼ିଛନ୍ତି। କ'ଣ କରିବେ, କୋଉଠି ରହିବେ; ତାଙ୍କୁ କିଛି ବୁଦ୍ଧିବାଟ ଦିଶୁନି। ଜଗତସିଂହପୁର ଜିଲ୍ଲାରେ ଘଟିଥିବା ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ନାଉଗାଁ ଥାନା ଅରଖକୁଦ ଗ୍ରାମର ପ୍ରଭାସ ନାୟକ ସୈନ୍ୟବାହିନୀରେ ଚାକିରି କରନ୍ତି। ସେ ସଦର ଥାନା ଅନ୍ତର୍ଗତ ତୁମ୍ବାଅଣ୍ଡେଇସାହି ଗ୍ରାମର ପ୍ରଫୁଲ ମହାନ୍ତିଙ୍କ ଝିଅ ସନ୍ଧ୍ୟାରାଣୀଙ୍କୁ ଦୀର୍ଘ ଦିନ ଧରି ଭଲ ପାଇ ଆସୁଥିଲେ। କିନ୍ତୁ ଉଭୟଙ୍କ ସଂପର୍କରେ ପରିବାରଲୋକ ରାଜି ନ ହେବାରୁ

**■ ପରିବାରଲୋକଙ୍କ ଅଗୋଚରରେ କରିଥିଲେ ବିବାହ**
**■ ବୋହୂ ଭାବେ ସ୍ୱୀକାର କରିବାକୁ ଶାଶୂଘର ଅରାଜି**

ଦୁହେଁ କୋର୍ଟ ମ୍ୟାରେଜ୍ କରିଥିଲେ। ଦୀର୍ଘ ଦିନ ଧରି ସଂପର୍କରେ ରହିବା ପରେ ଏହାକୁ ବିବାହର ମାନ୍ୟତା ଦେବା ପାଇଁ ଦୁହେଁ ସ୍ଥିର କରିଥିଲେ। ତେଣୁ ୫ ଦିନ ତଳେ ନିଜର କିଛି ବନ୍ଧୁ, ସହଯୋଗୀଙ୍କୁ ନେଇ ବିରିଡ଼ି ଥାନା ଅନ୍ତର୍ଗତ ଧାନକୁଦ ପୀଠରେ ବିବାହ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ସାକ୍ଷୀ ରଖି ପରସ୍ପରର ହାତ ଧରିଥିଲେ। ବିବାହ ପରେ ଉଭୟେ ସଂଧ୍ୟାରାଣୀଙ୍କ ମାମୁଘରେ ରହୁଥିଲେ। କିନ୍ତୁ ଦୁହିଁଙ୍କ ଖୁସି ବିଧାତା ଦେହରେ ଗଲାନି। ଗତକାଲି ରାତିରେ ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ନିକଟରେ ଏକ ଦୁର୍ଘଟଣାରେ ପ୍ରଭାସଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କିନ୍ତୁ ପ୍ରଭାସଙ୍କ ନବବିବାହିତ ପତ୍ନୀ ସନ୍ଧ୍ୟାରାଣୀଙ୍କୁ ଶାଶୂଘର ଲୋକେ ଗ୍ରହଣ କରୁନାହାନ୍ତି। ସେମାନେ ଏ ବିବାହକୁ ଅସ୍ୱୀକାର କରୁନଥିବା ଜଣାପଡ଼ିଛି। ବିବାହର ମାତ୍ର ୫ଦିନ ମଧ୍ୟରେ ସ୍ୱାମୀ ଆରପାରିକୁ ଚାଲିଯିବା ଭଳି ଦୁଃଖ ସାଙ୍ଗକୁ ଶାଶୂଘର ଲୋକେ ଗ୍ରହଣ ନ କରିବା; ସନ୍ଧ୍ୟାରାଣୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ଏକ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି।

# ମନୋଜ ମହାନ୍ତି ଓପିଏସ୍‌ସି ସଦସ୍ୟ ମନୋନୀତ

ଭୁବନେଶ୍ୱର,୧୦।୭(ସମିସ): ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମନୋଜ କୁମାର ମହାନ୍ତି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୬ବର୍ଷ କିମ୍ବା ତାଙ୍କୁ ୬୨ବର୍ଷ ବୟସ ହେବା ପର୍ଯ୍ୟନ୍ତ



ରହିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ମହାନ୍ତି ପୂର୍ବରୁ ଅତିରିକ୍ତ ସଚିବ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଭବାନୀପାଟଣା,୧୦।୭(ସମିସ): କଳାହାଣ୍ଡି ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଅନୁପ ରଞ୍ଜନ ପଟ୍ଟନାୟକ ଗୁରୁବାର ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ଭବାନୀପାଟଣା ସହରର ଦୟାନିଧି ଛକରେ ୨୦୨୦ ମସିହାରେ ରିକ୍ସା ପାର୍କିଂକୁ ନେଇ ଘଟିଥିବା ହତ୍ୟା ଘଟଣାର ଅଭିଯୁକ୍ତକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ବାହାଦୂର ବଗିଚାପଡାର ପୂର୍ଣ୍ଣ ମେହେରକୁ ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ରାୟ ପ୍ରକାଶ ପାଇଛି। ୨୦୨୦ ମସିହା ଜୁଲାଇ ୧୩ ତାରିଖରେ ରିକ୍ସା ପାର୍କିଂକୁ ନେଇ ଅଭିଯୁକ୍ତ ପୂର୍ଣ୍ଣ ଭବାନୀପାଟଣା ସହର ବଡ଼ପଡାର ପିଲା ବାଗଙ୍କୁ କାତିରେ ଗଳା କାଟି ହତ୍ୟା କରିଥିଲା। ଏହି ଘଟଣାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ପିପି ଜିତେନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

## ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜଧାନୀରେ ମହିଳା ବିଜେଡିର ସ୍ୱାଭିମାନ ରାଲି, କୁଶପୁତ୍ତଳିକା ଦାହ

ଭୁବନେଶ୍ୱର,୧୦।୭(ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରିର ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ରାଜଧାନୀରେ ରାଜରାସ୍ତାକୁ ଓହ୍ଲାଇଛି ମହିଳା ବିଜୁ ଜନତା ଦଳ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି, ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକମାନେ ନୀତି-ନୈତିକତା ଭୁଲି ଯାଉଛନ୍ତି। ବିଜେପି ସରକାରରେ ମହିଳା କେତେ



ଅସୁରକ୍ଷିତ, ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଜଣେ ମହିଳାଙ୍କ ପ୍ରତି ଶ୍ରୀ ଖଟୁଆଙ୍କ ଏପରି ଅଶାଳୀନ ବ୍ୟବହାର ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅପରାହ୍ନରେ ଏକ ପ୍ରତିନିଧିମଣ୍ଡଳୀ ପୁଲିସ ଡିଜି ୱାଇ ବି ଖୁରାନିଆଙ୍କୁ ତାଙ୍କ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଥିଲା। ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଦଳ ପକ୍ଷରୁ ଆନ୍ଦେଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦ ରାଲିରେ

**■ ବିଧାୟକଙ୍କୁ ତୁରନ୍ତ ଗିରଫ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ**
**■ କାର୍ଯ୍ୟାନୁଷ୍ଠାନ ନ ହେଲେ ପ୍ରତି ଜିଲ୍ଲାରେ ଆନ୍ଦୋଳନ ଚେତାବନୀ**

ଦଳର ବରିଷ୍ଠ ନେତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାରକୁ ଆସିବା ଦିନଠୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନକୁ ଭୁଲି ଯାଇଛନ୍ତି। ଲେଖଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର, ଡଃ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟୀ ମେୟର ମଞ୍ଜୁଲତା କହଁର, ଗୀତାଞ୍ଜଳି ରାଉତରାୟ ପ୍ରମୁଖ ସାମିଲ୍ ଥିଲେ।

# ଘରୁ ରାଗି ପଳାଇଥିବା ନାବାଳିକା ଚେନ୍ନାଇରୁ ଉଦ୍ଧାର

ବୌଦ୍ଧ, ୧୦।୭ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କୁ ପୁଲିସ୍ ଚେନ୍ନାଇରୁ ଉଦ୍ଧାର କରିଛି। ତାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମେ' ୩୦ରୁ ସେ ନିଖୋଜ ଥିଲେ। କୌଣସି କଥାକୁ ନେଇ ନାବାଳିକାଜଣଙ୍କ ଘରୁ ରାଗି ଟ୍ରେନ୍‌ରେ ଚେନ୍ନାଇ ପଳାଇ ଯାଇଥିଲେ। ସେଠାରେ ରହୁଥିବା ଅନୁଗୋଳ ଅଞ୍ଚଳର ଏକ ଦମ୍ପତି ତାଙ୍କୁ ଆଶ୍ରୟ ଦେଇଥିଲେ। ପରେ ପରିବାରକୁ ଫୋନ ଯୋଗେ ସୂଚନା ଦେଇଥିଲେ। ଘରଲୋକେ ଜାଣିବା ପରେ ହରଭଙ୍ଗା ଥାନାରେ ଜଣାଇଥିଲେ। ଆଇଆଇସି ନଳିନୀକାନ୍ତ ଦାଶ ଏକ ଟିମ ଗଠନ କରି ଚେନ୍ନାଇ ପଠାଇଥିଲେ। ନାବାଳିକାଙ୍କୁ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

# ବିଡିଓଙ୍କ ଅଫିସରେ ନିର୍ବାଚିତ ଜନପ୍ରତିନିଧିଙ୍କ ଧାରଣା



ପିପିଲି,୧୦।୭ (ସମିସ): 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ କାର୍ଯ୍ୟକୁ ନେଇ ତେଜିଲା ବିବାଦ। ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେଲେ ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟାଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି ବୃନ୍ଦ। ଗୁରୁବାର ଦିନ ୧୧ଟାରୁ ଏହି ଧାରଣା ଚାଲିଥିବାବେଳେ ଖବର ପାଇ ଅପରାହ୍ଣ ୪ଟାରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଏବଂ ନିର୍ବାଚିତ ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ବିଡିଓ ସରୋଜ କୁମାର ରାଉତ ଏହି ଘଟଣାର ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରାଯାଇ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ବିଡିଓଙ୍କୁ ଧାରଣାରତ ନିର୍ବାଚିତ ପ୍ରତିନିଧିମାନେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଯଦି ନିୟମ ମୁତାବକ କାର୍ଯ୍ୟ କରାନଯାଏ ବଡ଼ଧରଣର ଆନ୍ଦୋଳନ କରିବାକୁ ଧାରଣାରତ ନିର୍ବାଚିତ ଜନପ୍ରତିନିଧି ଚେତାବନୀ ଦେଇଛନ୍ତି।

ସୂଚନା ଥାଉକି, ପିପିଲି ବ୍ଲକ୍‌ରେ ୨୫ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ୨୦୨୪-୨୫ ବର୍ଷ ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇଛି। ପଲ୍ଲିସଭାରେ ସ୍ଥାନ ପାଇଥିବା ୬୦ ପ୍ରତିଶତ କାମ କରିବା ପାଇଁ ପଞ୍ଚାୟତ ସମିତିଠାରୁ ବିଡିଓ ପ୍ରକଳ୍ପ ଗ୍ରହଣ କରିଥିଲେ। ବିଡିଓ ସେହି ପ୍ରକଳ୍ପଗୁଡ଼ିକୁ କାମ ନ କରି ମନମୁଖିଭାବେ କାର୍ଯ୍ୟ ଅରମ୍ଭ କରିଥିଲେ। ଏହାକୁ ନେଇ ନିର୍ବାଚିତ ପ୍ରତିନିଧିମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ଘଟଣା ସମ୍ପର୍କରେ ପିପିଲି ବ୍ଲକ୍‌ରେ ନିର୍ବାଚିତ ଜନପ୍ରତିନିଧିମାନେ ବିଡିଓଙ୍କୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଯାହାଫଳରେ ଗୁରୁବାର ଦିନ ୧୧ଟା ସମୟରେ ବିଡିଓଙ୍କୁ ଭେଟିବା ସହ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ବ୍ଲକ୍ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଚିତ୍ରା ପ୍ରଧାନ, ସୁଶାନ୍ତ ମଲ୍ଲିକ, ସୁଶ୍ରୀ ସଙ୍ଗିତା ବେହେରା, ସମିତିସଭ୍ୟ ରଶ୍ମି ରଞ୍ଜନ ଭଟ୍ଟ, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ଜଗନ୍ନାଥ ତ୍ରିପାଠୀ, ଚନ୍ଦ୍ରମଣୀ ବେହେରା, ଲକ୍ଷ୍ମୀଧର ନାୟକ, ତ୍ରିନାଥ ବେହେରା, ଗଣେଶ ବେହେରା, ରଶ୍ମିତା ସେନାପତି, ସରୋଜିନୀ ପ୍ରଧାନ, ସୁଚିତ୍ରା ପ୍ରଧାନ, ରିନା ମିଶ୍ର, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ରଘୁନାଥ ସାହୁଙ୍କ ସମେତ ୩୩ ଜଣ ଜନପ୍ରତିନିଧି ସାମିଲ ହୋଇଥିଲେ। ବିଡିଓଙ୍କ ସମର୍ଥନରେ ବିଜେପିର କେତେକ କର୍ମୀ ବାହାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକଜୁଟ ହୋଇ ସ୍ଲୋଗାନ ଦେଇଥିଲେ ଏବଂ ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଜିନ୍ଦାବାଦ ଓ ପିପିଲି ବିଡିଓ ସ୍ୱାଗତମ୍ କହିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ମହିଳା ଏସ୍ଆଇ ସୁରମା ସ୍ୱାଇଁ, ଏସ୍ଆଇ ଭାସ୍କର ମାଣିଆଙ୍କ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ।

### ● ଡ୍ରାଇଭରଙ୍କ ଆନ୍ଦୋଳନର ୩ୟ ଦିନ

## ପନିପରିବା ମୂଲ୍ୟ ବୃଦ୍ଧି; ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି



ନିମାପଡ଼ା,୧୦।୭ (ସମିସ): ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ଡ୍ରାଇଭର ମହାସଂଘର ବନ୍ଦ ଡକରା ଗୁରୁବାର ୩ୟ ଦିନରେ ପହଞ୍ଚିଛି। ଏହାର ପ୍ରଭାବରେ ପନିପରିବା ଦରବୃଦ୍ଧି ସାଙ୍ଗକୁ ପେଟ୍ରୋଲ ପମ୍ପରେ ଲୋକମାନଙ୍କ ଲମ୍ବାଧାଡ଼ି ଲାଗିଥିବା ଦେଖିବାକୁ ମିଳିଛି। ଗୁରୁବାର ନିମାପଡ଼ା ଦୋଳବେଦୀ ଛକ ଓ ଚାରିଛକ ବଜାରରେ ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ତୃତୀୟ ଦିବସରେ ପହଞ୍ଚିଥିବାବେଳେ ଜନସାଧାରଣଙ୍କ ଯାତାୟାତରେ ଘୋର୍ ବାଧାପ୍ରାପ୍ତ ସୃଷ୍ଟି ହୋଇଛି। ବିଶେଷକରି ଜରୁରୀକାଳୀନ ସେବା ଗାଡ଼ିଗୁଡ଼ିକ ସ୍ୱାଭାବିକ ଚାଲିଥିବାବେଳେ ଅନ୍ୟ ଗାଡ଼ି ସବୁ ଚଳାଚଳ ବନ୍ଦ ରହିଥିଲା। ଫଳରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ କର୍ମଚାରୀମାନେ ଯାତାୟାତ କରିବାରେ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ଏହି ଆନ୍ଦୋଳନରେ ରାଜ୍ୟ ସଂଘ ଉପସଭାପତି ସୌମେନ୍ଦ୍ର ମହାପାତ୍ର, ପୁରୀ ଜିଲ୍ଲା ସମ୍ପାଦକ ଫୁଲେନ ପାଟ୍ଟଶାଣୀ, ନିମାପଡ଼ା ସଂଘର ଉପସଭାପତି ପାଣ୍ଡବ ମଲ୍ଲିକ(ବାପି), ସମ୍ପାଦକ ଅଜୟ ବେହେରା, ସହସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସୁଶେଣ ଖୁଣ୍ଟିଆ, ଓମ୍ ପ୍ରକାଶ ନାୟକ, ସଞ୍ଜୟ ମହାନ୍ତି, ସେକ୍ ମୁସ୍ତାକ ଅଲ୍ଲି, ଜ୍ଞାନ ରଞ୍ଜନ ପ୍ରଧାନ, ଅନିଲ ମହାନ୍ତି, ରୁବି ବେହେରା, ତ୍ରିନାଥ ବେହେରାଙ୍କ ସମେତ ଶତାଧିକ ଡ୍ରାଇଭର ଯୋଗଦେଇଥିଲେ।

## ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା



ଚାରିଛକ,୧୦।୭ (ସମିସ): ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ତୁଳସୀପୁର ସାଇକ୍ରିଷ୍ଣା ମଣ୍ଡପରେ ନବମ ମୂଳକ ତୈଳିକ ବୈଶ୍ୟ ସମାଜର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୁରୁକିଙ୍କର ଜେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିଭଳି ସମାଜ ଆଗକୁ ଉନ୍ନତି କରିବା ସହିତ ଅଞ୍ଚଳ ପାଇଁ ଗୌରବ ରଖିବ ଏହି ସଭାରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବରେ ଏହି ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରୀ ସଭାପତି ଶିଖର ସାହୁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ନବମ ମୂଳକର ଆର୍ତ୍ତତ୍ରାଣ ଦାସଙ୍କୁ ସଭାପତି ଭାବେ ଘୋଷଣା କରାଯାଇଥିବାବେଳେ ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମ ଘୋଷଣା କରାଯାଇଥିଲା। ସେହିଭଳି ସମ୍ପାଦକ ଭାବେ ଅକ୍ଷୟ ସାହୁ, ସହସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟି ଓ କୋଷାଧ୍ୟକ୍ଷ ଭାବେ ବ୍ରଜକିଶୋର ସାହୁ (ବଜୁନି)ଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ଅନୁଷ୍ଠାନକୁ ଶୃଙ୍ଖଳାର ସହ ଚଲାଇବା ପାଇଁ ଦଶମ ମୂଳକ ସଭାପତି ପ୍ରଣୟ କୁମାର ସାହୁ ନୂତନ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜର ସଭାପତି ବ୍ରଜକିଶୋର ସାହୁ, ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, ଗୋବିନ୍ଦ ସାହୁ, ଗଗନ ବିହାରୀ ସାହୁ, ଭାଗିରଥି ସାହୁ, ଶଙ୍କର ସାହୁ, ମଙ୍ଗୁଲି ସାହୁ, ଆଲୋକ ସାହୁ, ଶରଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଷ୍ଠୀ ବିବାଦ: ଥାନା ଘେରିଲେ ଶତାଧିକ ଲୋକ

ଗମ୍ଭାରୀପଦା,୧୦।୭ (ସମିସ):



ଦିନକୁ ଦିନ କାକଟପୁର ଥାନାରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ବ୍ୟବହାରକୁ ନେଇ ସାଧାରଣ ଲୋକେ ଅତିଷ୍ଠ ହେଲେଣି। ଯାହାର ଦୃଶ୍ୟ ଗୁରୁବାର କାକଟପୁର ଥାନାରେ ଦେଖିବାକୁ ମିଳିଛି। ୨ ଗୋଷ୍ଠୀ ବିବାଦକୁ ନେଇ ନ୍ୟାୟ ଦାବିରେ ବିଶ୍ୱହିନ୍ଦୁ ପରିଷଦ ଓ କିଛି ସାଧାରଣ ଲୋକ ରୁଣ୍ଡ ହୋଇଥିଲେ।

ସୂଚନା ମୁତାବକ, କାକଟପୁର ବ୍ଲକ୍ ପାଟସୁନ୍ଦରପୁର କୁଷ୍ଟି ଗ୍ରାମରେ ୩ କିଲୋମିଟର ଦୂରରେ ଥିବା ଫକୀରସାହି ଗ୍ରାମର କିଛି ଯୁବକ ଆସି ଦୀର୍ଘ ଦିନ ହେବ ନିଶା କାରବାର କରିବା ସହିତ ଉକ୍ତ ଗ୍ରାମରେ ଅସାମାଜିକ ପରିସ୍ଥିତି ସୃଷ୍ଟି କରୁଥିଲେ। ଏହାକୁ ନେଇ କୁଷ୍ଟି ଗ୍ରାମର ଲୋକ ଓ କିଛି ଯୁବକ ସେମାନଙ୍କୁ ବାରମ୍ବାର ବୁଝାଇ ଆସୁଥିଲେ ହେଁ ଫକୀରସାହି ଗ୍ରାମର କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହାକୁ ବେଖାତିର୍ କରି ବାରମ୍ବାର ଏଭଳି ଅସାମାଜିକ କାର୍ଯ୍ୟ ଘଟାଉଛନ୍ତି। ଫଳରେ ବୁଧବାର ରାତିରେ ଉଭୟ ଗୋଷ୍ଠୀଙ୍କ ଭିତରେ ବଚସା ହୋଇଥିଲା। ଫକୀରପୁର ଗ୍ରାମର ନିର୍ଦ୍ଦିଷ୍ଟ ଯୁବଗୋଷ୍ଠୀ ନିଶାଶକ୍ତ ଅବସ୍ଥାରେ ଥିଲେ। ଏହି ବଚସା ଗଣ୍ଡଗୋଳ ଭିତରେ ଉକ୍ତ ଗୋଷ୍ଠୀର କିଛି ଯୁବକ ଆହତ ହୋଇଛନ୍ତି। କିନ୍ତୁ ବୁଧବାର ରାତ୍ର ଘଟଣାରେ ଉଭୟ ଗ୍ରାମର ମୁରବୀ ଲୋକଙ୍କ ମଧ୍ୟସ୍ଥିରେ ଆପୋଷ ଆଲୋଚନା ହେବା ସହ ଏକ ରାଜିନାମା ପତ୍ର ଲେଖାଯାଇଥିଲା। ଯାହାକୁ ନେଇ କାକଟପୁର ପୁଲିସକୁ ସୂଚନା ମଧ୍ୟ ଦିଆଯାଇଥିଲା। ମାତ୍ର ଏହି ସବୁ ଘଟଣା ପରେ ନିର୍ଦ୍ଦିଷ୍ଟ ଯୁବଗୋଷ୍ଠୀଙ୍କ ଅସାମାଜିକ କାର୍ଯ୍ୟକଳାପକୁ ବିରୋଧ କରିଥିବା କୁଷ୍ଟି ଗ୍ରାମର ୨ ଯୁବକଙ୍କୁ କାକଟପୁର ପୁଲିସ ଉଠାଇ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲା। ଯାହା ଫଳରେ ଗୁରୁବାର କୁଷ୍ଟି ଗ୍ରାମର ଲୋକ ଓ ବିଶ୍ୱହିନ୍ଦୁ ପରିଷଦର ଶତାଧିକ ଲୋକ ଏହାକୁ ପ୍ରତିବାଦ କରି ନ୍ୟାୟ ଦାବିରେ କାକଟପୁର ଥାନାରେ ରୁଣ୍ଡ ହେବା ସହିତ ହୋ-ହଲ୍ଲା କରିଥିଲେ। ଉଭୟପକ୍ଷର ଯୁବଗୋଷ୍ଠୀଙ୍କୁ କାହିଁକି ଅଟକ ରଖାଗଲାନି ବୋଲି ପ୍ରଶ୍ନ କରାଯାଇଥିଲା। ନିରପେକ୍ଷ ନ୍ୟାୟ ଦାବି ଉପସ୍ଥାପନ କରି ଥାନାରେ ନିଜ ଜିଦ୍‌ରେ ଅଟଳ ଥିଲେ ଶତାଧିକ ଗ୍ରାମବାସୀ ଓ ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ବୃନ୍ଦ। ଅପରପକ୍ଷରେ କାକଟପୁର ଥାନା ଅଧିକାରୀ ଉମେଶ ସାହୁ କୁହନ୍ତି ଯେ ଉକ୍ତ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆହତ ହୋଇଥିଲେ। ଆମେ ଚିକିତ୍ସା ପାଇଁ ପଠାଇଛୁ ଓ ଅପର ଗୋଷ୍ଠୀର ୨ ଯୁବକଙ୍କୁ ଅଟକ ରଖିଛୁ। ଆହତ ଗୋଷ୍ଠୀଙ୍କୁ ଡକାଯିବା ପରେ ଉଭୟ ପକ୍ଷରେ ଶାନ୍ତିମୂଳକ ଆଲୋଚନା କରାଯାଇ ସମାଧାନ କରାଯାଇ ଉକ୍ତ ଯୁବକଙ୍କୁ ଛଡ଼ାଯିବ। ନଚେତ୍ ଉଭୟଙ୍କ ନାମରେ ମାମଲା ରୁଜୁ କରାଯିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ତିପୁରୀ ଓ ଅଭିରାମ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

କଣାସ,୧୦।୭ (ସମିସ): କଣାସ ବ୍ଲକ୍ ସିରେଇ ଗ୍ରାମପଞ୍ଚାୟତର ତିପୁରୀ ଗ୍ରାମରେ ପ୍ରତିଷ୍ଠିତ ତିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ସଂସ୍କୃତି କଳାପରିଷଦ ଓ ତିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ କରୁଣାକର ମହାପାତ୍ର, ସମ୍ମାନିତ ଅତିଥିଭାବେ ଅପର୍ତ୍ତି ମହାପାତ୍ର, ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେଲେ ଧ୍ୱଂସମୁଖୀ ହେବାକୁ ଯାଉଥିବା ପରିବେଶର ପରିବର୍ତ୍ତନ ହୋଇପାରିବ ବୋଲି ସୂଚନା ଦେଇଥିଲେ। ବିଦ୍ୟାଳୟ ପରିସରରେ ସ୍ୱର୍ଣ୍ଣଚମ୍ପା, ବଉଳ, ଆମ୍ବ, ଅମୃତଭଣ୍ଡା, ସଜନା, ପାଟେଳି, ପଣସ ପ୍ରଭୃତି ୨୦ଟି ଗଛ ଲଗାଇଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ। ସେହିପରି ଆଳିବାଡ଼ ଗ୍ରାମପଞ୍ଚାୟତର କରମଳାଠାରେ ପ୍ରତିଷ୍ଠିତ ଶ୍ରୀ ଅଭିରାମ ନୋଡାଲ ବଦ୍ୟାପୀଠରେ ବନ ମହୋତ୍ସବ ପାଳିତ ହୋଇଯାଇଛି।

## ଶିକ୍ଷକ ବଦଳି ଯୋଗୁଁ ସ୍କୁଲ ଆସିଲେନି ପିଲା; ଅଭିଭାବକଙ୍କ ପ୍ରତିବାଦ



ବଳଙ୍ଗା,୧୦।୭ (ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ପିପିଲି ଶିକ୍ଷା ଅଧିକାର ଅନ୍ତର୍ଗତ ରୁପଦେଇପୁର ପଞ୍ଚାୟତ ଖଣ୍ଡାୟତପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ଯୋଗୁଁ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୮ଟି ଶ୍ରେଣୀକୁ ୫ଜଣ ଶିକ୍ଷକଶିକ୍ଷୟିତ୍ରୀ ଥିବାବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେସନରେ ଅନ୍ୟ ଏକ ସ୍କୁଲକୁ ପଠାଇଛନ୍ତି। ସେହି ପ୍ରତିବାଦରେ ଅଭିଭାବକମାନେ ଗୁରୁବାର ପିଲାମାନଙ୍କୁ ସ୍କୁଲ୍ ଛାଡ଼ିନାହାନ୍ତି। ଅଭିଭାବକମାନେ ଏ ସଂକ୍ରାନ୍ତରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ଯଦି ସେ ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ଏହି ବିଦ୍ୟାଳୟକୁ ଅଣା ନ ଯାଏ ତାହେଲେ ସେମାନେ ଆଉ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲ ଛାଡ଼ିବେନି ବୋଲି ନିଷ୍ପତ୍ତି ନେଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ବିଶ୍ୱାଳଙ୍କଠାରୁ ପ୍ରକାଶ। ପିପିଲି ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀଙ୍କୁ ଏ ବାବଦରେ ପଚାରିବାରେ ଆଗାମୀ ୧୫ ଦିନ ଭିତରେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଶକୁନ୍ତଳା ଆର୍ଟ ଗ୍ୟାଲେରୀରେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ପିପିଲି,୧୦।୭ (ସମିସ): ଶକୁନ୍ତଳା ଆର୍ଟ ଗ୍ୟାଲେରୀ ପକ୍ଷରୁ ନୀଳାଦ୍ରିବିଜେ ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଗୁରୁବାର ପୂର୍ବାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଗ୍ୟାଲେରୀ ନିର୍ଦ୍ଦେଶକ ଜନାର୍ଦ୍ଦନ ପରମଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟବକ୍ତା ଭାବରେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା, ସମ୍ମାନିତ ଅତିଥି ଭାବରେ ବିଶ୍ୱଜିତ୍ ଦାସ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଉଦ୍‌ବୋଧନ ଦେଇଥିଲେ। ସମକାଳୀନ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ନୀଳାଦ୍ରିବିଜେ ସମ୍ପର୍କିତ ଉତ୍କୃଷ୍ଟ ଚିତ୍ରକଳା ପ୍ରସ୍ତୁତ କରାଯାଇଥିଲା। ଚିତ୍ରଶିଳ୍ପୀ ପ୍ରଦୀପ ପାଣ୍ଡେ, ପ୍ରିୟଦର୍ଶିନୀ ମହାନ୍ତି, ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ, ନମିତା ସାହୁ, ବନ୍ଦନା ପଣ୍ଡା, ବନ୍ଦିତା ବିଶ୍ୱାଳ, ବିନୋଦିନୀ ବେହେରା, ସାଇସ୍ତା ନାଜ, ରାଜେଶ ନାୟକ, ରାଜକିଶୋର ମହାରଣା, ସୋନାଲି ଶ୍ୱେତପଦ୍ମା ଲେଙ୍କା, ବିଜୟ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ନନ୍ଦ, ତେଜସ୍ୱିନୀ ସାମନ୍ତସିଂହାର, ଅନୁରେଖା ଜେନା, ପ୍ରଣତି ଦାସ ପ୍ରମୁଖ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ପ୍ରଦର୍ଶନୀ ନିମନ୍ତେ ପ୍ରସ୍ତୁତ ହୋଇଥିବା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପ୍ରଦର୍ଶନୀଟି ୭ ଦିନ ଯାଏ ସର୍ବସାଧାରଣଙ୍କ ପାଇଁ ପୂର୍ବାହ୍ଣ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲାରହିବ।

## ସିଫାରେ ଜାତୀୟ ମତ୍ସ୍ୟଚାଷୀ ଦିବସ




ପିପିଲି,୧୦।୭ (ସମିସ): କେନ୍ଦ୍ର ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ତରଫରୁ ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦ ଏବଂ ଓଡ଼ିଶା ସରାକରଙ୍କ ମତ୍ସ୍ୟ ବିଭାଗ ସହଯୋଗରେ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ପରିସରରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଡ. କେ.ଏଚ୍. ଆଲିକୁନି ଏବଂ ଡ. ଏଚ୍.ଏଲ୍. ଚୌଧୁରୀଙ୍କ ଦ୍ୱାରା ୧୯୫୭ ମସିହାରେ ଉଦ୍ଭାବିତ କାର୍ପ ମାଛର କୃତ୍ରିମ ପ୍ରଜନନର ଐତିହାସିକ କୃତି ଉପଲକ୍ଷେ ପ୍ରତ୍ୟେକ ବର୍ଷ ଜୁଲାଇ ୧୦ରେ ଏହି ଉତ୍ସବ ପାଳନ ହେଉଛି। ଏହି ଉତ୍ସବରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ନବସୃଜନ କ୍ଷମତା ନିର୍ମାଣ ଓ ସହାୟତା ମାଧ୍ୟମରେ ମତ୍ସ୍ୟ କ୍ଷେତ୍ରକୁ ବଳିଷ୍ଠ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣର ଅବତାରଣା କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଓ ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦର ପ୍ରଶିକ୍ଷଣ କ୍ୟାଲେଣ୍ଡର, ବିହନ ପ୍ରମାଣୀକରଣ ଓ ହାଚେରୀ ଗାଇଡ୍‌ଲାଇନ୍ ଓ ଆଇସିଏଆର୍-ସିଫାର ପ୍ରଯୁକ୍ତି ପୁସ୍ତକ ଇତ୍ୟାଦି ଉନ୍ମୋଚନ କରିଥିଲେ। କିଷାନ କ୍ରେଡିଟ୍ କାର୍ଡ ଏବଂ ଜଳକୃଷି ବୀମା ଯୋଜନା ଅଧୀନରେ ପାରମ୍ପରିକ ମତ୍ସ୍ୟଜୀବୀ, ଏଫ୍ଏଫ୍‌ପିଓ ଷ୍ଟାର୍ଟଅପ୍ ହିତାଧିକାରୀଙ୍କୁ ସମ୍ମାନିତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମତ୍ସ୍ୟ, ପଶୁପାଳନ ଓ ଡାଏରୀ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି.ସିଂ ବାଘେଲ ଏବଂ ଜର୍ଜ କୁରିଆନ୍ ଚାଷୀମାନଙ୍କୁ ସଶକ୍ତ କରିବା ଓ ସ୍ଥାୟୀ ଜଳକୃଷିକୁ ପ୍ରୋତ୍ସାହିତ କରିବାରେ ସିଫାର ଅବଦାନକୁ ପ୍ରଶଂସା କରିଥିଲେ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଜଳକୃଷିରେ ଓଡ଼ିଶାର ଅବଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଏଫ୍ଏଆର୍‌ଡି ବିଭାଗର ପ୍ରଧାନ ସଚିବ ଏସ୍.କେ. ବଶିଷ୍ଠ, ମତ୍ସ୍ୟ ସଚିବ ଅଭିଲକ୍ଷ୍ୟ ଲିଖି, ଆଇସିଏଆର୍ ଉପ ମହାନିର୍ଦ୍ଦେଶକ ଡ. ଜେ.କେ. ଜେନା, ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବି.କେ. ବେହେରା, ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ସାଗର ମେହେରା, ନିତୁ କୁମାରୀ ପ୍ରସାଦ ଓ ସିଫାର ନିର୍ଦ୍ଦେଶକ ଡ. ପି.କେ. ସାହୁ ଯୋଗଦେଇଥିଲେ।

## ମତ୍ସ୍ୟଚାଷୀଙ୍କୁ ପ୍ରଶିକ୍ଷଣ ଓ ସଚେତନତା

ସାକ୍ଷୀଗୋପାଳ,୧୦।୭ (ସମିସ): ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ, ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ଓ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇଥିଲେ। ତୁଳସୀ ବୃକ୍ଷ ମୂଳରେ ଜଳଦାନ କରିବା ସହ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ ବସ୍ତିଆ, କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ ଓ ସତ୍ୟବାଦୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଲିପିଲତା ଖୁଣ୍ଟିଆ ଯୋଗଦେଇଥିଲେ। ରାଜ୍ୟ ସରକାର କୃଷି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ପଞ୍ଚାୟତରେ ରହିଥିବା ପୋଖରୀଗୁଡ଼ିକୁ ମହିଳା ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ମତ୍ସ୍ୟ ଚାଷ କରିବା ଦିଗରେ ସଚେତନତା କରାଯାଇଥିଲା। ସମସ୍ତ ସରକାରୀ ସୁବିଧା ମତ୍ସ୍ୟଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେବା ସହ ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଗୁରୁ ପୂର୍ଣ୍ଣିମାରେ ଗୁରୁପୂଜନ ଉତ୍ସବ







ଡେଲାଙ୍ଗ,୧୦।୭ (ସମିସ): ଡେଲାଙ୍ଗ ବ୍ଲକ୍ ଅଧୀନ ଖେଲାଉର ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀଖେଲେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଅନନ୍ତ ଗୋପାଳ ଗୁରୁଦାସ ପାଲା ସମିତି ପକ୍ଷରୁ ବ୍ୟାସ ପୂର୍ଣ୍ଣିମା ଅବସରରେ ସମିତିର ବାର୍ଷିକ ମହୋତ୍ସବ ଓ ଗୁରୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇଥିବାବେଳେ ବରିଷ୍ଠ ପାଲାକାର ସନ୍ତୋଷ ନାୟକଙ୍କ ଦ୍ୱାରା ପାଲା 'ଗୁରୁ ଜୟନ୍ତୀ' ପରିବେଷଣ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଗାୟକ ତଥା ଗୁରୁ ରାମଚନ୍ଦ୍ର କର, ଗିରିଧାରୀ ମହାପାତ୍ର, କାଶୀନାଥ ଜେନା, ସୁଦର୍ଶନ ମହାପାତ୍ର, ପ୍ରମୋଦ ଜେନା, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଗୁରୁମାନଙ୍କ ପାଦପଦ୍ମରେ ଶିଷ୍ୟମାନେ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ଣରେ ଆୟୋଜିତ ସାଧାରଣ ସଭାରେ ଲକ୍ଷ୍ମୀଧର ଦାଶଙ୍କ ଅଧ୍ୟକ୍ଷତାରେ ଗାୟକ ନାରାୟଣ ମହାରଣା, ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବସନ୍ତ ପ୍ରଧାନ, ରମେଶଚନ୍ଦ୍ର ସ୍ୱାଇଁ, ପ୍ରତାପଚନ୍ଦ୍ର ପ୍ରଧାନ, ଲମ୍ବୋଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର ସହିତ ବିଭିନ୍ନ ଜିଲ୍ଲାରୁ ପାଲା କଳାକାରମାନେ ଅଂଶଗ୍ରହଣ କରିଥିଲେ। ପାଲା କଳାକାରମାନଙ୍କୁ ସମିତି ପକ୍ଷରୁ ଉତ୍ତରୀୟ, ମାନପତ୍ର ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ପାଲା କଳାକାର ସରୋଜ ପ୍ରଧାନ, ସମ୍ବିତ୍ ବେହେରା, ବାଉରୀବନ୍ଧୁ ପାତ୍ରଙ୍କ ସମେତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସାକ୍ଷୀଗୋପାଳ:** ମହର୍ଷି ବେଦବ୍ୟାସଦେବଙ୍କ ପୁଣ୍ୟ ତିଥିରେ ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ବାଇଁଶିବାଡ଼ିର ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଆନୁକୂଲ୍ୟରେ ବାଇଁଶିବାଡ଼ିର ପ୍ରଖ୍ୟାତ ମୃଦଙ୍ଗବାଦ୍ୟ ଗୁରୁ, ସଂକୀର୍ତ୍ତନ ଗୁରୁ, ପାଲା ଗୁରୁ, ରାମଲୀଳା ଗୁରୁ, ପରିନାଟ ଗୁରୁ, ନୃତ୍ୟନାଟିକା ଗୁରୁ କୁଳମଣି ବିଶ୍ୱାଳଙ୍କ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଗ୍ରାମର ଆର୍ତ୍ତତ୍ରାଣ ଗାଦିଗୃହ ପୀଠରେ ଅନୁଷ୍ଠିତ ହୋଇଯାଇଛି। କୈଳାସ ଗୋଟିପୁଅ ନୃତ୍ୟ ପରିଷଦର ସଭାପତି କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ, ସମ୍ପାଦକ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଶିଷ୍ୟ ସୁଦର୍ଶନ ପରିଡ଼ା, ରମେଶ ଚନ୍ଦ୍ର ଦାସ, ଜୟନ୍ତ ବିଶ୍ୱାଳ, ଅଭିମନ୍ୟୁ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୁବ ମର୍ଦ୍ଦଳ ବାଦକ ସମୀର କୁମାର ପଲେଇ, ଶିଶୁ ମୃଦଙ୍ଗ ବାଦକ ପ୍ରକାଶ ଓଝା, କୁନି ସଂକୀର୍ତ୍ତନ ଗାୟକ ବାସୁଦେବ ସାହୁ, କୈଳାଶ ଚନ୍ଦ୍ର ଓଝା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବିଚନ୍ଦନ ଶ୍ରୀ ପ୍ରଧାନ ଗୁରୁ-ଶିଷ୍ୟ ପରମ୍ପରା ଓ ସମ୍ପର୍କ ଉପରେ ଆଲୋକପାତ କରିଥିବାସ୍ଥଳେ ଶିଷ୍ୟମାନେ ଗୁରୁଙ୍କୁ ନେଇ ସଂକୀର୍ତ୍ତନ ପରିବେଷଣ କରି ଗ୍ରାମ୍ୟ ପରିକ୍ରମା କରିଥିଲେ। ଅନୁଷ୍ଠାନର ଉପସଭାପତି ତଥା ପଟ୍ଟଶିଷ୍ୟ ଭାସ୍କର ସ୍ୱାଇଁ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନୟାହାଟ:** ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଗୁରୁବାର ଗୁରୁପୂର୍ଣ୍ଣିମା ଯଥାରୀତି ଅନୁଯାୟୀ ପାଳନ ହୋଇଛି। ସମୂହ ବିଶ୍ୱଶାନ୍ତି ପ୍ରାର୍ଥନା, ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଥିଲା ଗୁରୁଦେବ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଷୋଡ଼ଶ ଉପଚାର ପୂଜା। ପଞ୍ଚତୀର୍ଥ ଜଳରେ ସ୍ନାନ, ମାଆମାନଙ୍କ ଦ୍ୱାରା ବନ୍ଦାପନା, ପରେ ଭକ୍ତ ଶ୍ରଦ୍ଧାଳୁମାନେ ଗୁରୁଦେବଙ୍କୁ ଦାନ, ଦକ୍ଷିଣା ସମର୍ପଣ କରିଥିବାର ଦେଖିବାକୁ ମିଳିଥିଲା। ବାବାଜୀ ବିବେକାନନ୍ଦ ଭଜନ ଗାନ କରିଥିଲାବେଳେ ବାବାଜୀ ଅକ୍ଷୟ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ଡ. ରତ୍ନାକର ମହାନ୍ତି ଗୁରୁପୂର୍ଣ୍ଣିମା ଉପରେ ଭକ୍ତମାନେ କିପରି ପାଳନ କରିଥାନ୍ତି, ତାହା ଆଲୋକପାତ କରିଥିଲେ। ଆଶ୍ରମର ଏହା ଅନ୍ୟତମ ପର୍ବ ବୋଲି ସେବକ ପ୍ରୀତି ରଞ୍ଜନ ସୂଚନା ଦେଇଛନ୍ତି।

୧୦/୭/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୦,୧୮ ୯/- ସୁନା: ୦୦.୭୦୦ ଗ୍ରାମ୍ ରୁପା: ୪୧.୫୦୦ ଗ୍ରାମ୍





## ‘ଶ୍ରୀଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି’ର ବଙ୍ଗଳା ଅନୁବାଦ ଉନ୍ମୋଚିତ




**ପୁରୀ,୧୦।୭ (ସମିସ):** ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ରଚିତ ପୁସ୍ତକ ‘ଶ୍ରୀଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି’ର ବଙ୍ଗଳା ଅନୁବାଦ ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅୟୋଜିତ ଜାତୀୟ ଆଲୋଚନାଚକ୍ରରେ ପୁସ୍ତକ ଲୋକାର୍ପିତ ହୋଇଛି। ଡ. ବାବାଜୀ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, କେନ୍ଦ୍ର ସାହିତ୍ୟ ଏକାଡେମୀର କ୍ଷେତ୍ରବାସୀ ନାୟକ ଓ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ପ୍ରମୁଖ ଉନ୍ମୋଚନ କରିଥିଲେ। ଲେଖକ ଡ. ମିଶ୍ର ଓ ଅନୁବାଦିକା ଶ୍ରେୟା ହାଲ୍‌ଦାର ଏହି ଅବସରରେ ଉପସ୍ଥିତ ଥିଲେ। ଏହି ପୁସ୍ତକଟି ମହୀଶୂରସ୍ଥିତ ଭାଷା ସଂସ୍ଥାନର ଆର୍ଥିକ ସହାୟତାରେ ୨୦୧୦ରେ ଓଡ଼ିଆରେ ପ୍ରକାଶ ପାଇଥିଲା। ପୁସ୍ତକରେ ୧୯ ଟି ଗବେଷଣାତ୍ମକ ଅନାଲୋଚିତ ଆଲେଖ୍ୟ ସ୍ଥାନିତ ହୋଇଛି।

● ୧୪ରେ ଶ୍ରାବଣ ପ୍ରଥମ ସୋମବାର

## ଜଳଲାଗି ପାଇଁ ପ୍ରସ୍ତୁତ ଶ୍ରୀଲୋକନାଥ ପୀଠ

**ପୁରୀ,୧୦।୭ (ସମିସ):** ଶ୍ରାବଣ ମାସରେ ଜଳଲାଗି ପାଇଁ ଓଡ଼ିଶାର ଯେଉଁ କେତେକ ଶୈବପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହୁଏ ସେଥିମଧ୍ୟରୁ ଶ୍ରୀଲୋକନାଥ ପୀଠ ଅନ୍ୟତମ। ତେଣୁ ବୋଲ୍‌ବମ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୪ ତାରିଖରେ ଶ୍ରାବଣ ମାସର ପ୍ରଥମ ସୋମବାର। ତେଣୁ ଲୋକନାଥଙ୍କ ପୀଠରେ ଶୃଙ୍ଖଳିତ ଜଳଲାଗି ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସେହିପରି କାଉଡ଼ିଆମାନେ କିପରି ସୁରୁଖୁରୁରେ ଜଳଲାଗି ସହ ଦର୍ଶନ କରିବେ ସେ ଦିଗରେ ଶ୍ରୀଲୋକନାଥ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇ ବ୍ୟବସ୍ଥା ହୋଇଛି। ରବିବାର ରାତି ୧୨ଟାରେ ମନ୍ଦିରର ଦ୍ୱାର ଫିଟି ମଙ୍ଗଳଆଳତି ଓ ଅବାକାଶ ନୀତି ସମ୍ପନ୍ନ ହେବ। ଏହାପରେ ରାତି ସାଢ଼େ ୧ଟାରୁ ଜଳଲାଗି ଆରମ୍ଭ ହେବ ବୋଲି ଆପାତତଃ ସ୍ଥିର ହୋଇଛି। ସୂଚନା ମୁତାବକ, ଜଳଲାଗି ପାଇଁ ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାଉଡ଼ିଆମାନେ କିପରି ଶାନ୍ତିଶୃଙ୍ଖଳାର ସହ ଆସି ଜଳ ଲାଗି କରି ଫେରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଇଛି। କାଉଡ଼ିଆମାନେ ବ୍ୟାରିକେଡ୍ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଆସିବେ। ରୋଷଘର ଦୁଆରମୁହଁରେ ପ୍ରବେଶ କରି ନାଟାବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ଲିଙ୍ଗରେ ଜଳଲାଗି କରିବେ। ପାଣି ଢାଳିସାରିବା ପରେ ସିଂହଦ୍ୱାର ପଟେ ବାହାରକୁ ବାହାରିବେ। ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହ ପୁଲିସ ସହାୟତା କେନ୍ଦ୍ର, ଆଶୁ ଚିକିତ୍ସା କେନ୍ଦ୍ର ମଧ୍ୟ କରାଯାଉଛି।

## ସ୍ୟାଣ୍ଡ ଆନିମେସନ୍‌ରେ ରାହୁଲ ଗାନ୍ଧୀଙ୍କୁ ସ୍ୱାଗତ




**ପୁରୀ,୧୦।୭ (ସମିସ):** ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ସଂସଦର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ତାଙ୍କ ଓଡ଼ିଶା ଗସ୍ତ ଅବସରରେ ରାହୁଲଙ୍କୁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ସ୍ୱାଗତ କରିଛନ୍ତି ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସ। ୩୦ ମିନିଟ୍‌ରେ ସେ ରାହୁଲଙ୍କ ଅବିକଳ ନକଲ ବାଲୁକା ଆନିମେସନ ପ୍ରସ୍ତୁତ କରିଛନ୍ତି। ସମ୍ବିଧାନ ବଞ୍ଚାଅ ସମାବେଶରେ ଉଦ୍‌ବୋଧନ ଦେବା ପାଇଁ ଶୁକ୍ରବାର ଭୁବନେଶ୍ୱର ଆସୁଥିବା ରାହୁଲଙ୍କୁ ସ୍ୱାଗତ କରିଛନ୍ତି ଶିଳ୍ପୀ ଶ୍ରୀଧର।

▶ ଦଳାଚକଟା ଘଟଣାର ସାକ୍ଷ୍ୟ ଗ୍ରହଣ

# ସାକ୍ଷ୍ୟ ଦେଲେ ୪୮ ସେବାୟତ, ବୁଦ୍ଧିଜୀବୀ ଓ ସଂଗଠନ

**ପୁରୀ,୧୦।୭ (ସମିସ)**

ଶରଧାବାଲି ଦଳାଚକଟା ଘଟଣାର ତଦନ୍ତ ଜାରି ରଖିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ। ବୁଧବାର ଭୁବନେଶ୍ୱରରେ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ବେଳେ ଗୁରୁବାର ପୁରୀରେ ସାକ୍ଷ୍ୟ ଗ୍ରହଣ କରିଛନ୍ତି ଉନ୍ନୟନ କମିଶନର। ସର୍କିଟ ହାଉସ୍ ପରିସରରେ ବିଭିନ୍ନ ବର୍ଗର ୪୮ ବୁଦ୍ଧିଜୀବୀ ଓ ସଂଗଠନ ସାକ୍ଷ୍ୟ ଦେଇଥିବା ବେଳେ ଘଟଣା ବିଷୟରେ ଲିଖିତ ତଥ୍ୟ ମଧ୍ୟ ପ୍ରଦାନ କରିଛନ୍ତି। ଅପରପକ୍ଷେ ଆଗକୁ ଯେପରି ଏହି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ କ’ଣ କରାଯିବା ଦରକାର ବୋଲି ମତ ନେଇଛନ୍ତି ଉନ୍ନୟନ କମିଶନର। ତେବେ ଅଧିକାଂଶ ବୁଦ୍ଧିଜୀବୀ ପ୍ରଶାସନିକ ଅବହେଳା ତଥା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଥିବା ବେଳେ ଏଆଇ କ୍ୟାମେରା ବିରୋଧରେ ଅଧିକ ଅଭିଯୋଗ ହୋଇଛି। ସେହିପରି ରାତ୍ରପହୁଡ଼ ଏବଂ ଚାରମାଳ ଆଣିଥିବା ଟ୍ରକ୍‌କୁ ମଧ୍ୟ ଦାୟୀ କରିଥିବା ଜଣାପଡ଼ିଛି।

ସାକ୍ଷ୍ୟ ପ୍ରଦାନବେଳେ ବୁଦ୍ଧିଜୀବୀ ଦେଇଥିବା ପ୍ରମୁଖ ତଥ୍ୟ ମଧ୍ୟରେ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଦାୟିତ୍ୱରେ ଅବହେଳା ଯୋଗୁଁ ୩ଟି ଅମୂଲ୍ୟ ଜୀବନ ଚାଲିଗଲା। ଏହି ଅଘଟଣ ପରେ ସରକାର ରଥଯାତ୍ରା ପରିଚାଳନାରେ ବିଫଳ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଛି। ସେହିପରି ପ୍ରଶାସନିକ ସମନ୍ୱୟର ଅଭାବ ଅନ୍ୟ ଏକ କାରଣ। ରଥଯାତ୍ରାର ସୁପରିଚାଳନା ପାଇଁ ସରକାର ନିୟୋଜିତ କରିଥିବା ମନ୍ତ୍ରିସ୍ତରୀୟ କମିଟି ଠିକ୍ ଭାବେ ଦାୟିତ୍ୱ ତୁଲାଇଲେ ନାହିଁ। ପ୍ରତ୍ୟେକ ବର୍ଷ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ରାତିସାରା ହଜାର ହଜାର ଶ୍ରଦ୍ଧାଳୁ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିଥା’ନ୍ତି। ସେହି ରାତିରେ ସାଧାରଣତଃ ପହୁଡ଼ କରାଯାଇ ନ ଥାଏ ନଚେତ୍ ବିଧି ରକ୍ଷା ପାଇଁ କିଛି ମିନିଟ୍ ପହୁଡ଼ ପରେ ଖୋଲି ଦିଆଯାଏ। ହେଲେ ଚଳିତ ବର୍ଷ ଶରଧାବାଲିରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଅପେକ୍ଷା କରିଥିବା ବେଳେ ହଠାତ୍ ରାତି ୧୨ଟା ୨୦ରେ ପହୁଡ଼ କରାଗଲା। ଏ ନେଇ ପୂର୍ବରୁ କିମ୍ବା ରଥ ନିକଟରେ ଡାକବାଜି ଯୋଗେ ସୂଚନା ଜାରି ହୋଇ ନ ଥିଲା। ମହାପ୍ରଭୁଙ୍କ ଦର୍ଶନ ଚାଲିଥିବା ଭାବି ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ଓ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀ ବାଟରୁ ଭିଡ଼କୁ ରୋକିବାକୁ ମଧ୍ୟ ଚେଷ୍ଟା କରି ନ ଥିଲେ। ଫଳରେ ରଥ ସମ୍ମୁଖରେ ପ୍ରବଳ ଭିଡ଼ ହୋଇଥିଲା। ଅନେକ ବୃଦ୍ଧ, ବୃଦ୍ଧା, ମହିଳା, ଶିଶୁ ବେଶୀ ସମୟ ଠିଆ ହୋଇ ନ ପାରି ରଥ ନିକଟରେ ଜରି ପାଲ ପକାଇ ବସିଗଲେ। ପ୍ରାୟ ସାଢ଼େ ୩ ଘଣ୍ଟା ପରେ ପହୁଡ଼ ଖୋଲିଥିଲା। ଏ ନେଇ ମଧ୍ୟ କୌଣସି ସୂଚନା ଭକ୍ତଙ୍କ ଉଦ୍ଦେଶ୍ୟରେ ଜାରି ହୋଇ ନ ଥିଲା। ଏହି ସମୟରେ ଦୁଇଟି ଚାରମାଳ ଟ୍ରକ୍ ଭିଡ଼ ଭିତରେ ପଶିଥିଲା ଓ ବାହାରିଥିଲା, ଯାହାକୁ ନେଇ ଠେଲାପେଲା ଧାଁଧପଡ଼ ହୋଇଥିଲା। ସେପଟେ ପହୁଡ଼ ଖୋଲିଯିବାରୁ ମାଟିଆପଡ଼ା ପଟୁ ହଜାର ହଜାର ଶ୍ରଦ୍ଧାଳୁ ପଶି ଆସି ରଥ ଆଗକୁ ଯିବାକୁ ଚେଷ୍ଟା କରିଥିଲେ। ଏଥିଯୋଗୁଁ ଠେଲାପେଲା ଓ ଦଳାଚକଟା ପରିସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିଲା, ଯେଉଁଥିରେ ଶ୍ରଦ୍ଧାଳୁଙ୍କ ଜୀବନହାନୀ ହେଲା।

● ଅଧିକାରୀଙ୍କ ଦାୟିତ୍ୱହୀନତା, ଏଆଇ କ୍ୟାମେରା ବିରୋଧରେ ଅଧିକ ଅଭିଯୋଗ

● ରାତ୍ର ପହୁଡ଼ ଏବଂ ଚାରମାଳ ଟ୍ରକ୍‌କୁ ମଧ୍ୟ ଦାୟୀ କଲେ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରଥଯାତ୍ରା ପୂର୍ବରୁ ଟ୍ରାଫିକ ଏବଂ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି) ପାଇଁ ଜଣେ ଲେଖାଏଁ ଏଡିଜି ଓ ଡିଆଇଜିଙ୍କ ସହିତ ଅନେକ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ୨୭୫ ଏଆଇ କ୍ୟାମେରା ଲଗାଯାଇଛି କୁହାଗଲା। ଉତ୍ତରାରୁ ପୁରୀ, ପୁରୀରୁ କୋଣାର୍କ ଏବଂ ପୁରୀରୁ ବ୍ରହ୍ମଗିରି ରାସ୍ତା ଉପରେ ଏହି କ୍ୟାମେରା ନଜର ରଖିବ। ସିଂହଦ୍ୱାର, ଶରଧାବାଲି, ବଡ଼ଦାଣ୍ଡ କଡ଼ା ସୁରକ୍ଷା ବଳୟରେ ରହିଛି, କିଛି ବି ଅସୁବିଧା ହେବନି। ଅଧିକ ସଂଖ୍ୟକ ଭକ୍ତ ଯଦି କୌଣସି ଦିଗରୁ ଆସନ୍ତି ତେବେ ସେଠାରେ କର୍ତ୍ତବ୍ୟରତ ସୁରକ୍ଷା କର୍ମୀ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇବେ। ହେଲେ ସେଭଳି କିଛି ହୋଇ ନ ଥିଲା। ଏଆଇ କ୍ୟାମେରା ବ୍ୟବସ୍ଥା ନ ଥିଲା ଭଳି ଲାଗୁଥିଲା। ଦଳାଚକଟା ପରେ ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚା ଯାଇ ନ ଥିଲା। ସେହିପରି ଏଆଇ କ୍ୟାମେରା ଲଗାଇବା ନିମନ୍ତେ ଦାୟିତ୍ୱ ନେଇଥିବା ଅଧିକାରୀମାନେ ବଡ଼ ଧରଣର ଦୁର୍ନୀତି କରିଥିବା ବାରି ହୋଇପଡୁଛି। କାରଣ ଏ ପର୍ଯ୍ୟନ୍ତ ପୁଲିସ ସେ ସମୟର ଭିଜୁଆଲ ସାଧାରଣରେ ଜାରି କରିପାରିନି। ଆଡ଼ପ ପହଣ୍ଡି ଦିନ ସନ୍ଧ୍ୟା ପୂର୍ବରୁ ସିସିଟି କ୍ୟାମେରା ଲାଗୁଥିବା ଦେଖିବାକୁ ମିଳିଥିଲା। ଏଥିରୁ ସ୍ପଷ୍ଟ ଦାୟିତ୍ୱରେ ଥିବା ପ୍ରଶାସନ ଓ ସରକାର କିପରି ଦାୟିତ୍ୱହୀନତା କରିଥିଲେ। କିଛି ଅପାରଗ ଅଧିକାରୀଙ୍କ ଦୁର୍ନୀତି ଓ ଦାୟିତ୍ୱହୀନତାରୁ ଅକାଳରେ ଲୋକଙ୍କ ଜୀବନ ଚାଲିଗଲା। ସରକାର ବଦନାମ ହେଲେ ଓ ପୁରୀ ବଦନାମ ହେଲା। ‘ଏଆଇ’ କ୍ୟାମେରା ବିଷୟରେ ମିଛି ସୂଚନା ଦିଆଯାଇଥିଲା, ଯାହା ଫଳରେ ଏହି ଅଘଟଣା ଘଟିଗଲା। ତେଣୁ ଏହାର ସୁବିଚାର କରି ପ୍ରକୃତ ଦୋଷୀକୁ ଦଣ୍ଡ ଦେବା ଲାଗି ଅଧିକାଂଶ ବୁଦ୍ଧିଜୀବୀ ଉନ୍ନୟନ କମିଶନରଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି।

କଣାସରେ ପ୍ରଥମ ବନ୍ୟାଜଳ ପ୍ରବେଶ

## ବ୍ୟାପକ ପରିବା ଫସଲ କ୍ଷତିଗ୍ରସ୍ତ



**କଣାସ,୧୦।୭ (ସମିସ):** କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟାନଦୀରେ ବୁଧବାର ସନ୍ଧ୍ୟାରେ ବନ୍ୟାଜଳ ପ୍ରବେଶ କରିଥିବାବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଦୟାନଦୀରେ ୩.୮୦ ମି.ମି ବନ୍ୟାଜଳ ପ୍ରବାହିତ ହେଉଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ମି.ମି ଥିଲାବେଳେ ବନ୍ୟାଜଳ ବିପଦ ସଙ୍କେତ ପାଖାପାଖି ହୋଇଗଲାଣି। ଫଳରେ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର, ଅଠରବାଟିଆ ଗ୍ରାମର ପରିବା ଫସଲ ଜମିରେ ବନ୍ୟାଜଳ ମାଡ଼ିଯାଇଥିବାରୁ ପୋଟଳ, କଲରା, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, କଞ୍ଚାଲଙ୍କା, ପୋଇ ନଷ୍ଟ ହୋଇଯାଇଛି। ଚାଷୀ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗ୍ରାମ ମହାଜନମାନଙ୍କଠାରୁ ଚଢ଼ା ଦରରେ ସୁଧକୁ ଆଣି ଫସଲ କରିଥିଲେ। ତତ୍‌ସହିତ ଦୟା, ରାଜୁଆ, ମକରା, ନଦୀପଠାମାନଙ୍କରେ ହୋଇଥିବା ପରିବା ଫସଲରେ ବନ୍ୟାଜଳ ମାଡ଼ି ନଷ୍ଟ ହୋଇଯାଇଛି।

## ମାଳମାଲ କରତକଳ; ବନ ବିଭାଗ ନିଦାବିଷ୍ଟ

**ନୟାହାଟ,୧୦।୭ (ସମିସ)**



ନୟାହାଟ ନିକଟସ୍ଥ ତୁଳସୀପୁର, ତମ୍ପାଳୋ, ପୋଦନା, ଦଣ୍ଡିକିରା, କାନପୁର, କଳାପାଞ୍ଚଣ, ଗଡ଼ଇଟା ପୋଖରୀ, ଲେଙ୍କାସାହି ଆଦି ସ୍ଥାନରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କରତକଳ ଦିନରାତି ଚାଲୁ ରହିଛି। କେବଳ ତୁଳସୀପୁର ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ ଚାଲିଥିବା ଅଭିଯୋଗ ହୋଇଛି। ସ୍କୁଲ୍ ନିକଟ, ବଜାର ଓ ଗାଁ ଭିତରେ କରତକଳ ଚାଲିବାରୁ ଏହାର ଶବ୍ଦ ଏବଂ କାଠଗୁଣ୍ଡ ସବୁ ଉଡ଼ିବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଜାର ଉପରେ ବ୍ୟବସାୟୀମାନେ କାଠଗୁଣ୍ଡ ଉଡ଼ିବା ଦ୍ୱାରା ବେପାର କରିବା ଅସମ୍ଭବ ହୋଇପଡୁଛି ଏବଂ ଗାଁରେ ଲୋକେ ରାତିରେ ଶୋଇପାରୁ ନ ଥିବା ଅଭିଯୋଗ ହେଉଛି।

କାଠମାଫିଆମାନେ ଗାଁଗାଁ ବୁଲି ପଣସ, ଚାକୁଣ୍ଡା, ଆମ୍ବ, ଶାଳ, ପିଆଶାଳ ଆଦି ଶାଗମାଛ ଦରରେ କିଣି ଏହି ବେଆଇନ କରତକଳରେ ଆଣି ପହଞ୍ଚାଉଛନ୍ତି। ଖାଲି ସେତିକି ନୁହେଁ, ମାଫିଆମାନେ ଗୋଚର, ଅନାବାଦୀ ଆଦି ସରକାରୀ ଜାଗାରେ ଥିବା ବିଭିନ୍ନ ବଡ଼ବଡ଼ ଗଛ କାଟି କରତକଳକୁ ଆଣି ଚିରି ମାଲାମାଲ ହେଉଛନ୍ତି। ଗୋଟିଏ କରତକଳ ପରିସରରେ ଶହ ଶହ ଟ୍ରିପ୍‌ର ବିଭିନ୍ନ କାଠଗଣ୍ଡି ଚିରଟ ପାଇଁ ପଡ଼ି ରହିଥିବାବେଳେ ଦୈନିକ ୧୦ରୁ ଅଧିକ ଟ୍ରାକ୍ଟର, ୪୦୭ ଟ୍ରକ୍, ଡାଲା ଅଟୋରେ ବିଭିନ୍ନ କରତକଳରୁ କାଠ ଚିରଟ ହୋଇ ବିଭିନ୍ନ ଜିଲ୍ଲାକୁ ପଠାଯାଉଛି। ଅଞ୍ଚଳର ବିଭିନ୍ନ ଛକ ବଜାରରେ କାଠଗୋଲା ଖୋଲାଯାଇ ମୂଲ୍ୟବାନ କାଠପଟା, ଶେଣି ଆଦି ବିକ୍ରି କରାଯାଉଛି। ଏ ସମ୍ପର୍କରେ ପୁରୀ ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନୁର୍ଜୀ ରାସ କହିଛନ୍ତି, ତଦନ୍ତ ପରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗୁରୁ ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

**ପୁରୀ,୧୦।୭ (ସମିସ):** ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ମା’ ପଞ୍ଚମୁଖୀ ଘାଟ କପିଳେଶ୍ୱରପୁରଠାରେ ପୁଣ୍ୟତୋୟା ଭାର୍ଗବୀ ଆଳତି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଗୁରୁମାନଙ୍କୁ ପୂଜ୍ୟପୂଜାର ସମ୍ମାନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ପୂର୍ବତନ ଶିକ୍ଷା ଗୁରୁ ନୃସିଂହ ପ୍ରସାଦ ତ୍ରିପାଠୀ, ଗୁରୁଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୁରୁ ବିମ୍ବାଧର ନାୟକଙ୍କୁ ଉପଢୌକନ, ଅତବଡ଼ି ଜଗନ୍ନାଥ ଦାସଙ୍କ ଫଟୋଚିତ୍ର, ବୃକ୍ଷଚାରା ଓ ଗୀତା ପୁସ୍ତକ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ସୁଶାନ୍ତ କୁମାର ଜେନା, କାଶୀନାଥ ନାୟକ, ବ୍ରହ୍ମଗିରି ବ୍ଲକ୍ ସଭାପତି ବିନାୟକ ପାତ୍ର, ଶିକ୍ଷାବିତ୍ ତ୍ରିଲୋଚନ ଦଳାଇ, ଗୋପାଳ ଚନ୍ଦ୍ର କର, ଗଙ୍ଗାଧର କର, ବାପିନା ପତି, ଭବାନୀ ଶଙ୍କର ତ୍ରିପାଠୀ, ପ୍ରକାଶ ତ୍ରିପାଠୀ, ବିରଞ୍ଚି ମିଶ୍ର, ବାନାମ୍ବର ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଗଣେଶ ବେହେରାଙ୍କ ସହ ଭାର୍ଗବୀ ଆଳତି ମଞ୍ଚର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଦ୍ୱାରିକାନାଥ ବିଶ୍ୱାଳ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ଭିତରେ ଗୁରୁପୂଜନ ଓ ଭାର୍ଗବୀ ଆଳତି କରାଯାଇଥିଲା। ଆସନ୍ତା ଅଗଷ୍ଟ ରକ୍ଷାବନ୍ଧନରେ ଭାର୍ଗବୀ ଆଳତି କରାଯିବା ସହ ବୃକ୍ଷପୂଜନ କରାଯିବ ବୋଲି ବଦ୍ରି ମିଶ୍ର ଘୋଷଣା କରିଛନ୍ତି। ଶେଷରେ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସ୍ତିତ୍ୱ ହରାଉଛି ପ୍ରାଚୀ; ନାକ ଟେକୁଛନ୍ତି ଲୋକେ

**କାକଟପୁର,୧୦।୭ (ସମିସ):** ଓଡ଼ିଶାର ପୁରୀ ଜିଲ୍ଲାର କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀ ଏକକାଳରେ ଏହି ଅଞ୍ଚଳର ଜନଜୀବନର ଜୀବନରେଖା ଥିଲା। କିନ୍ତୁ ଆଜି ଏହି ନଦୀ ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଉଛି। ନଦୀର ଜଳ ଦୂଷିତ ହେବା ସହ ବ୍ୟବହାର ଅଯୋଗ୍ୟ ହୋଇପଡ଼ିଛି। ଆଉ ନଦୀଶଯ୍ୟା ପୋତି ହୋଇ ଏକ ଆବର୍ଜନା ନିଷ୍କାସନସ୍ଥଳୀରେ ପରିଣତ ହେଉଛି। କାକଟପୁରର ଘଣ୍ଟତୋଳା ତୁଠ, ଯେଉଁଠାରେ ଶ୍ରଦ୍ଧାଳୁମାନେ ପୂଜା ଓ ସ୍ନାନ ପାଇଁ ଆସୁଥିଲେ, ସେଠାରେ ଆଜି ଦୁର୍ଗନ୍ଧ ଓ ଆବର୍ଜନାର ଆଧିକ୍ୟ ଯୋଗୁଁ ଲୋକମାନେ ନାକ ଟେକୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଅବାଧ ଖନନ, ଅତିକ୍ରମଣ ଓ ବିଭିନ୍ନ ସ୍ଥାନରୁ ନିଷ୍କାସିତ ବର୍ଜ୍ୟବସ୍ତୁ ନଦୀକୁ ଏକ ମୁମୂର୍ଷ ଅବସ୍ଥାକୁ ଠେଲି ଦେଇଛି। ପୂର୍ବେ ଯେଉଁ ନଦୀରେ ମାଛ ଧରାଯାଉଥିଲା ଓ ଜଳସ୍ତର ୨୦/୩୦ ଫୁଟ୍ ଥିଲା, ଆଜି ତାହା ୧୦୦-୨୦୦ ଫୁଟ୍‌ରୁ ଅଧିକ ଗଭୀରତାକୁ ଖସିଯାଇଛି।

ଜଳସଙ୍କଟ ବିଷୟରେ ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ସାହୁ କହିଛନ୍ତି, ପ୍ରାଚୀନଦୀ ଆମର ସଂସ୍କୃତି ଓ ଧର୍ମର ଏକ ଅଂଶ। ଏହାର ପ୍ରଦୂଷଣ କେବଳ ପରିବେଶକୁ ନଷ୍ଟ କରୁନାହିଁ, ଆମର ଆସ୍ଥାକୁ ମଧ୍ୟ ଆଘାତ ଦେଉଛି। ସେ ଆହୁରି କହିଛନ୍ତି ଯେ ନଦୀଶଯ୍ୟାରେ ବାଲି ଓ ମାଟି ଜମା ହେବା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି, ଯାହା ନଦୀର ଗଭୀରତା



ଓ ପରିଚ୍ଛନ୍ନତାକୁ ହ୍ରାସ କରୁଛି। କାର୍ତ୍ତିକ ପୂର୍ଣ୍ଣିମା ପରମ୍ପରା ଅନୁଯାୟୀ, ନଦୀରେ ଡଙ୍ଗା ଭସାଇବାର ପ୍ରଥା ଏବେ ଦୂଷିତ ଜଳ ଓ ଆବର୍ଜନା ଯୋଗୁଁ ପ୍ରଭାବିତ ହେଉଛି। ୨୦୨୧ରେ କୋଭିଡ୍ କଟକଣା ଯୋଗୁଁ ଏହି ପରମ୍ପରା ଉପରେ କଟକଣା ଲଗାଯାଇଥିଲା, କିନ୍ତୁ ବର୍ତ୍ତମାନ ନଦୀର ଅବସ୍ଥା ଏହି ଧାର୍ମିକ ଅନୁଷ୍ଠାନକୁ ଆହୁରି କଷ୍ଟକର କରିଦେଇଛି। ସ୍ଥାନୀୟ ସାମାଜିକ କର୍ମୀ ସୁଧାକର ମହାପାତ୍ର କହିଛନ୍ତି, ସରକାରୀ ଉଦାସୀନତା ଓ ସଚେତନତାର ଅଭାବ ଏହି ନଦୀର ମୃତ୍ୟୁର କାରଣ ହୋଇଛି। ତୁରନ୍ତ ନଦୀ ପରିଷ୍କାରଣ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆମେ ଆମର ଐତିହ୍ୟର ଏକ ଅମୂଲ୍ୟ ଅଂଶ ହରାଇବୁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ବିଭିନ୍ନ ଯୋଜନା ଘୋଷଣା ହୋଇଥିଲେ ହେଁ ସ୍ଥାନୀୟ ଅଞ୍ଚଳରେ ଏହାର ପ୍ରକୃତ କାର୍ଯ୍ୟକାରିତା ନେଇ ଅସନ୍ତୋଷ ରହିଛି।

## ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ

**ପୁରୀ,୧୦।୭ (ସମିସ):** ଅଖିଳ ଭରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୁଧବାର ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରୁ ବାହାରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପହଞ୍ଚିଥିଲା। ୭୭ତମ ବିଦ୍ୟାର୍ଥୀ ଦିବସରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସରକାରୀ ମହିଳା ବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦଶିବ ପରିସର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସୁରଜମଲ ଶାହା ମହାବିଦ୍ୟାଳୟ ସମେତ ପୁରୀର ବହୁ ଅନୁଷ୍ଠାନର ଛାତ୍ରଛାତ୍ରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିପିନ ବିହାରୀ ଖୁଣ୍ଟିଆ, ପରିଷଦର ରାଜ୍ୟ ଉପସଭାପତି ଡ. ନନ୍ଦିଘୋଷ ମହାପାତ୍ର, ଜିଲ୍ଲା ପ୍ରମୁଖ ଡ. ରାକେଶ କୁମାର ମିଶ୍ର, ପୁରୀ ନଗର ସଭାପତି ଡ. ଦେବାଶିଷ ତ୍ରିପାଠୀ ଯୋଗଦେଇଥିଲେ। ବିଦ୍ୟାର୍ଥୀ ଦିବସରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ସେମାନଙ୍କ ବିଭିନ୍ନ ସମସ୍ୟା, ତା’ର ସମାଧାନ ଦିଗରେ ଆଲୋଚନା କରିଥିଲେ।

# ୮ ବର୍ଷ ହେଲା ସରୁନି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ

**ସାକ୍ଷୀଗୋପାଳ,୧୦।୭ (ସମିସ)**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍‌ରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପୂର୍ବ ବିଜେଡି ସରକାର ପାଇଲଟ୍ ପ୍ରକଳ୍ପ ଭାବେ ୨୦୧୬ରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏକ ଠିକା ସଂସ୍ଥାକୁ ସତ୍ୟବାଦୀ ବ୍ଲକ୍‌ର ବଳପୁର ପଞ୍ଚାୟତର ବିଭୁତି ବାଟିକାଠାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ‘ବସୁଧା’ ଯୋଜନାରେ ଉକ୍ତ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ଏହି ପ୍ରକଳ୍ପ ଆରମ୍ଭ ୨୦୧୬ ଥିଲାବେଳେ ଶେଷ ହେବା ଅବଧି ୨୦୧୮/୧୯ ବର୍ଷ ଥିଲା। କିନ୍ତୁ ବିଭାଗୀୟ ସୂଚନା ଅନୁସାରେ, ଦୀର୍ଘ ୮ ବର୍ଷ ପରେ ୨୦୨୫ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପ୍ରକଳ୍ପର ୩୦ ପ୍ରତିଶତ କାମ ବାକି ରହିଥିଲା। ବର୍ତ୍ତମାନ ମଧ୍ୟ ସ୍ଥିତି ସେହିପରି ରହିଛି। ଏପର୍ଯ୍ୟନ୍ତ ମାତ୍ର ୨୧ଟି ଗ୍ରାମର ଲୋକଙ୍କ ପାଖରେ ପାନୀୟଜଳ ପହଞ୍ଚିଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କଥା ହେଉଛି ନିର୍ମାଣ ସମୟରେ ଏହି ପ୍ରକଳ୍ପରେ ଲାଗିଥିବା ପମ୍ପ, ପାଇପ୍ ଓ ଅନ୍ୟ ଯନ୍ତ୍ରାଂଶର କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟ ନ କରି ପ୍ରତ୍ୟେକ ସମୟରେ ବିଭାଗ ଦ୍ୱାରା ବାରମ୍ବାର ଡିପିଆର୍ ପରିବର୍ତ୍ତନ କରାଯାଉଥିବାରୁ ମୂଳ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। କ୍ଷମତାଠାରୁ ଏବେ ଶତ



ପ୍ରତିଶତ ଅଧିକ ଲୋଡ୍ ରହିବା ଦ୍ୱାରା ପ୍ରକଳ୍ପର କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଛି ବୋଲି ପ୍ରକଳ୍ପ ଦାୟିତ୍ୱରେ ରହିଥିବା କର୍ମଚାରୀ ସରୋଜ ପଣ୍ଡା ପ୍ରକାଶ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ, ମିଥ୍ୟା ପ୍ରତିଶ୍ରୁତି, ବିଭାଗୀୟ ଅଧିକାରୀ ସଠିକ୍ ମନିଟରିଂ ନ କରି ସ୍ଥାନୀୟ ଜନସାଧାରଣଙ୍କୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଭୁଆଁ ବୁଲାଉଛି।

ସବୁବେଳେ କେବଳ ଠିକା ସଂସ୍ଥା ଉପରେ ଦୋଷ ଲଦି ବିଭାଗୀୟ ଅଧିକାରୀ ନିଜ ନିଜର ଦାୟିତ୍ୱ ଖସାଇବାରେ ବ୍ୟସ୍ତ। ଅନ୍ୟ ପଟେ ଠିକା ସଂସ୍ଥାର ଅନ୍ୟୁନ ୪ କୋଟି ଟଙ୍କାର ବକେୟା ଅର୍ଥ ବିଭାଗ ପ୍ରଦାନ କରୁ ନ ଥିବାରୁ ଏହାର କାର୍ଯ୍ୟ ସଠିକ୍ ପରିଚାଳନା ହୋଇପାରୁ ନାହିଁ। ଭାର୍ଗବୀ ନଦୀରୁ ପ୍ରକଳ୍ପ ମଧ୍ୟକୁ ଯେଉଁ ମୁଖ୍ୟ ପାଇପ୍ ଦ୍ୱାରା ପାନୀୟଜଳ ଆସୁଛି ସେଠାରେ ଉପଯୁକ୍ତ ଚ୍ୟାନେଲ ଏବଂ ୱାଲ୍ ପ୍ରସ୍ତୁତ ନ ହେବା କାରଣରୁ ଅଧିକାଂଶ ସମୟରେ ନଦୀ ଶଯ୍ୟାର ବାଲି ମୁଖ୍ୟ ପାଇପ୍ ପର୍ଯ୍ୟନ୍ତ ଆସି ଜଳଯୋଗାଣରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଏସବୁ ପଞ୍ଚାୟତରେ ଠିକା ସଂସ୍ଥା ଦୀର୍ଘ ୧ ବର୍ଷ ହେବ ମୁଖ୍ୟ ପାଇପ୍ ଲାଇନ୍ ପକାଇ ସାରିଥିବାବେଳେ ମୁଖ୍ୟ ପାଇପ୍ ଲାଇନରୁ ସଂଯୁକ୍ତ ଗ୍ରାମଗୁଡ଼ିକର ପ୍ରତି ଘରକୁ ପଏଣ୍ଟ ସଂଯୋଗ କରିଛି। ମାତ୍ର ଏଥିରେ ପାଣି ନ ଆସିବାରୁ ଏହା ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଏ ସମ୍ପର୍କରେ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ, ବିଭାଗ ସବୁ ସମୟରେ ତାଙ୍କୁ ସହଯୋଗ କରୁଛି। କିନ୍ତୁ ଠିକା ସଂସ୍ଥା ତାଙ୍କ ବିଭାଗକୁ ସହଯୋଗ କରୁନାହାନ୍ତି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ଅନୁଧ୍ୟାନ ନିମନ୍ତେ ପୁରୀ ଜିଲ୍ଲାପାଳ ପ୍ରତ୍ୟେକ ସମୟରେ ମନିଟରିଂ କରିବା ସହ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେଉଁ ଉଦ୍ଦେଶ୍ୟ ରଖି ଏଭଳି ମୁଖ୍ୟ ପ୍ରସଙ୍ଗ ଉପରେ ଅଣଦେଖା କରୁଛନ୍ତି ତାହା ଅଞ୍ଚଳବାସୀଙ୍କ ମଧ୍ୟରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ଏହି ସମସ୍ୟା ସମ୍ପର୍କରେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କୁ ପଚାରିବାରୁ ଠିକା ସଂସ୍ଥା ଓ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଠିକା ସଂସ୍ଥା ଓ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟରଖି ସରକାର ତୁରନ୍ତ ସମସ୍ତ ହିତାଧିକାରୀମାନଙ୍କୁ ପାନୀୟଜଳ ଯୋଗାଣ ନିଶ୍ଚିତ କରିବା ଆବଶ୍ୟକ ବୋଲି କହିଛନ୍ତି।

ଠିକା ସଂସ୍ଥା ଓ ବିଭାଗ ମଧ୍ୟରେ ରହୁନି ସମନ୍ୱୟ

ପ୍ରକଳ୍ପର ପ୍ରଥମ ଓ ମୁଖ୍ୟ ଡିପିଆର୍‌କୁ ଡିଆଯାଉନି ଗୁରୁତ୍ୱ

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁଜାତା ପରିଡ଼ାଙ୍କୁ ପଚାରିବାରୁ, ମୁଖ୍ୟ ପାଇପ୍‌ରୁ ହିତାଧିକାରୀମାନଙ୍କ ଦୁଆର ପର୍ଯ୍ୟନ୍ତ ପଡ଼ିଥିବା ପାଇପ୍ ସଂଯୋଗ କରାଯିବା ନିମନ୍ତେ ଅନୁମୋଦନ କରାଯାଇ ଅନୁଦାନ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ପାଇପ୍ ସଂଯୋଗ କରାଯିବ ଓ ହିତାଧିକାରୀମାନଙ୍କୁ ପାନୀୟଜଳ ଯୋଗାଣ କରାଯିବ ବୋଲି କହିଛନ୍ତି। ବର୍ତ୍ତମାନ ସତ୍ୟବାଦୀର ପଡ଼ୋଶୀ ଅଞ୍ଚଳରେ ଜନସାଧାରଣ ଦୂଷିତ ଜଳ ବ୍ୟବହାର କରି ଜନସାଧାରଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଉପଯୁକ୍ତ ବ୍ୟବହାରଯୋଗ୍ୟ ଜଳ ଅଭାବରୁ ସତ୍ୟବାଦୀ ଅଞ୍ଚଳବାସୀ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇପାରନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ପୁନଶ୍ଚ ପରୀକ୍ଷା ବୋଝ

ରାଜ୍ୟର ପ୍ରାଥମିକ ଓ ନିମ୍ନମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ମନସ୍କ କରିବା ପାଇଁ ଓଡ଼ିଶା ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପୁଣି ଥରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ବାର୍ଷିକ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହେବେ ସେମାନଙ୍କୁ ଦୁଇ ମାସ ପରେ ପୁଣି ଥରେ ପରୀକ୍ଷା ଦେବାକୁ ପଡ଼ିବ। ସେଥିରେ ମଧ୍ୟ ଫେଲ୍ ହେଲେ ଉପର ଶ୍ରେଣୀକୁ ଉନ୍ନୀତ ହୋଇପାରିବେ ନାହିଁ। ପାସ୍‌ଫେଲ ବ୍ୟବସ୍ଥା ପୁନଃପ୍ରଚଳନ ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜୱାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି।

ବାର୍ଷିକ ପରୀକ୍ଷାରେ ଫେଲ୍ ହେଲେ ତଳ ଶ୍ରେଣୀର ପିଲାମାନଙ୍କ ସହିତ ବସି ପାଠ ପଢ଼ିବାର ହୀନମନ୍ୟତା ଯୋଗୁଁ ପିଲାମାନେ ଆଉ ସ୍କୁଲ୍ ଆସୁ ନ ଥିଲେ। ଏହାଛଡ଼ା ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଏ ଦିଗରେ ପ୍ରତିବନ୍ଧକ ଥିଲା। ଏଣୁ କ୍ରମଶଃ ସେମାନେ ପାଠପଢ଼ାର ମୁଖ୍ୟଧାରାରୁ ଦୂରେଇ ଯାଇ ପାରିବାରିକ ରୋଜଗାର ପନ୍ଥା କିମ୍ବା କୌଳିକ ବୃତ୍ତିକୁ ଆପଣେଇ ନେଉଥିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାମାନେ ପରିସ୍ଥିତିର ଚାପରେ ଶିଶୁଶ୍ରମିକ ହେବାକୁ ବାଧ୍ୟ ହେଉଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟା ଉଦ୍‌ବେଗଜନକ ହେଉଥିବା ପରିଲକ୍ଷିତ ହୋଇଥିଲା। ଉଦ୍‌ବେଗଜନ ଭାବେ ବୃଦ୍ଧି ପାଉଥିବା ଏଭଳି ଡ୍ରପ୍ ଆଉଟ୍(ଅଧାରୁ ପାଠ ଛାଡ଼ିବା) ହାରକୁ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷା ଅଧିକାର ଆଇନ୍(ଶିଶୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ବା ଆରଟିଇ) ୨୦୦୯ର ଧାରା ୧୬ରେ ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ବା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ଦେବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଥିଲା। ଅର୍ଥାଭାବରୁ କୌଣସି ଶିଶୁ ଯେପରି ପ୍ରାଥମିକ ଓ ମୌଳିକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ଥିଲା ଶିକ୍ଷା ଅଧିକାର ଆଇନର ମୂଳ ଲକ୍ଷ୍ୟ।

ସମ୍ପ୍ରତି ରାଜ୍ୟରେ ପାସ୍‌ଫେଲ୍ ବ୍ୟବସ୍ଥା ପୁନଃପ୍ରଚଳନ ନିଷ୍ପତ୍ତିକୁ କେତେକ ଶିକ୍ଷାବିତ୍ ସ୍ୱାଗତ କରିଥିବା ଆଉ କେତେକ ମହଲ ନାପସନ୍ଦ କରିଛନ୍ତି। ସପକ୍ଷବାଦୀଙ୍କ ଯୁକ୍ତି ହେଲା ପରୀକ୍ଷା ବ୍ୟବସ୍ଥା ଉଠିଯାଇଥିବାରୁ ପିଲାମାନେ ପାଠ ପଢ଼ା ପ୍ରତି ବିମୁଖ ହେଉଛନ୍ତି ଏବଂ ତଳ ଶ୍ରେଣୀର ପାଠ ଉପର ଶ୍ରେଣୀର ପିଲାମାନେ ପଢ଼ିବାରେ ଅକ୍ଷମ ହେଉଛନ୍ତି। ପରୀକ୍ଷାରେ ଫେଲ୍ ହେବାର ଭୟ ରହିଲେ ପିଲାମାନେ ପାଠ୍ୟକ୍ରମ ପ୍ରତି ଗୁରୁତ୍ୱ ଦେବା ସହିତ ସେମାନଙ୍କ ମେଧାଶକ୍ତି ବୃଦ୍ଧି ପାଇବ ଏବଂ ସେମାନେ ବିଭିନ୍ନ ପ୍ରତିଯୋଗିତାପୂର୍ଣ୍ଣ ପରୀକ୍ଷାରେ ସଫଳ ହେବେ। ଅପରପକ୍ଷରେ ରାଜ୍ୟ ସରକାରଙ୍କ ସଦ୍ୟତମ ନିଷ୍ପତ୍ତିକୁ ବିରୋଧ କରୁଥିବା ମହଲର ଯୁକ୍ତି ହେଉଛି ଏହାଦ୍ୱାରା ପୁଣି ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିବ ଏବଂ ସରକାରଙ୍କ ମୂଳଲକ୍ଷ୍ୟ ସୁଦୂର ପରାହତ ହେବ। ବର୍ତ୍ତମାନର ଆହ୍ୱାନ ହେଉଛି ପିଲାମାନଙ୍କୁ ସ୍କୁଲ୍‌ମନସ୍କ କରିବା, ପରୀକ୍ଷାମନସ୍କ ନୁହେଁ।

ଏହି ଦୁଇ ପକ୍ଷର ଯୁକ୍ତିରୁ ଊର୍ଦ୍ଧ୍ୱରେ ଆମ ମତରେ ସରକାରଙ୍କ ଉଚ୍ଚାକାଂକ୍ଷା ସ୍ୱାଗତଯୋଗ୍ୟ। କିନ୍ତୁ ରାଜ୍ୟର ଶିକ୍ଷା ଭିତ୍ତିଭୂମି ଆଧାରରେ ପାସ୍‌ଫେଲ୍ ବ୍ୟବସ୍ଥାର ପୁନଃପ୍ରଚଳନକୁ ତର୍ଜମା କଲେ ଭବିଷ୍ୟତରେ ଶୈକ୍ଷିକ ପରିବେଶରେ ଘୋର ସଙ୍କଟ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ଓଡ଼ିଶାର ସ୍ଥିତି ଅନ୍ୟ ବିକଶିତ ରାଜ୍ୟ ଭଳି ନୁହେଁ। ଉପକୂଳ ଓଡ଼ିଶାରେ ଏବେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବର୍ଷାଦିନେ ଭରା ନଦୀ ନାଳ ପାର ହୋଇ ସ୍କୁଲ୍ ଆସିବାକୁ ପଡୁଥିବା ବେଳେ ଦୁର୍ଗମ ଅଞ୍ଚଳରେ ମାଇଲ୍ ମାଇଲ୍ ବାଟ ଚାଲିବା ପରେ ଶ୍ରେଣୀ ଗୃହ ପାଠ କିମ୍ବା ମଧ୍ୟାହ୍ନ ଭୋଜନ ଭାଗ୍ୟରେ ଜୁଟୁଛି। ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ମେଧାସ୍ତର ଯାହା ସେଥିରେ ହଠାତ୍ ବାର୍ଷିକ ପରୀକ୍ଷା କଲେ ପାସ୍ ତୁଳନାରେ ଫେଲ୍ ହାର ଢେର ଅଧିକ ହେବାର ଆଶଙ୍କା ଅଧିକ। ତେଣୁ ଫେଲ୍ ହେବା ପରେ ପୁଣି ଥରେ ସେମାନେ ଯେ ସ୍କୁଲ୍ ବାରଣ୍ଡା ମାଡ଼ିବେ ସେ ବିଶ୍ୱାସ ଆସୁନାହିଁ। ଏହାଛଡ଼ା ଆମ ଶୈକ୍ଷିକ ଭିତ୍ତିଭୂମି ଅବସ୍ଥା ଯାହା ସେଥିରେ ଗୋଟିଏ କକ୍ଷରେ ଏକାଧିକ ଶ୍ରେଣୀ ଏବଂ ଏକାଧିକ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀରେ ପାଠପଢ଼ା ଯେନତେନପ୍ରକାରେ ଚାଲୁଛି। ଯଦି କୌଣସି ସ୍କୁଲ୍‌ରେ ଅତିକମ୍‌ରେ ୫୦ ପ୍ରତିଶତରୁ ଅଧିକ ପିଲା ଫେଲ୍ ହୁଅନ୍ତି ତେବେ ତଳ ଶ୍ରେଣୀ ସହିତ ସେମାନଙ୍କୁ ମିଶାଇ ପାଠପଢ଼ାଇବା ପାଇଁ ଶ୍ରେଣୀଗୃହର ଗୁରୁତର ଅଭାବ ସୃଷ୍ଟି ହେବ। ଏହାଦ୍ୱାରା ମଧ୍ୟାହ୍ନଭୋଜନ ବୋଝ ମଧ୍ୟ ବଢ଼ିବ। ଏବେ ମଧ୍ୟାହ୍ନଭୋଜନ ପାଇଁ ବଜେଟ୍ ବ୍ୟବସ୍ଥା ନୈରାଶ୍ୟଜନକ। ସେଥିରେ ପୁଣି ପିଲା ସଂଖ୍ୟା ବଢ଼ିଲେ ଖାଦ୍ୟର ମାନରେ ନିଶ୍ଚିତ ଭାବେ ସାଲିସ୍ କରିବାକୁ ପଡ଼ିବ।

ବର୍ତ୍ତମାନର ବିଜେପି ସରକାର କେବଳ ଯଦି ରାଜନୈତିକ ଉଦେଶ୍ୟପ୍ରଣୋଦିତ ଭାବେ ପୂର୍ବ ସରକାରଙ୍କ ଅମଳରେ ପ୍ରଣୀତ ନିଷ୍ପତ୍ତିମାନଙ୍କୁ ବଦଳାଇବା ମାନସିକତାରେ ଏଭଳି ପଦକ୍ଷେପ ନେଇଥା'ନ୍ତି ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ପାସ୍‌ଫେଲ୍ ବ୍ୟବସ୍ଥା ସହିତ ଯେଉଁ ଆନୁଷଙ୍ଗିକ ସମସ୍ୟାମାନ ଜଡ଼ିତ ଅଛି ସେଗୁଡ଼ିକର କିପରି ଯଥାଯଥ ସମାଧାନ ହୋଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରିବା ଆବଶ୍ୟକ। ଯେଉଁମାନେ ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ କରିଥିଲେ ସେମାନେ ସମସ୍ତେ ଅବୋଧ ନଥିଲେ। କିନ୍ତୁ ଏହା ଭିତରେ ଶିକ୍ଷା କ୍ଷେତ୍ରରେ ଏଭଳି କ'ଣ ଉନ୍ନତି ହୋଇଥିବା ସରକାର ହୃଦ୍‌ବୋଧ କଲେ ଯେ ତାହାକୁ ତରବରିଆ ଭାବେ ଉଚ୍ଛେଦ କରିଦେଲେ ସେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଜନକଲ୍ୟାଣ ସହିତ ଜଡ଼ିତ କୌଣସି ଯୋଜନା ପ୍ରଣୟନ କିମ୍ବା ସଂଶୋଧନ କରିବା ପୂର୍ବରୁ ବିଧାନସଭାରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇପାରିଥା'ନ୍ତା। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ସରକାରଙ୍କ ନିଷ୍ପତ୍ତି ହିଁ କାଏମ୍ ରହିବ। କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଲୋଚନା ଓ ସମାଲୋଚନାକୁ ଗୁରୁତ୍ୱ ଦେବା ବିଧେୟ। ଏବେ ମଧ୍ୟ ବିଶେଷ ବିଳମ୍ବ ହୋଇନାହିଁ। ବର୍ତ୍ତମାନର ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରି ପ୍ରତ୍ୟାହାର କରିବାର କେତେକ ଉଦାହରଣ ଆମେ ଅତୀତରେ ଦେଖିଛୁ। ତେଣୁ ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ପଥ ପ୍ରସ୍ତୁତ କରିବା ଉଚିତ ହେବ। ଏଥିସହିତ ଶିକ୍ଷାବିତ୍‌ମାନଙ୍କୁ ନେଇ ରାଜ୍ୟସ୍ତରୀୟ ବିଚାରବିମର୍ଶ ହୋଇ ସେ ନିଷ୍କର୍ଷ ଆଧାରରେ ଯଦି ସରକାର ପାସ୍‌ଫେଲ୍ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତେ ତେବେ ଅପରିଣାମଦର୍ଶୀର କଳଙ୍କ ମୁଣ୍ଡାଇବାକୁ ପଡ଼ନ୍ତା ନାହିଁ। ଆଶା ସରକାର ଏହାକୁ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ।

## ସର୍ଜନଶୀଳ ଓଡ଼ିଶା

**ଡ. ପ୍ରଫୁଲ୍ଲ କୁମାର ସାହୁ**

ସ୍ଥାପତ୍ୟ କଳା ପାଇଁ ଓଡ଼ିଆ ଜାତି ବିଶ୍ୱବିଖ୍ୟାତ। ଦ୍ୱାଦଶ ଶତାବ୍ଦୀ ବେଳକୁ ମନ୍ଦିର ସ୍ଥାପତ୍ୟ କଳାରେ ତା'ର ଉତ୍କର୍ଷ ଚରମ ସୀମାରେ ପହଞ୍ଚି ସାରିଥିଲା, ଯା'ର ନିଦର୍ଶନ ହେଉଛି କୋଣାର୍କ ମନ୍ଦିର। ଶିଳ୍ପକଳା ଦୃଷ୍ଟିରୁ ଏହା ପୃଥିବୀ ପ୍ରସିଦ୍ଧ। କୋଣାର୍କ କେବଳ ଧର୍ମ, ଅର୍ଥ ଓ ପରମାର୍ଥର ତୀର୍ଥସ୍ଥଳୀ ନୁହେଁ, ଏହା ଅମ୍ଳାନ ସୌନ୍ଦର୍ଯ୍ୟର ଏକ ନନ୍ଦନବନ। ରମ୍ୟ କଳାର ଚାରୁ ଚିତ୍ରଶାଳା। କବି ଦୃଷ୍ଟିରେ ଏହା ପ୍ରସ୍ତର ଗାତ୍ରରେ ଲିଖିତ ଏକ ମହାକାବ୍ୟ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ ପଥର ଏଠି ମଣିଷଠାରୁ ଅଧିକ ମୁଖର। କୋଣାର୍କକୁ ଯିଏ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, କଳିଙ୍ଗର ସ୍ଥାପତ୍ୟ ଧାରାରେ ତା'ର ସ୍ଥାନ କେବଳ ଶୀର୍ଷରେ ନୁହେଁ, ତାହା ବିଶ୍ୱରେ ବିସ୍ମୟ। ତା'ର ଯୁଗୋତୀର୍ଣ୍ଣ କଳା ନୈପୁଣ୍ୟ ନେଇ ଲେଖାଯାଇଛି ଅନେକ କାବ୍ୟ କବିତା। 'ଧର୍ମପଦ'କାବ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସ କିମ୍ବଦନ୍ତୀକୁ ଆଧାର କରି ତ୍ୟାଗର ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି, ତାରି ଭିତରେ ନିହିତ ସୂକ୍ଷ୍ମ ସର୍ଜନଶୀଳତାର ନିଦର୍ଶନ। ଧର୍ମପଦ ଇତିହାସ ନୁହେଁ, କିମ୍ବଦନ୍ତୀ। ମାତ୍ର କବି ଗୋପବନ୍ଧୁଙ୍କ ଲେଖନୀ ସ୍ପର୍ଶ ପାଇ ସେ ପାଲଟି ଯାଇଛି ଇତିହାସଠାରୁ ବୃହତ୍ତର ସତ୍ୟ। ଓଡ଼ିଆ ଜନଜୀବନ ସହିତ ସେ ପୂର୍ଣ୍ଣମାତ୍ରାରେ ଯୋଡ଼ି ହୋଇଯାଇଛି, ଯାହା ସମ୍ଭବ ହୋଇନାହିଁ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବଙ୍କ ଭାଗ୍ୟରେ।

ଓଡ଼ିଆ କବି ଶବ୍ଦ କୋଣାର୍କର ଶିଳ୍ପୀ। ସେ ଲେଖିପାରେ 'ଗୀତ ଗୋବିନ୍ଦ' ଭଳି ଅନନ୍ୟ, ଅନୁପମ ଓ ଅମଳିନ କାବ୍ୟ। ଗୀତଗୋବିନ୍ଦର କାନ୍ତକୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। ଏହା ପୃଥିବୀର ବହୁ ଭାଷାରେ ଅନୂଦିତ ଓ ଆଦୃତ। ସମଗ୍ର ବିଶ୍ୱରେ ଏହା ଏକ ଅନନ୍ୟ, ଅନୁପମ ଓ ଅମଳିନ କୃତି। ଗୀତଗୋବିନ୍ଦ ଭଳି ଗୋଟିଏ ଛୋଟିଆ କାବ୍ୟ ରଚନା କରି ଜୟଦେବ ଯେଭଳି ଖ୍ୟାତି ଓ ଅମରତ୍ୱ ଲାଭ କରିଛନ୍ତି, ତାହା ସମ୍ଭବ ହୋଇପାରିନି ପୃଥିବୀର ଅନ୍ୟ କୌଣସି କବିଙ୍କ ଭାଗ୍ୟରେ। ବାଉଁଶ ନଳୀ ସାହାଯ୍ୟରେ ଆକାଶକୁ ଚାହିଁ ବହୁ ଜଟିଳ ତତ୍ତ୍ୱର ସରଳ ସୂତ୍ର ଆବିଷ୍କାର କରିପାରେ ଏହି ମାଟିର ଖଗୋଳ ବିଜ୍ଞାନୀ। ଏହି ମାଟିରେ ଜନ୍ମ ନେଇଛି ଦଶମିକ ଭଗ୍ନାଂଶ, ଯାହା ଗଣିତ ଶାସ୍ତ୍ରକୁ ଏକ ଯୁଗାନ୍ତକାରୀ ଅବଦାନ ବୋଲି ସ୍ୱୀକାର କରିଛି ସାରା ବିଶ୍ୱ। ଏହି ଆଧ୍ୟାତ୍ମିକ ଭୂଇଁରୁ ଆତ୍ମପ୍ରକାଶ କରିଛି ଅଭିନବ ଧର୍ମଧାରା ମହିମାଧର୍ମ। ଜାତିସଂଘର ଲଲାଟପଟରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଆ କବିର ମହାନ ବାଣୀ -'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।'

ଏକଦା ଲେଖନୀ ସାହାଯ୍ୟରେ ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧ ସାହିତ୍ୟ, ବୌଦ୍ଧ ସାହିତ୍ୟ, ତନ୍ତ୍ର ସାହିତ୍ୟ, ଲୋକ ସାହିତ୍ୟ ଏବଂ ରାମାୟଣ ଓ ମହାଭାରତ ଭଳି ପ୍ରାଚୀନ ପୋଥି। ତାଳପତ୍ରରେ ଅକ୍ଷର ଲେଖିବା, ଚିତ୍ର ଆଙ୍କିବା ଏବଂ ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଖୁବ ଉଚ୍ଚକୋଟୀର। ପୋଥିର ନିମପତ୍ର ଓ ହଳଦୀ ଲେପଦେଇ ଏବଂ ନିୟମିତ ବ୍ୟବଧାନରେ ଖରାରେ ଶୁଖାଇ ରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥି ଆସ୍ଥାନ, ପୋଥି ଖଟୁଲି, ପୋଥି ବିମାନ, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି।

ଶିଳ୍ପକଳା ଓଡ଼ିଆ ଜାତିର ଅସ୍ଥି ମଜ୍ଜାଗତ। ଯେଉଁଠି ପଥରର ପ୍ରାଚୁର୍ଯ୍ୟ, ସେହି ଏକାମ୍ରରେ ଓଡ଼ିଆ ଶିଳ୍ପୀ ଶତାବ୍ଦୀରେ ଗଢ଼ିଥିଲା ହଜାର ହଜାର ମନ୍ଦିର। ପ୍ରତିଟି ପଥର ଖଣ୍ଡରେ ଲେଖିଥିଲା କଳାର କବିତା। ଭୁବନେଶ୍ୱରର ଦେଉଳ ପରି ଶିଳ୍ପୋନ୍ନତ ଓ ଦେବୋପମ ସ୍ଥାପତ୍ୟର ଦୃଷ୍ଟାନ୍ତ ବିରଳ। ଏ ଜାତି ସୁନାରୁପାରେ କରେ ତାରକସି କାମ। ରୁପା ତାରକସି ପାଇଁ ରୁପେଲି ସହର କଟକ ବିଶ୍ୱବିଖ୍ୟାତ। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶ୍ୱ ଦେଖିଛି ଓଡ଼ିଆ ତାରକସି କାମର ଝଲକ। ପଥର ଖୋଦନ ଓଡ଼ିଆ ଜାତିର ଏକ ପୁରାତନ ଶିଳ୍ପ। ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପଥର କାନ୍ଥରେ ଖୋଦିତ ହାତୀର ସମ୍ମୁଖ ଭାଗ ଓଡ଼ିଶାର ସର୍ବପୁରାତନ ପ୍ରସ୍ତର କଳାକୃତି ମଧ୍ୟରେ ଅନ୍ୟତମ। କଂସା ଓ ପିତଳ ହାଣ୍ଡି ଉପରେ ସୁନ୍ଦର ଖୋଦନ ଓଡ଼ିଆ ସୂକ୍ଷ୍ମକଳାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ସେଥିପାଇଁ ଓଡ଼ିଶାର ଘରେ ଘରେ ଦେଖିବାକୁ ମିଳେ ଧାତୁ ନିର୍ମିତ କଳାକୃତି।

ଓଡ଼ିଶାରେ ଏପରି କାରିଗର ମଧ୍ୟ ଅଛନ୍ତି, ଯେଉଁମାନେ ଗୋରୁର ଶିଙ୍ଗରୁ ତିଆରି କରିପାରନ୍ତି ପାନିଆ, ଫୁଲ ଓ କଲମ ଷ୍ଟାଣ୍ଡ ଆଦି ବିଭିନ୍ନ ଜିନିଷ। ଓଡ଼ିଶାରେ କାଠ ଖୋଦେଇ କାମ ମଧ୍ୟ ବହୁଳ ଲୋକପ୍ରିୟ। ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱ ସମ୍ପର୍କରେ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ବର୍ଦ୍ଧକୀକୁ ଜଣା କାଠରେ ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନକୌଶଳ। ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମ ଆଧାରରେ ସେ ଏକାଧିକ ବୋଇତକୁ ଯୋଡ଼ି ନିର୍ମାଣ କରିପାରୁଥିଲା ବିଶାଳକାୟ ଓ ସୁଦୃଶ୍ୟ ବୋଇତ।

ଓଡ଼ିଆଙ୍କ ଜୀବନଦର୍ଶନ, ଚିନ୍ତାଚେତନା, ଭାବଭାବନା ଆଦି ସବୁଠି ରହିଛି ଅନନ୍ୟ କଳାତ୍ମକ ପରିପ୍ରକାଶ। ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସାରିତ ହୋଇଛି ଓଡ଼ିଶାର ସୂକ୍ଷ୍ମ କଳାରୂପ। ସମ୍ବଲପୁର ବୟନକଳାର ଗୁଣବତ୍ତା ଓ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ। ସମ୍ବଲପୁରୀ ବାନ୍ଧକଳା ବିଶ୍ୱପ୍ରସିଦ୍ଧ, ଯାହା ଲୋକରୁଚି, ଲୋକଚଳଣିର ଓ ଲୋକ ଅଭିବ୍ୟକ୍ତିକୁ ନେଇ ସମୃଦ୍ଧ ଓ ରୁଦ୍ଧିମନ୍ତ। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ପଟ୍ଟଚିତ୍ର ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ମର୍ଯ୍ୟାଦାବନ୍ତ କଳା। ଏହାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ଅଦ୍ୟାବଧି ମୌଳିକ ଭାବରେ ଭାସ୍ୱର। ପଟ୍ଟଚିତ୍ରରେ ଓଡ଼ିଶାର ସାଂସ୍କୃତିକ ଚିତ୍ରାବଳୀର ମହିମାନ୍ୱିତ ରୂପ ଅନ୍ତରାଳରେ ରହିଛି ତା'ର ଶୈଳୀଗତ ଅବବୋଧ। ପଟ୍ଟଚିତ୍ର ନିମନ୍ତେ ରଙ୍ଗ ପ୍ରସ୍ତୁତି ଓ ତା'ର ପ୍ରୟୋଗ ମଧ୍ୟ ଭିନ୍ନ ଏକ କଳାତ୍ମକ ଦିଗ। ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ପଟ୍ଟଚିତ୍ରର ମୁଖ୍ୟ ଉପଜୀବ୍ୟ। ତେଣୁ ଜଗନ୍ନାଥ ସଂସ୍କୃତି ସହିତ ପଟ୍ଟଚିତ୍ର ପରମ୍ପରା ଓତପ୍ରୋତ ଭାବରେ ଜଡ଼ିତ।

ଓଡ଼ିଆ ଜାତି ଭକ୍ତି ଭିତରେ ଏମିତି ଶକ୍ତି ଖଞ୍ଜି ଦେଇ ପାରେ ଯେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଅଟକାଇ ଦେଇ ପାରେ ସାଲବେଗ ଓ ବଳରାମ ଦାସଙ୍କ ପରି ଭକ୍ତଙ୍କ ଭାବ ବିହ୍ୱଳିତ ଆବେଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି କେଉଁ ସ୍ମରଣାତୀତ କାଳରୁ ଓଡ଼ିଆ ଜନଜୀବନରେ ପ୍ରବାହିତ ହୋଇଛି ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ। ଏହା ଯେତିକି ଭକ୍ତି ଭାବାପନ୍ନ, ସେତିକି କଳାତ୍ମକ ଚେତନାରେ ରସାଣିତ। ତେଣୁ ଓଡ଼ିଆ ଜାତି 'ଜଗନ୍ନାଥ କ୍ଷେତ୍ର'କୁ 'କ୍ଷେତ୍ର' ନକହି କହିଲା 'ଶ୍ରୀକ୍ଷେତ୍ର'। ମନ୍ଦିରକୁ କହିଲା 'ଶ୍ରୀମନ୍ଦିର'। ପ୍ରସାଦକୁ କହିଲା 'ମହାପ୍ରସାଦ'। ମହାପ୍ରଭୁଙ୍କ ମହାତ୍ମ୍ୟ ଓ ମହନୀୟତାକୁ ମର୍ମେ ମର୍ମେ ଅନୁଭବ କରିଥିବା ଓଡ଼ିଆ ଜାତିର ମଗଜରୁ ଉତୁରି ଆସିଲା ନୀଳକନ୍ଦର, ନିର୍ମାଲ୍ୟ, କୈବଲ୍ୟ କଣିକା, ଶରଧାବାଲି ଓ କଳ୍ପବଟ ଆଦି ସୁନ୍ଦର ଶବ୍ଦ।

କେବଳ ଆଧ୍ୟାତ୍ମିକ ଭାବ ଓ ଭାବନାରେ ନୁହେଁ, ନଦୀଠାରୁ ନକ୍ଷତ୍ର ଓ ଭୂମିଠାରୁ ଭୂଧର ଆଦି ପ୍ରତ୍ୟେକ କ୍ଷେତ୍ରରେ ଚୟନ କରିଛି କଳା ବିଭୂଷିତ ନାମ। ସର୍ଜନଶୀଳତାର ତୁଙ୍ଗିମା ଆରୋହଣ କରି ନଦୀକୁ କହିଲା ମହାନଦୀ ଓ ସମୁଦ୍ରକୁ କହିଲା ମହୋଦଧି। ନଦୀର ନାମ ଦେଲା ସୁବର୍ଣ୍ଣରେଖା, ସାଳନ୍ଦୀ, ତମସା, ଋଷିକୂଲ୍ୟା, ଚିତ୍ରୋତ୍ପଳା, ମହେନ୍ଦ୍ରତନୟା ଇତ୍ୟାଦି। ଉଭୟ ଗୁଣାତ୍ମକ ଓ କଳାତ୍ମକ ଦିଗକୁ ଦୃଷ୍ଟିରେ ରଖି ପାହାଡ଼ର ନାଆଁ ଦେଲା ମେଘାସନ, ସ୍ୱର୍ଣ୍ଣଚୂଡ଼, ଦେଓମାଳି, ମହେନ୍ଦ୍ରଗିରି, ମଣିକର୍ଣ୍ଣିକା, ଗୋନାସିକା ଓ ଗୋକର୍ଣ୍ଣିକା ଏବଂ ଏମିତି ଆହୁରି ଅନେକେ ସୁନ୍ଦର ନାମ। ଗ୍ରାମ ଓ ନଗର ନାମକରଣରେ ମଧ୍ୟ ବୋଳି ହୋଇଗଲା ସମ୍ଭ୍ରାନ୍ତୀୟ ଛାପ। ଜନପଦର ନାମ ଦେଲା ଅସ୍ତରଙ୍ଗ, ନିଶ୍ଚିନ୍ତକୋଇଲି, ମଧୁବନ, ଚନ୍ଦ୍ରାବାଲି, ଚାନ୍ଦବାଲି ଇତ୍ୟାଦି। କଳାତ୍ମକ ନାମ ଚୟନରେ ଓଡ଼ିଆ ଜାତି ଯେ ସବା ଆଗରେ ତା'ର ଅନ୍ୟ ଏକ ଦୃଷ୍ଟାନ୍ତ ହେଉଛି ଓଡ଼ିଆ କାବ୍ୟର ନାନ୍ଦନିକ ନାମକରଣ। ଯେଉଁ ମାଟିରେ ଉପେନ୍ଦ୍ର ଭଞ୍ଜଙ୍କ ଭଳି କବି ସମ୍ରାଟ, ସଙ୍ଗୀତ ସମ୍ରାଟ ଓ ଶବ୍ଦ ସମ୍ରାଟ ଜନ୍ମ ନିଅନ୍ତି, ସେହି ଜାତି କେବଳ ତା'ର କାବ୍ୟର ନାମକରଣ କରିବାକୁ ଯାଇ ରଖିପାରେ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରହସ୍ୟ ମଞ୍ଜରୀ, ଚନ୍ଦ୍ରଭାଗା, ହେମଶସ୍ୟ ଆଦି ନାମ।

ଅତୀତରେ ଓଡ଼ିଶା କେବେ କଳିଙ୍ଗ ତ କେବେ କଙ୍ଗୋଦ, କେବେ ଉଡ୍ର ତ କେବେ ଉତ୍କଳ ଓ ମହାକାନ୍ତାର ଆଦି ନାମରେ ପରିଚିତ ହୋଇଥିଲେ ମଧ୍ୟ ଶେଷରେ ଭାଷାକୁ ଭିତ୍ତି କରି ସ୍ୱତନ୍ତ୍ର ମାନ୍ୟତା ପାଇଛି, ଯାହା ତା'ର ନାନ୍ଦନିକ ଦିଶା ଓ ଦର୍ଶନର ଦର୍ପଣ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ପ୍ଲାଷ୍ଟିକ ବିନା ଜୀବନ

**ଡ. ବିଜୟକେତନ ପଟ୍ଟନାୟକ**

ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ପ୍ଲାଷ୍ଟିକ ଏକ ପେଟ୍ରୋଲଜାତ ଜୈବ ବିଘଟନ ଅକ୍ଷମ ପଦାର୍ଥ, ପ୍ରାକୃତିକ ପ୍ରକ୍ରିୟାରେ ଯାହାର ସଂପୂର୍ଣ୍ଣ ବିଘଟନ ନିମନ୍ତେ ୭୦୦ ରୁ ୧୦୦୦ ବର୍ଷ ଲାଗିଯାଏ। ସଂପୂର୍ଣ୍ଣ ବିଘଟନ ପୂର୍ବରୁ ନାନୋପ୍ଲାଷ୍ଟିକ୍ ବା ପ୍ଲାଷ୍ଟିକ୍ କଣିକା ରୂପରେ ଭିନ୍ନ ଭିନ୍ନ ମାଧ୍ୟମରେ ଏହା ଆମର ଖାଦ୍ୟଶୃଙ୍ଖଳରେ ମଧ୍ୟ ପହଞ୍ଚିଯାଏ। ହାଲ୍‌କା, ନମନୀୟ, ସୁଲଭ, ଦୀର୍ଘସ୍ଥାୟୀ, ଗନ୍ଧହୀନ, ସ୍ୱାଦହୀନ, ସ୍ୱଚ୍ଛ ଓ ବର୍ଷା ଜଳରେ ଭିଜି ଯାଉ ନଥିବା ହେତୁ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ଆଦୃତି ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକର ଉଦ୍ଭାବନ ୧୮୬୨ ମସିହାରୁ ହେଲାଣି। କିନ୍ତୁ ୧୯୯୦ ପରେ ହିଁ ପ୍ଲାଷ୍ଟିକ ପଲିଥିନ ମୁଣାର ବ୍ୟବହାର ଆମ ଦେଶ ଓ ରାଜ୍ୟର ସହର, ବଜାର, ଗାଁ ଗଣ୍ଡା ଚାରିଆଡ଼େ ବ୍ୟାପିଗଲା। ୧୯୯୦ ରେ ଆମ ଦେଶରେ ଯେତିକି ପରିମାଣରେ ପ୍ଲାଷ୍ଟିକ ପ୍ରସ୍ତୁତ ହେଉଥିଲା, ଏବେ ତା'ର ୨୦ ରୁ ୨୫ ଗୁଣ ଅଧିକ ଉତ୍ପାଦନ ଓ ବିକ୍ରୟ ହେଉଛି।

ଦେଖାଯାଇଛି ବର୍ଷ ବର୍ଷ ଧରି ବିଘଟନ ନ ହୋଇ ଦୃଶ୍ୟକଟୁ ଭାବେ ରାସ୍ତାକଡ଼ରେ ଗଦା ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରମୁଖ ଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ ଥରେମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ। ଏହାର ପରିମାଣ ମୋଟ ବର୍ଜ୍ୟର ୭୫ ପ୍ରତିଶତ। ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର କେତୋଟି ଛୋଟ ଉଦାହରଣ ଦିଆଯାଇପାରେ। ପ୍ରାତଃଭ୍ରମଣରେ ପ୍ଲାଷ୍ଟିକ କପରେ ଚା' ପିଇ କପକୁ ଫୋପାଡ଼ି ଦିଅ। ଅଥବା ଜଳଖିଆ ଖାଇ ପ୍ଲାଷ୍ଟିକ ପ୍ଲେଟ୍‌କୁ ଫିଙ୍ଗି ଦିଅ। ପ୍ରାତଃଭ୍ରମଣରୁ ଫେରିବା ସମୟରେ ଅନେକ ବରିଷ୍ଠ ନାଗରିକ ରାସ୍ତାକଡ଼ରେ ବସୁଥିବା ବେପାରୀମାନଙ୍କଠାରୁ କିଛି ବିଫା ଶାଗ, କଖାରୁ ଫୁଲ, ପନିପରିବା ଜରି ମୁଣାରେ ଧରି ଘରକୁ ଫେରନ୍ତି। ବେଳେ ବେଳେ ଠେଲା ଜଳଖିଆ ଗାଡ଼ିରୁ ଗରମ ବରା, ପିଆଜି, ମଟର ତରକାରୀ ଦୋକାନୀ ଦେଉଥିବା କଳାଜରିରେ ନେଇ ଆସନ୍ତି। କଳା ଜରିମୁଣାରେ ଗରମ ଖାଦ୍ୟ ଆଣିଲେ ସେଥିରେ ରଙ୍ଗରୁ ଉଦ୍‌ବୃତ ବିଷ ସଞ୍ଚରି ଯାଏ। ବଜାରକୁ ଗଲା ବେଳେ ସାଙ୍ଗରେ କ'ଣ କନା ବ୍ୟାଗଟିଏ ବା ଛୋଟ ଟିଫିନ କ୍ୟାରିୟରଟିଏ ନିଆଯାଇ ପାରନ୍ତନି!

ବରିଷ୍ଠ ନାଗରିକମାନେ ସେମାନଙ୍କର ପିଲାଦିନ ଓ ସ୍କୁଲ ଜୀବନ କଥା ମନେ ପକାଇଲେ ନିଶ୍ଚିତ ଭାବେ ହୃଦୟଙ୍ଗମ କରିପାରିବେ ଯେ ସେ ସମୟରେ ପ୍ଲାଷ୍ଟିକର ପ୍ରଚଳନ ଆଦୌ ନଥିଲା। ଗାଁ ଗହଳିରେ ଆମେ ମାନେ କଂସା ପିତ୍ତଳ ବାସନରେ ବା କଦଳୀ ପତ୍ରରେ ଖାଉଥିଲୁ। କାଚ ବା ପିତ୍ତଳ ଗ୍ଲାସରେ ପାଣି ପିଉଥିଲୁ। ମାଟି ହାଣ୍ଡିରେ ଭାତ, ଡାଲି ରାନ୍ଧୁଥିଲୁ। ଏବେ ବି ସେହି ପରମ୍ପରାକୁ ବଜାଇ ରଖି ପ୍ରଭୁ ଜଗନ୍ନାଥଙ୍କର ଅନ୍ନ, ବ୍ୟଞ୍ଜନ ମାଟି କୁଡୁଆରେ ପ୍ରସ୍ତୁତ କରାଯାଉଛି। ଭୋଜିଭାତରେ ଶାଳପତ୍ର କିମ୍ବା ଶିଆଳି ପତ୍ରରୁ ପ୍ରସ୍ତୁତ ଖଲିରେ ଖାଦ୍ୟ ପରଷି ଦିଆଯାଉଥିଲା। ମାଟି ସରାରେ କ୍ଷୀରି, ଦୋକାନରୁ ସଉଦାପତ୍ର, ପନିପରିବା କିମ୍ବା ମାଛ, ମାଂସ ଆଣିବାକୁ ଗଲା ବେଳେ ଆମେ ସାଙ୍ଗରେ ଝୋଟରୁ ପ୍ରସ୍ତୁତ ଅଖାବ୍ୟାଗ ବା କନାବ୍ୟାଗ ନେଇ ଯାଉଥିଲୁ। ଦୋକାନୀ କାଗଜ ଠୁଙ୍ଗାରେ ନଚେତ୍ ପୁରୁଣା ଖବର କାଗଜରେ ଗୁଡ଼ାଇ ତେଜେରାତି ସଉଦା ଦିଏ। ତେଲ ଆଣିବା ପାଇଁ ସାଙ୍ଗରେ କାଚ ବୋତଲଟିଏ ନେଉଥିଲୁ। ଦୋକାନୀ କାହାଳି ଓ ପଳାରେ ମାପି କରି ତେଲ ଦେଉଥିଲା। କିରୋସିନି ପାଇଁ ଟିଣଡବା। ସଞ୍ଜବେଳେ ସ୍ତ୍ରୀ ଲୋକମାନେ ପତ୍ର ଠୋଲାରେ ବିଲରୁ ଧରିଥିବା ଚୂନାମାଛ ଆଣି ବିକୁଥିଲେ। ଦିନରେ ଗଉଡୁଣୀ ମଧ୍ୟ ପତ୍ର ଠୋଲାରେ ଦହି ବିକୁଥିଲା କିମ୍ବା କାଚପାତ୍ରରେ ଅଜାଡ଼ି ଦେଉଥିଲା। କୂଅରୁ ପାଣି କାଢ଼ିବା ପାଇଁ କତାରୁ ପ୍ରସ୍ତୁତ ଦଉଡ଼ି ବ୍ୟବହାର ହେଉଥିଲା। ଯାନିଯାତ୍ରାରୁ ବା ମେଳଣ ପଡ଼ିଆରୁ ପିଲାମାନେ କାଠକଣ୍ଢେଇ କିମ୍ବା ମାଟି କଣ୍ଢେଇ କିଣୁଥିଲେ। ପଇସା ସଞ୍ଚିବା ନିମନ୍ତେ ମାଟିର ସରାଗାତ ଆଣୁଥିଲେ। ଦାନ୍ତ ଘସିଲାବେଳେ ନିମ, ମୁତୁରୀ ବା କରଞ୍ଜ ଗଛର ଦାନ୍ତ କାଠି ବ୍ୟବହାର କରଉଥିଲେ। ଶିଙ୍ଗ ପାନିଆରେ ମୁଣ୍ଡ କୁଣ୍ଡଉଥିଲେ। ଶୋଇବା ପାଇଁ ହେଂସ, ଖଜୁରୀ ପଟି ବା ସପ ମସିଣା ବ୍ୟବହାର କରୁଥିଲୁ। ତାଳପତ୍ର ବିଞ୍ଚଣାରେ ବିଞ୍ଚି ହେଉଥିଲୁ। ବିଛେଇ ଶୋଇବା ପାଇଁ ବୋଉ ଶାଢ଼ିକୁ ସିଲେଇ କରି କନ୍ଥା ତିଆରି କରୁଥିଲା। ସେହିପରି ପୁରୁଣା ପ୍ୟାଣ୍ଟକୁ କାଟି କନାବ୍ୟାଗ୍ ତିଆରି କରୁଥିଲା। ଖଡ଼ିକା ଝାଡୁ ବା ଫୁଲ ଝାଡୁରେ ଘର ଓଳା ଯାଉଥିଲା। କୁଲା, ବାଉଁଶିଆ, ଡାଲା ଗାଣ୍ଡୁଆ ଆଦି ବେତରାମାନେ ବାଉଁଶରୁ ପ୍ରସ୍ତୁତ କରି ବିକୁଥିଲେ। ଚମଡ଼ା ଚପଲ ପିନ୍ଧି ସ୍କୁଲକୁ ଯାଉଥିଲୁ। କଲମ, କାଳିରେ ଲେଖୁଥିଲୁ। ଖଟ, ପଲଙ୍କ, ଟେବୁଲ, ଚୌକି, ଆଲମିରା ଆଦି ଘରର ଆସବାବପତ୍ର କାଠରେ ନିର୍ମିତ ହେଉଥିଲା। ବାଉଁଶ ଓ ନଡ଼ାରେ ଘର ଛପର ହେଉଥିଲା। ସେ ସମୟର ପ୍ଲାଷ୍ଟିକ ବିନା ଜୀବନ ଚଳୁଥିଲା ନା ଅଚଳ ହୋଇ ପାଇଥିଲା। ଏବେ ସବୁ ବଦଳି ଗଲାଣି। ପ୍ଲାଷ୍ଟିକ ବ୍ରସ, ପ୍ଲାଷ୍ଟିକ ପାନିଆ, ପ୍ଲାଷ୍ଟିକ ଝାଡୁ, ପ୍ଲାଷ୍ଟିକ ଫର୍ଣ୍ଣିଚର, ପ୍ଲାଷ୍ଟିକ ଡବା, ଯୋତା, ଛତା, ଫୁଲ ସବୁକିଛି ପ୍ଲାଷ୍ଟିକ ପ୍ରସ୍ତୁତ ଏବଂ ସହଜରେ ଉପଲବ୍ଧ।

ପଲିଥିନ୍‌ର ଦୁର୍ଗୁଣ ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କୁ ଊଣାଅଧିକେ ଜଣା। କିନ୍ତୁ ଅଭାବ ରହିଛି ଦୃଢ଼ ଇଚ୍ଛାଶକ୍ତି ଓ ସୁସ୍ଥ ମାନସିକତାର। ଏଇ ଲୋକମାନେ ଯେତେବେଳେ ବିଦେଶ ଯା'ନ୍ତି, ସେଠାରେ ରାସ୍ତାଘାଟରେ ଅଳିଆ, ଆବର୍ଜନା ଫିଙ୍ଗନ୍ତି ନାହିଁ। କାରଣ ସେଠାରେ ଦଣ୍ଡବିଧାନର ବ୍ୟବସ୍ଥା ଅଛି। ଆମ ଦେଶରେ ପୁଲିସ୍ ଓ ଦଣ୍ଡବିଧାନ ଅଧିକାରୀଙ୍କୁ ଚକ୍କର ଦେଇ ଖସିଯିବା ବ୍ୟକ୍ତି ହିରୋ ହୋଇଯାଏ। ମୋ ମତରେ ଆମ ଲୋକମାନଙ୍କର ମାନସିକତାରେ ସୁଧାର ଆଣିବା ପାଇଁ ଦଣ୍ଡ ସହିତ ପୁରସ୍କାର ବା ପ୍ରୋତ୍ସାହନର ବ୍ୟବସ୍ଥା ମଧ୍ୟ ରହିବା ଆବଶ୍ୟକ। ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହା ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ ଉତ୍ସ, ତା'କୁ କିପରି ନା କରାଯାଇ ପାରିବ, ସେଥିପାଇଁ ଚାରୋଟି 'ଆର' ଯଥା - (୧) କମ୍ ବ୍ୟବହାର ବା ହ୍ରାସକରଣ (ରେଡ୍ୟୁସ୍) (୨) ପୁନରୁଦ୍ଧାର (ରିକଭର) (୩) ପୁନଃ ଚକ୍ରୀକରଣ (ରିସାଇକଲ) ଏବଂ ପୁନଃବ୍ୟବହାର (ରିୟୁଜ) ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍।

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଶରୀରକୁ ବଜ୍ର କରନ୍ତି ମା' ବ୍ରଜେଶ୍ୱରୀ

**ବିଶ୍ୱାସ ଓ ବିଜ୍ଞାନ**

**ଓଜସ୍ୱିନୀ**

ବର୍ତ୍ତମାନ ଅନିୟମିତ ଖାଦ୍ୟ ପ୍ରଣାଳୀ, ଫାଷ୍ଟଫୁଡ୍ ଓ ମୃଦୁପାନୀୟର ଆଧିକ୍ୟ ଯୋଗୁଁ ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଆଣ୍ଠୁଗଣ୍ଠି ସମସ୍ୟାରେ ପୀଡ଼ିତ। ଏହା ବ୍ୟତୀତ ବୟସାଧିକ୍ୟ କାରଣରୁ ବୟୋଜ୍ୟେଷ୍ଠଙ୍କଠାରେ ସ୍ୱାଭାବିକ ଭାବେ ଆଣ୍ଠୁଗଣ୍ଠି ସମସ୍ୟା ବା ବାତ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ପୀଡ଼ିତମାନେ ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି। ବର୍ତ୍ତମାନର ଆଧୁନିକ ଚିକତ୍ସା ପଦ୍ଧତିରେ ବେରିଏଟ୍ରିକ୍ ସର୍ଜରୀ ନାମକ ଏକ ପଦ୍ଧତିରେ ଆଣ୍ଠୁଗଣ୍ଠି ଦରଜ ସମସ୍ୟାର ସମାଧାନ କରାଯାଉଛି। ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏସବୁ ବିକାଶର ଧାରା ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ମନୁଷ୍ୟ ତା'ର ଶାରୀରିକ କଷ୍ଟ ଦୂର କରିବା ପାଇଁ ଭଗବତ୍ ଶକ୍ତି ଆଗରେ ଗୁହାରୀ କରି ଆସିଛି। ଏହି ଅତୁଟ ବିଶ୍ୱାସ ଦୈବୀକୃପାର ଚମତ୍କାରିତା ଭାବେ ମନୁଷ୍ୟକୁ କାଳେ କାଳେ ରୋଗମୁକ୍ତ କରିଛି ଏବଂ କରୁଥିବ ମଧ୍ୟ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଭୋଗୁଥିବା ଲୋକମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥା'ନ୍ତି।

ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ ମାତା ବ୍ରଜେଶ୍ୱରୀ ଦେବୀଙ୍କ ମନ୍ଦିର ଅଛି। ଏଠାରେ ସତୀଙ୍କର ବାମ ବକ୍ଷ ପତିତ ହୋଇଥିବାରୁ ଶକ୍ତିପୀଠ ଭାବେ ମାନ୍ୟତା ଲାଭ କରିଛି। ମା' ବ୍ରଜେଶ୍ୱରୀ ଏଠାରେ ଶକ୍ତିପିଣ୍ଡ ସ୍ୱରୂପରେ ପୂଜା ପାଉଛନ୍ତି। ଅଞ୍ଚଳର ନାମାନୁସାରେ ମା' ବ୍ରଜେଶ୍ୱରୀଙ୍କୁ କାଙ୍ଗଡ଼ା ଦେବୀ ବା ନଗରକୋଟ ଦେବୀ ବୋଲି ସମ୍ବୋଧନ କରାଯାଉଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ହୋଇ ଘୃତ ଓ ଲହୁଣୀ ଭୋଗ ହୋଇଥାଏ। ଏହାକୁ ଘୃତମଣ୍ଡଳ ପର୍ବ ବୋଲି ମଧ୍ୟ କୁହାଯାଏ। ବିଶ୍ୱାସ ରହିଛି ଯେ ମା'ଙ୍କର ଏହି ପ୍ରସାଦକୁ ଆଣ୍ଠୁଗଣ୍ଠିରେ ଲେପ ଦେବା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରେ। ତେଣୁ ପ୍ରତିବର୍ଷ ଏହି ବିଶେଷପର୍ବ ସମୟରେ ରୋଗୀମାନେ ମା'ଙ୍କ କୃପା ଲାଭ ପାଇଁ ଆସିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ, କାଙ୍ଗଡ଼ାରେ ଦୈତ୍ୟ ଜଳନ୍ଧରଙ୍କ ଦୁର୍ଗ ରହିଥିଲା। ଜଳନ୍ଧରଙ୍କ ପ୍ରକୋପରେ ତ୍ରୈଲୋକ୍ୟବାସୀ ତ୍ରାହି ତ୍ରାହି ଡାକିବା ପରେ ମା' ବ୍ରଜେଶ୍ୱରୀ ଏଠାରେ ବଜ୍ର ପ୍ରହାର ଦ୍ୱାରା ଦୈତ୍ୟକୁ ବଧ କରିଥିଲେ। ତେଣୁ ବଜ୍ରହସ୍ତା ମା'ଙ୍କ ନାମ ବ୍ରଜେଶ୍ୱରୀ ହୋଇଛି। ଜଳନ୍ଧର ସହିତ ଯୁଦ୍ଧ ପରେ ମା'ଙ୍କ ଅଙ୍ଗରେ ଅଧିକ କ୍ଷତ ହୋଇଥିଲା ଏବଂ ଶରୀର ପୀଡ଼ା ହେଉଥିଲା। ଶାରୀରିକ ପୀଡ଼ାରୁ ଦେବୀଙ୍କୁ ମୁକ୍ତି କରିବା ପାଇଁ ଏବଂ କ୍ଷତର ଶୀଘ୍ର ଉପଶମ ପାଇଁ ଦେବଦେବୀ ମା'ଙ୍କ ଶରୀରରେ ଘୃତ ଓ ଲହୁଣୀ ପ୍ରଲେପିତ କରିଥିଲେ।

ଏହି କିମ୍ବଦନ୍ତୀକୁ ଅନୁସରଣ କରି ବର୍ତ୍ତମାନ ମକର ସଂକ୍ରାନ୍ତିରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇ ୧୦୧ କେଜି ଘୃତକୁ ୧୦୧ ଥର ଶୀତଳ ଜଳରେ ଧୋଇବା ପରେ ଏକ ପ୍ରକାର ଲହୁଣୀ ପ୍ରସ୍ତୁତ କରି ମା'ଙ୍କ ପିଣ୍ଡି ଉପରେ ସମର୍ପଣ କରାଯାଏ। ଘୃତ ମଣ୍ଡଳ ପର୍ବ ଆରମ୍ଭ ହେବାର ପ୍ରାୟ ୧୦-୧୫ ଦିନ ପୂର୍ବରୁ ଭକ୍ତମାନେ ଲହୁଣୀ ପ୍ରସ୍ତୁତ କରିବାରେ ବ୍ୟସ୍ତ ହୋଇଯା'ନ୍ତି। ଘୃତରୁ ଲହୁଣୀ ପ୍ରସ୍ତୁତ କରିବା କାର୍ଯ୍ୟ ଶକ୍ତିପୀଠର ପୂଜାରୀ ଓ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଏ। ହିମାଚଳ ପ୍ରଦେଶର ଅତ୍ୟଧିକ ଥଣ୍ଡା ପରିବେଶରେ ଘୃତକୁ୧୦୧ ଥର ଥଣ୍ଡା ଜଳରେ ଧୋଇ ଲହୁଣୀ ପ୍ରସ୍ତୁତ କରିବା ଅତ୍ୟନ୍ତ କଷ୍ଟକର ଥିଲେ ମଧ୍ୟ ମା'ଙ୍କ କୃପାରୁ ଏହା ସମ୍ଭବ ହୋଇଥାଏ। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ଘୃତମଣ୍ଡଳ ପର୍ବରେ ବ୍ରଜେଶ୍ୱରୀ ଶକ୍ତି ପିଣ୍ଡ ଉପରେ ଲହୁଣୀ ସମର୍ପଣ ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି। ମାତାଙ୍କୁ ୩୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଲହୁଣୀ ଅର୍ପଣ କରିବାର ରେକର୍ଡ଼ ଅଛି। ମା'ଙ୍କୁ ଲହୁଣୀ ସହିତ ବିଭିନ୍ନ ପ୍ରକାର ଫଳଫୁଲ ଓ ମେବାରେ ସଜ୍ଜିତ କରାଯାଏ। ଏହି ପର୍ବ ୭ ଦିନ ପର୍ଯ୍ୟନ୍ତ ଚାଲେ। ସପ୍ତମ ଦିନ ଶକ୍ତିପିଣ୍ଡ ଉପରୁ ଲହୁଣୀକୁ ବାହାର କରିବା ପ୍ରକ୍ରିୟା ଆରମ୍ଭ ହୁଏ। ଏହାକୁ ମା'ଙ୍କ ପ୍ରସାଦ ଭାବେ ଭକ୍ତ ଓ ରୋଗୀଙ୍କୁ ଦିଆଯାଏ। ଏହି ପ୍ରସାଦର ପ୍ରଲେପ ଦ୍ୱାରା କିଛିଦିନ ମଧ୍ୟରେ ହିଁ ଆଣ୍ଠୁଗଣ୍ଠି ଦରଜ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ।

ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ମହିଷାସୁରକୁ ମାରିବା ପରେ ତାଙ୍କ ଶରୀରରେ ଥିବା କ୍ଷତର ଉପଶମ ପାଇଁ ନଗରକୋଟ ବା କାଙ୍ଗଡ଼ାଠାରେ ଲହୁଣୀ ଲେପନ କରିଥିଲେ। ତେଣୁ ଏଠାରେ ଶକ୍ତିପିଣ୍ଡ ବ୍ରଜେଶ୍ୱରୀଙ୍କୁ ଲହୁଣୀରେ ଆଚ୍ଛାଦନ କରାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁତୁରାକୁ କୋଦାଳରେ ହାଣି ହତ୍ୟା

ଜଗତସିଂହପୁର, ୧୦।୭ (ସମିସ): ପାରିବାରିକ ଶତ୍ରୁତାରୁ ପୁତୁରାକୁ କୋଦାଳରେ ହାଣି ହତ୍ୟା। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜାହାନପୁର ଗାଁରେ ଆଜି ସକାଳେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ସଞ୍ଜୟ ଦାସ। ସୂଚନା ମୁତାବକ, ଜାହାନପୁର ଗ୍ରାମର ଦୁର୍ଗାଚରଣ ଦାସ ଓ ତାଙ୍କ ସାନଭାଇ ସଞ୍ଜୟଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଆଜି ସକାଳ ପ୍ରାୟ ୬ଟାରେ ଦୁର୍ଗା ଦାସଙ୍କ ପୁଅ ସୁମନ ଘର ପାଖ ନଳକୂପରେ ଗାଧୋଉଥିବା ସମୟରେ ହଠାତ ସଞ୍ଜୟ ସେଠାରେ ପହଞ୍ଚି ଏକ କୋଦାଳରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୁମନଙ୍କୁ ନିକଟସ୍ଥ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମବାସୀ ସଞ୍ଜୟକୁ କାବୁ କରି ମାଡ଼ ମାରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୟକୁ ଆହତ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ସଞ୍ଜୟକୁ କଟକ ସ୍ଥାନାନ୍ତର କରାଯାଇଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରାଇଛି। ସଞ୍ଜୟ ଜଣେ ମାନସିକ ରୋଗୀ ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

## ବିଦ୍ୟୁତ୍ ଆଘାତରେ କୃଷ୍ଣସାର ମୃତ

# କାର୍ଯ୍ୟରେ ଅବହେଳା ପାଇଁ ବନପାଳ ନିଲମ୍ବିତ

ଜଗନ୍ନାଥପ୍ରସାଦ,୧୦।୭(ସମିସ): ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚଭୂତି ବିଟ୍ ହାଉସ୍ ଯାତ୍ରାକୁମୁଟି ଗ୍ରାମ ନିକଟ କାଜୁତୋଟାରେ ଗତ ୭ ତାରିଖ ରାତିରେ ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟିଥିଲା। ମୃଗର ମୃତ୍ୟୁ ସ୍ୱାଭାବିକ ନଥିବା ଜଣାପଡ଼ିବା ପରେ ପଞ୍ଚଭୂତି ବନପାଳ ପଲ୍ଲବୀ ନନ୍ଦଙ୍କୁ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରିଛନ୍ତି।

ଗତ ୭ତାରିଖ ରାତିରେ ଯାତ୍ରାକୁମୁଟି କାଜୁତୋଟାରେ ଶିକାରୀ ବିଦ୍ୟୁତ ତାର ବିଛାଇ ବିରଳ କୃଷ୍ଣସାର ମୃଗ ଶିକାର କରିଥିଲେ। ମୃଗଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ପରେ ଅଞ୍ଚଳରେ ବିଦ୍ୟୁତ କଟି ଯାଇଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ଖୋଜାଖୋଜି ପରେ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ତାରଗୁଡ଼ିକୁ ସଂଗ୍ରହ କରିବା ସହ ବନପାଳଙ୍କୁ ଡାକି ବିଦ୍ୟୁତ ଉପକରଣ ଓ ମୃତ କୃଷ୍ଣସାର ମୃଗ ହସ୍ତାନ୍ତର କରି ଚାଲି ଯାଇଥିଲେ। ତେବେ ବନପାଳ ପଲ୍ଲବୀ ନନ୍ଦ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ନଦେଇ ତରବରିଆ ଭାବେ କର୍ମଚାରଙ୍କୁ ଲଗାଇ ଗାତ ଖୋଳି ମୃତ ମୃଗଟିକୁ ପୋତି ଦେଇଥିଲେ। ସକାଳ ପାଇବା ପରେ ଖବର ଚାରିଆଡ଼େ ବ୍ୟାପିବା ହେବା ସହ ଭିଡ଼ିଓ ଭାଇରଲ ହୋଇଥିଲା। ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବନବିଭାଗ ଅଧିକାରୀ ପଞ୍ଚଭୂତିରର ବନପାଳଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପୋତା ଯାଇଥିବା ମୃଗର ମୃତଦେହକୁ ଖୋଳି ବାହାର କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ମୃଗଟିର ବୟସ ୪/୫ବର୍ଷ ଓ ସେ ଗର୍ଭବତୀ ଥିବା ଡାକ୍ତର ସୂଚନା ଦେଇଥିଲେ। ଏନେଇ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶିକାରୀଙ୍କୁ ଚିହ୍ନଟ କରି ଗିରଫ କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି। ଅପରପକ୍ଷେ, କାର୍ଯ୍ୟରେ ଅବହେଳା ଓ ସୁରକ୍ଷାରେ ଢିଲାପଣ ଯୋଗୁଁ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ ପଞ୍ଚଭୂତିରେ କାର୍ଯ୍ୟରତ ବନପାଳ ପଲ୍ଲବୀ ନନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି।



# ୬୦୪କୁ ଖସିଲା ହୀରାକୁଦ ଜଳସ୍ତର

ସମ୍ବଲପୁର,୧୦।୭ (ସମିସ): ବନ୍ୟାଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ଖସିବାରେ ଲାଗିଛି। ଗୁରୁବାର ଜଳସ୍ତର ୬୦୪.୮୯ ଫୁଟ୍‌ରେ ପହଞ୍ଚିଥିବା ବେଳେ ଏବେ ବି ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ଗତ ୬ ତାରିଖ ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚିବାରୁ ସେଦିନ ପୂର୍ବାହ୍ନ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ପ୍ରଥମେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଥିବା ବେଳେ ପରେ ୪ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସିତ ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ଓଡ଼ିଶା ଆସୁଛନ୍ତି...

ରାହୁଲଙ୍କ ଗସ୍ତ ପୂର୍ବରୁ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ପ୍ରସ୍ତୁତି ପର୍ଯ୍ୟାୟର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ଡିସିପି ମଧ୍ୟ ସଭାସ୍ଥଳ ବୁଲି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ସହ କାର୍‌କେଡ୍ ରିହରସେଲ୍ କରିଛନ୍ତି।

## ସଂଘ ଅଟଳ...

ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାରଙ୍କ ପକ୍ଷରୁ ସେଭଳି କୌଣସି ଉଦ୍ୟମ କରାଯାଉ ନଥିବା ଅଭିଯୋଗ ହେଉଛି। ଡ୍ରାଇଭର ସଂଘ ସହ କୌଣସି ପ୍ରକାର ଆଲୋଚନା କରା ନ ଯିବା ଓ ସରକାରୀ ଭାବେ ଆନ୍ଦୋଳନରତ ଡ୍ରାଇଭରମାନଙ୍କ ପାଖକୁ କୌଣସି ପ୍ରତିନିଧି ଦଳ ନ ଯାଉଥିବାରୁ ଆନ୍ଦୋଳନ କେବେ ଶେଷ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆନ୍ଦୋଳନର ପ୍ରଥମ ଦିନ ଅର୍ଥାତ ୮ ତାରିଖ ରାତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଡ୍ରାଇଭର ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା କେବେ ପୂରଣ ହେବ ତାହା ଡ୍ରାଇଭରମାନଙ୍କୁ ସୁନିଶ୍ଚିତ କରାଇବାରେ ମନ୍ତ୍ରୀ ବିଫଳ ହୋଇଥିଲେ। ଡ୍ରାଇଭର ମହାସଂଘ ସେମାନଙ୍କ ଦାବି ପୂରଣ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା କିମ୍ବା ଲିଖିତ ପ୍ରତିଶ୍ରୁତି ଦାବିରେ ଅଟଳ ରହିଛି। ୩ ଦିନ ହେବ ଡ୍ରାଇଭରମାନେ ରାଜରାସ୍ତାରେ ବସିଛନ୍ତି। ଏସବୁ ସତ୍ତ୍ୱେ ସରକାର କାହିଁକି ଏହି ପ୍ରସଙ୍ଗରେ ଉଦାସୀନ ରହିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଖୋଦ୍ ବିଭାଗୀୟ ମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ବିଶେଷ ତତ୍‌ପରତା ଦେଖାଉ ନ ଥିବା ପରିଲକ୍ଷିତ ହୋଇଛି। ସାରା ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଗୁରୁବାର ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୂଚନା ମିଳିଛି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗୋଟିଏ ପଟେ ଗାଡ଼ି ଚଳାଚଳ ବନ୍ଦ ଯୋଗୁଁ ସାଧାରଣ ପରିବହନ ସେବା ଠପ୍ ହୋଇ ଯାଇଛି। ଯେଉଁ କେତେକ ସ୍ଥାନରେ ସରକାରୀ ବସ୍ ଗଡ଼ୁଛି, ତାକୁ ମଧ୍ୟ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଅନେକ ସ୍ଥାନରେ ଡ୍ରାଇଭର ଡ୍ରାଇଭରମାନଙ୍କ ମଧ୍ୟରେ ଯୁକ୍ତି ତର୍କ ସ୍ଥିତି ସୃଷ୍ଟି ହେଉଥିବାକୁ ଆଗକୁ ଏହା ବଡ଼ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। କିଛି କିଛି ସ୍ଥାନରେ ଡ୍ରାଇଭର ସଂଘର ଆକ୍ରମଣାତ୍ମକ ପନ୍ଥା ଗ୍ରହଣ କରୁଥିବା ନେଇ ମଧ୍ୟ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ଅଭିଯୋଗମାନ ବଢ଼ୁଥିବାରୁ ରାଜ୍ୟରେ ଆଗକୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଦେଖା ଦେଇଛି।

## ତେଲ ପରେ...

ଗ୍ୟାସ ଅଭାବ ଦେଖାଦେଇଛି । ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ରାଜ୍ୟର ଭୁବନେଶ୍ୱର, କଟକ,ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଏବଂ ସମ୍ବଲପୁର ଭଳି ବଡ ସହରଗୁଡିକରେ ପେଟ୍ରୋଲ ଓ ଡିଜେଲର ଘୋର ସଙ୍କଟ ଦେଖାଦେଇଛି। ରାଜ୍ୟରେ ଦୁଇ ଦିନ ପାଇଁ ରହୁଥିବା ତେଲ ଷ୍ଟକ୍ ଏବେ ଶେଷ ହେବା ସ୍ଥିତିରେ ପହଞ୍ଚିଛି। ପାରାଦୀପ ଏବଂ ଜଟଣୀ ଡିପୋର ଟ୍ୟାଙ୍କର ଆସୁଥିଲେ ମଧ୍ୟ ତାହା ଟାଙ୍କିକୁ ଯିବାକୁ ଦିଆଯାଉ ନାହିଁ। ଭାରତ ଗ୍ୟାସ୍‌ର ଫିଲ୍ଡ ଅଫିସର ଅମିତ୍ କୁମାରଙ୍କ ସୂଚନା ଅନୁସାରେ ଆନ୍ଦୋଳନ ଆରମ୍ଭ ହେବାଠାରୁ ତିନି ଦିନ ହେବ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଭାରତ ଗ୍ୟାସ୍‌ର ଅନ୍ୟତମ ଡିଲର ବର୍ଷା ଏଣ୍ଟରପ୍ରାଇଜେସ୍‌ର କର୍ତ୍ତୃପକ୍ଷ ଅବିନାଶ ମହାନନ୍ଦ କହିଛନ୍ତି ଯେ ଯୋଗାଣ ବନ୍ଦ ଥିବାରୁ ଆମ ପାଖରେ ବର୍ତ୍ତମାନ ସିଲିଣ୍ଡର ଷ୍ଟକ ନାହିଁ, ଯାହା ଫଳରେ ଆମେ ଗ୍ରାହକଙ୍କୁ ଗ୍ୟାସ୍ ଡେଲିଭରୀ କରିପାରୁନାହୁଁ।

ଅପରପକ୍ଷେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଆଜି ପାରାଦୀପ ସମେତ ବିଭିନ୍ନ ତୈଳ ଡିପୋରୁ ପ୍ରାୟ ୫୦୦ ତେଲ ଟ୍ୟାଙ୍କର ଲୋଡ୍ ହୋଇ ଗନ୍ତବ୍ୟ ସ୍ଥଳଗୁଡିକୁ ଯାଇଛି। କଟକ, ଭୁବନେଶ୍ୱର ଏବଂ ପୁରୀରେ ଏହା ଆଜି ରାତି ଓଅନ୍ୟ ଅଞ୍ଚଳଗୁଡିକରେ ଆସନ୍ତାକାଲି ସୁଦ୍ଧା ପହଞ୍ଚିଯିବ। ଯେଉଁଠାରେ ସମସ୍ୟା ହେଉଛି ସେଠାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସରଙ୍କ ସହାୟତାରେ ଗାଡି ପାସ୍ କରାଯାଉଛି। ଏଥିରେ ବର୍ତ୍ତମାନର ସ୍ଥିତି ନିୟନ୍ତ୍ରଣ ହୋଇଯିବ, ହେଲେ ତା ପରେ କ'ଣ ହେବେ କହିହେବ ନାହିଁ ବୋଲି ସେ କହିଛନ୍ତି।

## ବିହାର ନିର୍ବାଚନ...

ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ବିହାର ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଏଭଳି ପ୍ରକ୍ରିୟା ଆରମ୍ଭ କରିବା ପାଇଁ କମିସନଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲେ ବେଞ୍ଚ। ବେଞ୍ଚ କହିଥିଲେ ଯେ ବିହାରରେ ଯଦି ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାର ଥିଲା, ତାହାହେଲେ ଯଥେଷ୍ଟ ପୂର୍ବରୁ ଆରମ୍ଭ କରାଯିବାର ଥିଲା। କମିସନ ବହୁତ ବିଳମ୍ବରେ ଆରମ୍ଭ କରିଛନ୍ତି। ଯେଉଁମାନଙ୍କର ନାମ ତାଲିକାରୁ ବାଦ୍ ପଡ଼ିଯିବ, ସେମାନଙ୍କର ଆପତ୍ତି ଶୁଣିବାକୁ ସମୟ ରହିବ ନାହିଁ। ନିର୍ବାଚନ ଉପରେ ଏହା ଗଭୀର ପ୍ରଭାବ ପକାଇବ। ଏହି ସମୟରେ କମିସନରଙ୍କର ଆଡଭୋକେଟ୍ ଆଶ୍ୱାସନା ଦେଇ କହିଥିଲେ ।।ଯେ ତାଲିକାରୁ ନାମ କାଟିବା ପୂର୍ବରୁ ଭୋଟରଙ୍କୁ ସେମାନଙ୍କର ପକ୍ଷ ରଖିବା ଲାଗି ସୁଯୋଗ ଦିଆଯିବ।

ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ପ୍ରକ୍ରିୟାରୁ ଆଧାର କାର୍ଡକୁ ଅଲଗା କରିବାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ପ୍ରମାଣ ପାଇଁ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରି କୋର୍ଟ କହିଥିଲେ ଯେ ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ନିର୍ବାଚନ କମିସନ ଏହା ଉପରେ ନିଷ୍ପତ୍ତି ନେଇପାରିବେ ନାହିଁ। କୋର୍ଟ କହିଲେ ଯେ ଭାରତର ନାଗରିକ କିଏ? ତାହା ଉପରେ କେବଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ହିଁ ବିଚାର କରିପାରିବ। ଯେଉଁମାନେ ଭାରତର ନାଗରିକ ନୁହନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ କେବଳ ସ୍ୱରାଷ୍ଟ୍ର ବିଭାଗ ହିଁ କାଟିପାରିବ। ଏହି କ୍ଷମତା ନିର୍ବାଚନ କମିସନକୁ ଦିଆଯାଇ ନାହିଁ। ତେଣୁ ଭୋଟର ତାଲିକାରୁ କମିସନ ସେମାନଙ୍କର ନାମ କାଟିପାରିବ ନାହିଁ। ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣ ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ପରାମର୍ଶ ଦେଇଥିଲେ କୋର୍ଟ।

ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିସନଙ୍କୁ ତିନିଟି ପ୍ରଶ୍ନ ପଚାରିବା ସହିତ ଏହାର ଉତ୍ତର ଦେବାକୁ କହିଛନ୍ତି। କୋର୍ଟ କହିଥିଲେ ଯେ ଲୋକ ପ୍ରତିନିଧି ଆଇନରେ ସମରି ରିଭିଜନ ଏବଂ ସ୍ପେଶାଲ ରିଭିଜନର ବ୍ୟବସ୍ଥା ରହିଛି। ସ୍ପେଶାଲ ଇଣ୍ଟେନସିଭ ରିଭିଜନ୍ ବ୍ୟବସ୍ଥା କେଉଁଠୁ ଆସିଲା ଏବଂ କମିସନଙ୍କ ଏହି କ୍ଷମତା ଦେଲା କିଏ? ଏହାକୁ ବିହାର ନିର୍ବାଚନ ସହିତ କାହିଁକି ଯୋଡ଼ାଯାଇଛି? ବିହାର ନିର୍ବାଚନ ନଭେମ୍ବର ମାସରେ ହେବାକୁ ଯାଉଥିବା ବେଳେ ଏହାର ଖୁବ କମ୍ ସମୟ ପୂର୍ବରୁ ଏହି ପ୍ରକ୍ରିୟା କାହିଁକି ଆରମ୍ଭ କରାଯାଇଛି? କୋର୍ଟ କହିଲେ ଯେ ଥରେ ଭୋଟର ତାଲିକା ପ୍ରସ୍ତୁତ ହୋଇଗଲେ ଏଥିରେ କୋର୍ଟ ଆଉ ହସ୍ତକ୍ଷେପ କରିପାରିବେ ନାହିଁ। କିନ୍ତୁ ଚୂଡ଼ାନ୍ତ ତାଲିକାରୁ ନାମ କଟିଲେ ନାଗରିକ ସେମାନଙ୍କର ଆପତ୍ତି ଜଣାଇବାକୁ ସମୟ ପାଇବେ ନାହିଁ। ଏତେ କମ୍ ସମୟ କାହିଁକି ରଖାଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

## ଦୁର୍ଘଟଣାରେ ଗଲା...

ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦଉଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ତହସିଲଦାର ଅଶୋକ ପଟ୍ଟନାୟକ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

ଅନ୍ୟପକ୍ଷରେ ଗୋଟିଏ ଗାଡ଼ିରେ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବାରୁ ଏହାକୁ ନେଇ ସଂପର୍କୀୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏପରି କରି ହସ୍ପିଟାଲ କର୍ତ୍ତୃପକ୍ଷ ଶବକୁ ଅସମ୍ମାନ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସେହିପରି ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ପେଟ୍ରୋଲ ପମ୍ପ ନିକଟ ୫୫ନଂ ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସଦର ଥାନା ତୁମ୍ବା ଅଣ୍ଡେଇସାହି ଗ୍ରାମର ଦୀପକ ମହାନ୍ତି ଓ ନାଉଗାଁ ଥାନା ଅରଖକୁଦ ଗ୍ରାମର ପ୍ରଭାସ ନାୟକ।

ଦୀପକ ଓ ପ୍ରଭାସ ବାଇକ୍‌ରେ ଯାଉଥିବା ବେଳେ ଜଗତସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଭ୍ୟାନ୍‌ଟି ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏଥିରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଜଗତସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବିରିଡି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ପିକଅପ୍ ଓ ବାଇକ୍‌କୁ ପୁଲିସ୍ ଜବତ କରିଛି।

## ୧୩ରୁ ବଢ଼ିବ...

ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବର୍ଷା କମିଯାଇଛି। କାଁଭାଁ ସ୍ଥାନକୁ ଛାଡ଼ି ଉପକୂଳରେ ୭ ତାରିଖରୁ ପ୍ରାୟ ବର୍ଷା ନାହିଁ। ଆସନ୍ତା ୨ଦିନ ରାଜ୍ୟରେ କାଁଭାଁ ସ୍ୱଳ୍ପ ବର୍ଷା ହେବ। ତେବେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହୋଇ ଉତ୍ତର ସୀମାନ୍ତବର୍ତ୍ତୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକରେ ଅପେକ୍ଷାକୃତ ଅଧିକ ବର୍ଷା କରାଇବ। ୧୩ ଓ ୧୪ ତାରିଖରେ ରାଜ୍ୟରେ ମଧ୍ୟମଧରଣର ଏବଂ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୫ରୁ ବର୍ଷା କ୍ରମଶଃ କମିବ। ପୁଣି ୨୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ବର୍ଷା ପରିମାଣ ବଢ଼ିପାରେ। ଆଜିଠାରୁ ୨୨ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବଜ୍ରପାତର ସମ୍ଭାବନା ଅଧିକ ରହିଛି। ଆସନ୍ତା ୨୨ ପର୍ଯ୍ୟନ୍ତ ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡିରେ ଯାହା ବର୍ଷା ହେବ, ତାହା କୃଷି ପାଇଁ କମିବ ନାହିଁ। ତେବେ ଅନ୍ୟାନ୍ୟ ସ୍ଥାନରେ ବିଶେଷକରି ଦକ୍ଷିଣ ଉପକୂଳରେ ବର୍ଷା ଚାଷ ପାଇଁ ନିଅଁଟିଆ ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ବନ୍ୟାଜଳ ମହାନଦୀରେ ପ୍ରବାହିତ ହେଉଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀଠାରେ ୩ଲକ୍ଷ ୭୮ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

## କୋଟିଏ ଟଙ୍କାର...

ଓ ସଞ୍ଜୟ ପଟେଲ(୫୧)। ଜିଏସ୍‌ଟି ଫାଙ୍କି ଏହି ରୁପା ମହାରାଷ୍ଟ୍ରରୁ ରାଞ୍ଚି ଚାଲାଣ ହେଉଥିଲା ବୋଲି କୁହାଯାଉଛି। ଅଧିକ ତଦନ୍ତ ଲାଗି ମାମଲାକୁ ଜିଲ୍ଲା ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଥିବା ସମ୍ବଲପୁର ଅବକାରୀ ଥାନା ଅଧିକାରୀ କହିଛନ୍ତି। ସମସ୍ତ ରୁପା ଜିନିଷ ଟ୍ରେଜେରିରେ ରଖାଯାଇଛି। ତଦନ୍ତ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସମସ୍ତ ଘଟଣା ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଏକ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ବିଭାଗ ପକ୍ଷରୁ ଝୁରିପଡ଼ା ଛକ ନିକଟରେ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ଧଳା ରଙ୍ଗର ସ୍କର୍ପିଓକୁ ଅଧିକାରୀମାନେ ଅଟକାଇ ତନ୍ନତନ୍ନ ଯାଞ୍ଚ କରିଥିଲେ। ବହୁ ଚେଷ୍ଟା ପରେ ବି ଗାଡ଼ିରେ ଗଞ୍ଜେଇର ବିନ୍ଦୁବିସର୍ଗ ପାଇନଥିଲେ। କିନ୍ତୁ ପଛସିଟ୍‌ର ଗୁପ୍ତ ଚାମ୍ବର ଖୋଲିବାରୁ ସେଥିରେ ବିପୁଳ ରୁପା ସାମଗ୍ରୀ ଦେଖି ଅବକାରୀ ଅଧିକାରୀମାନେ ଜଲକା ହୋଇଯାଇଥିଲେ। ସେଥିରେ ବିଭିନ୍ନ ଆକାରର ରୁପା ବିସ୍କୁଟ, ରୁପା କଏନ୍ ରହିଥିଲା।

**IN THE COURT OF THE SENIOR CIVIL JUDGE**
**Bissam Cuttack, District: Rayagada, Odisha**
Civil Suit No. 12 of 2023 & I.A. No. 01 of 2023

**Sri Arabinda Ranasingh** — Plaintiff/Petitioner
Vs.
**Smt. Aruna Sahu & 14 Others** — Defendants/Respondents

**NOTICE**
**(Under Order V, Rule-20 of C.P.C.)**

To,
**1.Sri Bhrusaketu Sahoo,** aged about 34 years, S/o Late Kamadeba Sahoo, Caste: Sundhi, Resident of Muniguda, P.O. & P.S.: Muniguda, Dist.: Rayagada, Odisha.
**2. Tupilal Sahoo,** aged about 72 years, S/o Late Damburdhar Sahu, Caste: Sundhi, resident of Boxi Siripur, P.O.: Hata Muniguda, P.S.: Muniguda, Dist.: Rayagada, Odisha.
**3. Baidahi Sahu,** aged about 62 years, W/o Tupilal Sahu, Caste: Sundhi, resident of Muniguda, P.O. & P.S.: Muniguda, Dist.: Rayagada, Odisha.
**4. Smt. Nirupama Mohanty,** aged about 30 years, W/o Debasis Panda, Resident of New Colony, Rayagada, Rayagada, P.O. & P.S.: Rayagada, Odisha - 765001.

**Defendants Nos: 4, 5, 6 & 14 / Respondent Nos. 4, 5, 6 & 14**

Take notice that the above-named Plaintiff/Petitioner instituted a **Civil Suit No. 12 of 2023 along with I.A. No. 1 of 2023 before the Hon'ble Court of SENIOR CIVIL JUDGE, BISSAM CUTTACK**. It is further informed that service of summons could not be effected upon **Defendants / Respondents Nos. 4, 5, 6, and 14** as you all are keeping out of the way to avoiding service. Hence this notice is issued through publication.

You all are hereby directed to appear in this Hon'ble Court in person or through a pleader on the **11th day of August, 2025 at 10:30 A.M./P.M.** to answer the claims made against you. Failing which, the aforesaid Civil Suit & I.A. will be heard and determined in your absence and without any further notice to you.

Given under my hand and seal of this Court on this 4th day of July, 2025.

**Sd/-Senior Civil Judge,**
**Bissam Cuttack**
**Dist.: Rayagada, Odisha**

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ଛତିଶଗଡ
ଛତିଶଗଡ ଆଇ ହସ୍ପିଟାଲ କ୍ୟାମ୍ପସ, ୧ମ ମହଲା, ତେଲିବନ୍ଧା, ରାୟପୁର (ସି.ଜି.)-୪୯୨୦୦୬

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପରବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବୈଲାଡିଲା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଉପଲବ୍ଧ ସମୟସୀମା ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି।**

| ବୈଲାଡିଲା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକ ଏବଂ **ସହ-ଋଣଗ୍ରହୀତା: ଶ୍ରୀମତୀ ଇନ୍ଦୁ ନାୟକ,** ସ୍ୱାମୀ: ଶ୍ରୀ ମଦନ ନାୟକ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୬୬୬/୪୨୭୨, ଗ୍ରାମ: ଶଶାହାଣ୍ଡି, ତହସିଲ: କୋଟପାଡ, ପୋ.: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା-୭୬୪୦୫୬ | **୨୮.୦୨.୨୦୨୫ ସୁଦ୍ଧା ଟ.୫,୯୨,୬୧୩.୪୫** + ସେବାବଦ ଭବିଷ୍ୟତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି | ୧୩.୦୩.୨୦୨୫ / ୦୫.୦୭.୨୦୨୫ | **ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଶଶାହାଣ୍ଡି, ଥାନା: କୋଟପାଡ, ପରିମିତ କ୍ଷେତ୍ର: ୨୧୬୦ ବର୍ଗଫୁଟ, ଖାତା ନଂ.: ୮୮୯/୨୪୩, ପ୍ଲଟ୍ ନଂ.: ୬୬୬/୪୨୭୨, ବୁକ୍ ନଂ. ୧, ଭଲ୍ୟୁମ୍ ନଂ.: ୨୭୮, ପୃଷ୍ଠା ନଂ. ୭୩ ରୁ ୭୬, ପଞ୍ଜିକୃତ ତାରିଖ: ୧୩.୦୧.୧୯୯୮, ସବ୍ ରେଜିଷ୍ଟ୍ରାର ଅଫିସ୍: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସୁନାଧର ପୂଜାରୀ ଏବଂ ବଳରାମ ପୂଜାରୀଙ୍କ ଜମି, ପୂର୍ବ: ପ୍ଲଟ୍ ନ.: ୬୬୬ର ଅବଶିଷ୍ଟ ଜମି, ପଶ୍ଚିମ: ସୁନାଧର ପୂଜାରୀଙ୍କ ଘର |

**ସ୍ଥାନ: ଛତିଶଗଡ, ତାରିଖ : ୧୦.୦୭.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 16/06/2025 I Sri Kamulu Khemundu, S/o- Sama Khemundu, Village- Bhitarchenda, Post- Peta, Ps.- Nandapur, Dist.- KORAPUT declare that I have changed my daughters name from **Parbati Khemundu** to **Basanti Khemundu**. Henceforth, My Daughters shall be known as **Basanti Khemundu** for all purpose.
Sd/- Kamulu Khemundu

**AFFIDAVIT**
By virtue of an affidavit before the Executive Magistrate, Padampur, I, Dhruba Raut, S/o- Karttik Raut, resident of At- Jhankarpali, Po.- Rajborasambar, Dist.- Bargarh, Pin-768036, Odisha vide affidavit no. 03 dated 27.2.2025 state that, I have changed the name of my minor daughter from **Neha Raut** to **Baishnabi Raut**. Henceforth she will be known as **Baishnabi Raut** for all purposes.

**AFFIDAVIT**
I, Krian Pal, aged about 57 years, W/o- Gobinda Pal, resident of At-Balikbad, Po- Bajitpur, Ps- Marine Talsari, Dist-Balasore, Odisha, PIN-756085 declare by this affidavit No.1341, dtd. 07/07/2025, that now onwards I shall be known as **CHHABI RANI PAL** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 01/07/2025 I Sri Subarao Mallick S/o Jayasen Mallick, Village- Khilua, Post- Hikimput, PS - Nandapur, Dist.- Koraput declare that I have changed my name from **Subas Mallick** to **Subarao Mallick**. Henceforth, I shall be known as **Subarao Mallick** for all purpose.
Sd/- Subarao Mallick

**NOTICE (for Minor)**
By virtue of an affidavit sworn before Executive Magistrate, Bhubaneswar dated 10.03.2025, I Kanaklata Patra, at- Haladia, Jhadeswarpur, Mahanga, Po.- Haladia, Ps.- Jhadeswarpur, Cuttack, Dist.- Cuttack, Odisha, Pin- 754207 declare that I have changed the name of my son from **Tanmay Kumar Mohapatra** to **Tanmaya Kumar Patra**. Henceforth, he shall be known as **Tanmaya Kumar Patra** for all purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ
**କାର୍ଯ୍ୟର ନାମ :** 2 ବର୍ଷର ସମୟାବଧି ନିମନ୍ତେ ଟାୱାର କାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।
**ଆନୁମାନିକ ମୂଲ୍ୟ :** ₹ 6,54,05,542.06, **EMD :** ₹ 4,77,000/-, ଶେଷ ହେବା ଅବଧି: 24 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.07.2025ରିଖ 1530 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-343/Q/25-26

**AFFIDAVIT**
I, Narayanasinthi Deenabandhu Choudhury, aged about 67 years, S/o- Narayansinti Laxman Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1302, dtd- 09/07/2025 that now onwards I shall be known as **N DINABANDHU CHOUDHURY** for all future purposes.

**AFFIDAVIT**
I, Jhuli Majhi, aged about 50 years, W/o-Kauri Majhi, resident of At/Po-Bijayanagar, Ps- Mahakalpada, Dist- Kendrapara, PIN-754224, Odisha declared by this affidavit No- 552, dtd- 09/07/2025 that now onwards I shall be known as **SHANTILATA MAJHI** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 10/07/2025 I, Sri Kusuma Sisa D/o- Sitaram Sisa, Village- Hatibari, Post- Hatibari, PS- Padua, Dist.- Koraput declare that, I have changed my name from **Krushana Sisa** to **Kusuma Sisa**. Henceforth, I shall be known as **Kusuma Sisa** for all purpose.
Sd/- Kusuma Sisa

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 01/07/2025 I, Sri J D Samuel, S/o- Bhisma Pani, Village - Nauda, Post- Regeda, PS.- Puttasing, Dist.- Rayagada declare that, I have changed my name from **Samuel Pani** to **J D Samuel Pani**. Henceforth, I shall be known as **J D Samuel Pani** for all purpose.
Sd/- J D Samuel Pani

**AFFIDAVIT**
I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYAN CHOUDHURY** for all future purposes.

**AFFIDAVIT**
I, Musatakin Shaikh, aged about 37 years, S/o- Sk Muntaj, resident of At/Po-Neulpur, Dharmasala, Dist- Jajpur, PIN- 755024, Odisha declared by this affidavit No- 550, dtd- 09/07/2025 that now onwards I shall be known as **SK MUSATAKIN** for all future purposes.

**AFFIDAVIT**
I, Ranjita Behera, W/o- Jajnabaran Mohanty, resident of At- Qtr No- VR/28, UNIT-6, PO- GPO Post Office, PS- Capital, Tehsil- Bhubaneswar, Dist- Khurda, PIN-751001, Odisha, declare by this affidavit No. 66, dated- 14/05/2025 that now onwards I shall be known as **RANJITA MOHANTY** for all future purposes.

**AFFIDAVIT**
I, Sibasis Biswal, S/o- Babunath Biswal, resident of Plot No- 137, Suryanagar, Unit-7, Bhubaneswar, PO/PS- Capital, P.S, Dist- Khurda, Pin-751003, Odisha declare by this affidavit No- 76AA900997, dtd- 09/07/2025 that now onwards I shall be known as **SIBASISH BISWAL** for all future purposes.

## ମେଲାମ୍ବରୁ ଠକ ମାନସ ଗିରଫ

# ମୁଖ୍ୟମନ୍ତ୍ରୀଙ୍କ ନାଁରେ ଲୋକଙ୍କୁ ଲଗାଉଥିଲା ଚୂନ

**ନୟାଗଡ଼, ୧୦।୭ (ସମିସ)**

ନୟାଗଡ଼ ଟାଉନ୍ ଥାନା ପୁଲିସ ଠକ ମାନସକୁ ଗିରଫ କରିଛି। ମାନସ ହେଉଛି ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ମେଲାମ୍ବ ଗ୍ରାମର ମାଗିନି ରାଉତଙ୍କ ପୁଅ। ସେ ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ନାଁ କହି ଲୋକଙ୍କୁ ଠକୁଥିଲା। ତାକୁ ଧରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ପୁଲିସ ତା' ନିକଟରୁ ଗୃହ ବିଭାଗର ନକଲି ପରିଚୟପତ୍ର, ଅନେକ ନକଲି ସାର୍ଟିଫିକେଟ୍ ଏବଂ ମୋବାଇଲ୍ ଜବତ କରିଛି। ଜବତ ହୋଇଥିବା ମୋବାଇଲ୍‌ରୁ ସେ ଅନେକ ଯୁବତୀଙ୍କ ସହ ଅସଂଯତ ଅବସ୍ଥାରେ ରଖିଥିବା ଫଟୋ ପୁଲିସ ହାବୁଡ଼ରେ ପଡ଼ିଛି। ପୁଲିସ ନିକଟରୁ ମିଳିଥିବା ସୂଚନାନୁସାରେ, ମାନସ ବିଭିନ୍ନ ବାହାନା ଦେଖାଇ ଅନେକ ଲୋକଙ୍କଠାରୁ ଠକେଇ କରି ଆସୁଥିଲା। ନିଜକୁ ଗୃହ ବିଭାଗ ସେକ୍ରେଟାରୀ ବୋଲି ପରିଚୟ ମଧ୍ୟ ଦେଉଥିଲା। ଏପରିକି ଅନେକ ପୁଲିସ ଅଧିକାରୀଙ୍କୁ ମଧ୍ୟ ସେ ଫୋନ୍‌ରେ ଧମକ ଦେଉଥିଲା।






ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଜନଶୁଣାଣି କାର୍ଯ୍ୟାଳୟରୁ କହୁଛି କହି ସେମାନଙ୍କ କାମ କରିବା ପାଇଁ ଟଙ୍କା ଆଦାୟ କରୁଥିଲା। ନୟାଗଡ଼, ଖୋର୍ଦ୍ଧା, କଟକ, ଭୁବନେଶ୍ୱର ଓ ପୁରୀ ପୁଲିସ ପାଇଁ ସେ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଗତ ୨ ତାରିଖ ଅପରାହ୍ନରେ ମାନସ ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ମନୋଜ ଜେନାଙ୍କୁ ଠକେଇ କରିବା ଅଭିଯୋଗରେ ପୁଲିସ ତାକୁ ଗିରଫ କରିଛି।

ଅଭିଯୋଗ ଅନୁସାରେ, ମନୋଜଙ୍କୁ ସଚିବାଳୟରେ ଚାକିରି କରାଇଦେବା ପାଇଁ ମାନସ ପ୍ରଲୋଭିତ କରିଥିଲା। ଏଥିପାଇଁ ସେ ୨ ଲକ୍ଷ ଟଙ୍କା ଦାବି କରିଥିଲା। ୨ ତାରିଖ ଅପରାହ୍ନରେ ମନୋଜ ଟଙ୍କା ଧରି ଷ୍ଟେସନ୍ ରୋଡ୍‌ରେ ଅପେକ୍ଷା କରିଥିଲେ। ଏହି ସମୟରେ ମାନସ ୩ ଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଟଙ୍କା ମାଗିଥିଲା। କଥୋପକଥନ ସମୟରେ ମନୋଜଙ୍କ ସନ୍ଦେହ ହେବାରୁ ସେ ଟଙ୍କା ଦେବାକୁ ରାଜି ହୋଇନଥିଲେ। ଯାହାକୁ ନେଇ ମାନସ ଏବଂ ତାଙ୍କ ସହଯୋଗୀମାନେ ଜବରଦସ୍ତ ଟଙ୍କା ବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ। ମାନସ ପରେ ଆଉ ଫୋନ୍

- ଗୃହ ବିଭାଗର ନକଲି ପରିଚୟପତ୍ର ଜବତ
- ମିଳିଛି ଯୁବତୀଙ୍କ ସହ ଅସଂଯତ ଫଟୋ
- ପୁଲିସ ପାଇଁ ଥିଲା ବଡ଼ ଚ୍ୟାଲେଞ୍ଜ

ଉଠାଇ ନ ଥିଲା। ଯାହାକୁ ନେଇ ମନୋଜ ନୟାଗଡ଼ ଟାଉନ୍ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୁଲିସ ବୁଧବାର ରାତିରେ ମାନସକୁ ମେଲାମ୍ବ ଗ୍ରାମରୁ ଧରିଥିଲା। ଏନେଇ ତଦନ୍ତ ପରେ ମାନସ ଜଣେ ବିଖ୍ୟାତ ଠକ ବୋଲି ଜଣାପଡ଼ିଛି। ସେ ଅନେକ ସରକାରୀ କର୍ମଚାରୀ, ପୁଲିସ ବିଭାଗ ଅଧିକାରୀ, ସାଧାରଣ ଲୋକଙ୍କୁ ଠକେଇ କରିଥିବା ସୂଚନା ମିଳିଛି। ଏପରିକି ଅନେକ ଝିଅଙ୍କୁ ଚାକିରି କରାଇଦେବା ପାଇଁ ପ୍ରଲୋଭିତ କରି ଶାରୀରିକ ସମ୍ପର୍କ ରଖିବା ସହ ଏହାର ଫଟୋ ନିଜ ମୋବାଇଲ୍‌ରେ ରଖିଥିବା ପୁଲିସ ଜାଣିବାକୁ ପାଇଛି। ମାନସ କେତେବେଳେ ନିଜକୁ ମୁଖ୍ୟମନ୍ତ୍ରୀ ଜନଶୁଣାଣି କାର୍ଯ୍ୟାଳୟ କର୍ମଚାରୀ, କେତେବେଳେ ଗୃହ ବିଭାଗ ସଚିବ କହି ଅତ୍ୟନ୍ତ ଚତୁରତାର ସହ ଠକି ଚାଲିଥିଲା। ଏଭଳି ଠକକୁ ପୁଲିସ ଗିରଫ କରିବା ପରେ ନୟାଗଡ଼ରେ ଠକେଇର ଶିକାର ହୋଇଥିବା ଅନେକ ବ୍ୟକ୍ତି କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମାନସ ନିଜ ଗାଁର ମଧ୍ୟ ଅନେକ ଲୋକଙ୍କୁ ଠକେଇ କରିଥିବା ମେଲାମ୍ବ ଗ୍ରାମବାସୀ କହିଛନ୍ତି। ମାନସଙ୍କୁ ଗିରଫ କରାଯାଇଥିବା ନେଇ ନୟାଗଡ଼ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଏହି ମାମଲାକୁ ତଦାରଖ କରୁଥିବା ଜଣାପଡ଼ିଛି।

## ବେଆଇନ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

# ଅନଶନସ୍ଥଳରେ ପହଞ୍ଚିଲାନି ପ୍ରଶାସନ




**ଗଣିଆ, ୧୦।୭ (ସମିସ):** ବେଆଇନ ଭାବେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରି ଗଣିଆ ବ୍ଲକ ସମ୍ମୁଖରେ କିଶୋର ପ୍ରସାଦ ପଞ୍ଚାୟତର ଖଲିସରା ଗ୍ରାମବାସୀ ଦୀର୍ଘ ୪ ଦିନ ହେବ ଅନଶନରେ ବସିଥିଲେ ମଧ୍ୟ ତାଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରି ନାହିଁ। ଗତ ଦୁଇଦିନ ଭିତରେ ଦୁଇଜଣ ଅନଶନକାରୀ ମହେଶ୍ୱର ବେହେରା ଏବଂ ପ୍ରମୋଦ ମୁଦୁଲି ଅନଶନସ୍ଥଳରେ ଅସୁସ୍ଥ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନଶନକାରୀ ନିଜ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଗୁରୁବାରଠାରୁ ସେମାନେ ଏକ ସ୍ଥାୟୀ ଟେଣ୍ଟ ବାନ୍ଧି ବସିଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ୪ ଦିନ ଧରି ଗ୍ରାମବାସୀମାନେ ଏଭଳି ଖରା ବର୍ଷାରେ ଅନଶନରେ ବସିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ସେମାନଙ୍କୁ କାହିଁକି ଅଣଦେଖା କରୁଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ ସାଗର କୁମାର ନନ୍ଦଙ୍କୁ ପଚାରିବାରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉଥିବା ସ୍ଥାନଟି ପାଣ୍ଡରାସିଙ୍ଗା ଗ୍ରାମର ବୋଲି ସେ ପ୍ରକାଶ କରିବା ସହିତ ଆଗରୁ ସେଠାରେ ଏକ ପାଣି ଟାଙ୍କି ଆଉ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ନିର୍ମାଣ କରାଯାଇଛି ବୋଲି ଜଣାଇଛନ୍ତି। ଏଥିରେ କୌଣସି ବେଆଇନ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି। ବିଡିଓଙ୍କଠାରୁ ସମସ୍ତ ତଥ୍ୟ ନେବା ପରେ ଏହି ଘଟଣା ଗାଁ ଗାଁ ଭିତରେ ଥିବା ତିକ୍ତତାର ପ୍ରତିଫଳନ ବୋଲି ଜଣାପଡ଼ିଛି।

## ସ୍କୁଲ୍‌ରେ ପ୍ରଧାନଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ

**ଦଶପଲ୍ଲା, ୧୦।୭ (ସମିସ):** ଦଶପଲ୍ଲା ବ୍ଲକ ସଦର ମହକୁମାଠାରୁ ୫୦ କି.ମି. ଦୂର ଉପାନ୍ତ ଆଦିବାସୀବହୁଳ କୁଜାମେଣ୍ଡି ପଞ୍ଚାୟତର ବନ୍ଧଖମଣ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିସରରେ ଉନ୍ମତ୍ତକାଣ୍ଡ ଭିଆଇବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ସମ୍ବେଦନଶୀଳ ଘଟଣାର ଭିଡିଓ ଭାଇରାଲ ହେବା ଘଟଣା ଅଧିକ କୌତୁହଳ ରୂପ ଦେଇଛି।

ସୂଚନାରୁ ପ୍ରକାଶ ଯେ, ଗୁରୁବାର ପ୍ରଧାନଶିକ୍ଷକ ସଞ୍ଜୟ ମଲ୍ଲିକ ସ୍କୁଲକୁ ପ୍ରଚୁର ମଦପିଇ ଆସିବା ସହିତ ପାଠ ପଢ଼ାଇବା ଛାଡ଼ି ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିଥିଲେ। ଛାତ୍ର ଅଭିଭାବକମାନେ ଏହାର ପ୍ରତିବାଦ କରିବା ସତ୍ତ୍ୱେ ସେ କାହାରି କଥା ଶୁଣି ନ ଥିଲେ। ଏହି ସମୟରେ ଜନୈକ ବ୍ୟକ୍ତି ମୋବାଇଲ୍‌ରେ ଭିଡିଓ ଉତ୍ତୋଳନ କରିଚାଲିଥିଲେ। ପରିସ୍ଥିତି ଅଣାୟତ୍ତ ହେବାକୁ ଯାଇଥିବାବେଳେ କିଛି ଗ୍ରାମବାସୀ ଏହାର ଆପୋଷ ସମାଧାନ କରିଥିଲେ।

**ଭିଡିଓ ଭାଇରାଲ୍**

ଗୁରୁବାର ସନ୍ଧ୍ୟାରେ ଗ୍ରାମରେ ଏକ ଜରୁରୀ ବୈଠକ ବସି ଶୁକ୍ରବାର ସ୍କୁଲ ବନ୍ଦ ରଖିବା ସହିତ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ୍ଲଙ୍କୁ ପଚାରିବାରୁ, ଅଭିଯୋଗ ପାଇଛି, ନିଶ୍ଚିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ବିଳମ୍ବିତ ସନ୍ଧ୍ୟାରେ ସମ୍ପୃକ୍ତ ଶିକ୍ଷକଙ୍କୁ ଯୋଗାଯୋଗ କରାଯିବାରେ ସେ ନିଜକୁ ଆଦିବାସୀ ସମ୍ପ୍ରଦାୟର କହିବା ସହିତ ଦୁରାରୋଗ୍ୟ ରୋଗରେ ପୀଡ଼ିତ ଅଛନ୍ତି। ସ୍ତ୍ରୀ ଓ ଦୁଇ ଛୁଆଙ୍କ ଦାୟିତ୍ୱ ନେଇ ମାନସିକ ଚାପରେ ଥିବା ସହିତ ଜଣେ ନିୟମିତ ଚାନ୍ଦା ଆଦାୟକାରୀ ହରକତ କରି ଉସୁକେଇବାରୁ ହଠାତ୍ ଉତ୍କ୍ଷିପ୍ତ ହୋଇ ଏପରି ଆଚରଣ କରିଥିବା କହିଛନ୍ତି। ଏଥିସହିତ ଅନ୍ୟତ୍ର ବଦଳି କରିବାକୁ ଅନୁରୋଧ କରିବା ସହ ଓ ଦାବି ରଖିଛନ୍ତି।

## ଦେଶୀ ମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା, ୧୦।୭ (ସମିସ):** ଖଣ୍ଡପଡ଼ା ଥାନା ଅଧୀନ କୋସ୍କା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢ଼ଉ କରାଯାଇ ୨୪ ଲିଟର ଦେଶୀ ମଦ ଜବତ କରାଯିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ କୋସ୍କା ଗ୍ରାମର ବଳଭଦ୍ର ଜାନି (୩୨)ଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଖଣ୍ଡପଡ଼ା ଅବକାରୀ ଅଧିକାରୀ ଦୀପକ ଜେନାଙ୍କ ତତ୍ତ୍ୱାବଧାନରେ ଚଢ଼ଉ ଅଭିଯାନରେ କର୍ମଚାରୀ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତାରାଣୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ଭାପୁର, ୧୦।୭ (ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଧାନଚାଙ୍ଗଡ଼ା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମର ଜନୈକା କଲେଜ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ନେଇ ଫତେଗଡ଼ ଥାନାରେ ଛାତ୍ରୀଙ୍କ ବାପା ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି। ମୃତକ ଜଣକ ହେଲେ ଲକ୍ଷ୍ମୀପ୍ରସାଦ ଗ୍ରାମର ମଥୁରା ପ୍ରଧାନଙ୍କ ଝିଅ ଶିଖା ପ୍ରଧାନ। ସେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ +୩ର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରନ୍ତି। ପ୍ରେମଜନିତ କାରଣରୁ ଏପରି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।

## ବିଭିନ୍ନ ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କ ବଦଳି

**ନୟାଗଡ଼, ୧୦।୭ (ସମିସ):** ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀମାନେ ପଦୋନ୍ନତି ପାଇଁ ସହକାରୀ ଯନ୍ତ୍ରୀ ହୋଇଛନ୍ତି। ଏହି ସହକାରୀ ଯନ୍ତ୍ରୀମାନଙ୍କର ଗୁରୁବାର ବଦଳି ହୋଇଛି। ନୟାଗଡ଼ ଜିଲ୍ଲା ରଣପୁର ବ୍ଲକରେ ବନ୍ଦିତା ବଳିୟାରସିଂ, ବିଶ୍ୱରଞ୍ଜନ ପଟ୍ଟନାୟକ, ରଶ୍ମିକାନ୍ତ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଓଡ଼ଗାଁ ବ୍ଲକରେ ସୁମିତ୍ରା ନାୟକ, ଚନ୍ଦନ ତରାଇ ଓ ସରୋଜିନୀ ବେହେରାଙ୍କୁ ଅବସ୍ଥାପିତ କରାଯାଇଛି। ନୟାଗଡ଼ ବ୍ଲକରେ ଜ୍ୟୋତିଶ୍ରୀ ସୁବୁଦ୍ଧି, ମୋନାଲିସା ଶତପଥିଙ୍କୁ ଦାୟିତ୍ୱ ଦିଆଯାଇଛି। ସୁଦୀପ ଲେଙ୍କାକୁ ନୟାଗଡ଼ ବ୍ଲକ, ମନୋଜ ବେହେରାଙ୍କୁ ଖଣ୍ଡପଡ଼ା ବ୍ଲକ, ପୁଷ୍ପାଞ୍ଜଳି ମୁର୍ମୁଙ୍କୁ ଗଣିଆ ବ୍ଲକ ଦାୟିତ୍ୱ ଦିଆଯାଇଛି।

## ନାହିଁ ନାହିଁରେ ୬୩ ବର୍ଷର ବିଦ୍ୟାଳୟ

# ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି ପ୍ରାଥମିକ ଶିକ୍ଷକ

**ଗଣିଆ, ୧୦।୭ (ସମିସ):** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କରଡାପଡ଼ା ପଞ୍ଚାୟତରେ ଥିବା ନାରାୟଣ ପ୍ରସାଦ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୬୨ ମସିହାରେ ସ୍ଥାପିତ ଏହି ୬୩ ବର୍ଷର ବିଦ୍ୟାଳୟର ସ୍ମାର୍ଟ






ଶ୍ରେଣୀ ଗୃହରେ ଆଜି ପର୍ଯ୍ୟନ୍ତ ଏଲଇଡି ଟିଭି ଲାଗି ପାରିଲା ନାହିଁ। ଆବଶ୍ୟକୀୟ କମ୍ପ୍ୟୁଟର ମଧ୍ୟ ନାହିଁ। ବିଦ୍ୟାଳୟ ଚାରିପଟେ ପାଚେରି ନଥିବାରୁ ସନ୍ଧ୍ୟା ହେଲେ ଏଠାରେ ଅସାମାଜିକ ଲୋକମାନଙ୍କର ଆଡ୍ଡା ଜମୁଛି। ଖେଳପଡ଼ିଆ ନଥିବାରୁ ଛାତ୍ରଛାତ୍ରୀଙ୍କ କ୍ରୀଡ଼ାର ବିକାଶ ହୋଇପାରୁନାହିଁ। ପାନୀୟ ଜଳ ସମସ୍ୟା ସବୁବେଳେ ଲାଗି ରହୁଥିବା ବେଳେ ପୋଖରୀକୁ ହାତ ଧୋଇବାକୁ ପିଲାମାନେ ଯାଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଉକ୍ତ ବିଦ୍ୟାଳୟର ୯ମ ଏବଂ ୧୦ମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଉଛନ୍ତି ପ୍ରାଥମିକ ଶିକ୍ଷକ। ଯଦି ପ୍ରାଥମିକ ଶିକ୍ଷକ ହାଇସ୍କୁଲ ପିଲାଙ୍କୁ ପାଠ ପଢ଼ାଇବେ ତେବେ ପିଲାଙ୍କ ଶିକ୍ଷାର ବିକାଶ କିଭଳି ହେଉଥିବ ଏକଥା ସହଜରେ ଜାଣି ହେଉଛି। ଏଠାରେ ଦୁଇଜଣ ଶିକ୍ଷକଙ୍କୁ ୩ ଦିନ ଓ ୬ ଦିନ ପାଇଁ ଡେପୁଟେସନରେ ପଠାଯାଉଛି। ଏଠାରେ ଆଡକଟା ପ୍ରଧାନଶିକ୍ଷକ ଅରବିନ୍ଦ ମହାଲିକଙ୍କୁ ଅତିରିକ୍ତ ଦାୟିତ୍ୱ ବଣ୍ଟନ କରାଯାଇଥିବା ବେଳେ ସେ ବି ଠିକରେ ଆସିପାରୁନାହାନ୍ତି ଯେହେତୁ ତାଙ୍କ ମୂଳ ସ୍କୁଲ ଆଡକଟାରେ ଅଛି। କହିବାକୁ ଗଲେ ଭଡ଼ା ଶିକ୍ଷକ ଏବଂ ପ୍ରଧାନଶିକ୍ଷକରେ ଚାଲିଛି ଉକ୍ତ ବିଦ୍ୟାଳୟ। ଦୀର୍ଘ ଦିନ ହେବ ପରିଚାଳନା କମିଟି ବୈଠକ ବସୁନଥିବା ତଥା ବିଦ୍ୟାଳୟକୁ ନୂତନ ରୋଷେୟା, ରାତ୍ର ଜଗୁଆଳ ନିଯୁକ୍ତି ହୋଇପାରୁନଥିବା ପରିଚାଳନା କମିଟିର ସଭାପତି ବିଜୟ କୁମାର ରାଉତ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ନିଜ ବିଦ୍ୟାଳୟରେ ରହି ସେଠାକୁ ଫାଇଲ୍ ଏବଂ ଆବଶ୍ୟକୀୟ କାଗଜପତ୍ର ମଗାଇ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ବି ଫରକ ପଡୁନାହିଁ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସମସ୍ତ ସମସ୍ୟା ସବୁ ସତ ବୋଲି ସେ ପ୍ରକାଶ କରିବା ସହିତ ମୋର ସେ ସ୍କୁଲ ଅତିରିକ୍ତ ଦାୟିତ୍ୱ ବୋଲି ସେ ଜଣାଇଛନ୍ତି। ଖୁବଶୀଘ୍ର ରୋଷେୟା ଏବଂ ରାତ୍ର ଜଗୁଆଳ ନିଯୁକ୍ତି ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ସହିତ ଆବଶ୍ୟକୀୟ ସମସ୍ୟା ସମାଧାନ କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

## ବଉଳିସାହି କଲେଜରେ ବିଜେପିର ରାଜନୈତିକ ସଭା

# ଉପଜିଲ୍ଲାପାଳଙ୍କୁ ଫେରାଦହେଲା ବିଜୁ ଛାତ୍ର ଜନତା ଦଳ



**ନୟାଗଡ଼, ୧୦।୭ (ସମିସ):** ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନୋତର ପଞ୍ଚାୟତ ବଉଳିସାହି ମହାବିଦ୍ୟାଳୟରେ ବୁଧବାର ବିଜେପି ପକ୍ଷରୁ ରାଜନୈତିକ ସଭା କରାଯାଇଥିବା ନେଇ ଗୁରୁବାର ବିଜୁ ଛାତ୍ର ଜନତା ଦଳ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛି। ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିଜେ ଏହି ସଭା ଆୟୋଜନ କରିଥିବା ଏବଂ ଅଧ୍ୟାପକମାନେ ସହଯୋଗ କରିଥିବା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଛି। ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ଏହି ସଭା ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି। ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା ଏବଂ ଅନେକ ଛାତ୍ରନେତା ଦାବିପତ୍ର ପ୍ରଦାନ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବଉଳିସାହି ମହାବିଦ୍ୟାଳୟ ମୁଖ୍ୟ ଫାଟକ ତାଲା ପକାଇ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ମହାନଦୀ ଜଳସ୍ତର ବୃଦ୍ଧି; ପ୍ରଶାସନ ସଜାଗ

**କଣ୍ଟିଲୋ, ୧୦।୭ (ସମିସ):** ସାରା ରାଜ୍ୟରେ ଲଗାଣ ବର୍ଷା ଫଳରେ ମହାନଦୀ ଜଳସ୍ତର ବୃଦ୍ଧି ପାଇଛି। ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ପାଇଁ ୨୦ଟି ଗେଟ୍ ଖୋଲାଯାଇଥିବାରୁ ଜଳସ୍ତର ବୃଦ୍ଧି ପାଇଛି। ବର୍ଷା ଜାରି ରହିଥିବାରୁ ମହାନଦୀ ଜଳସ୍ତର ମଧ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି। ସାମ୍ଭାବ୍ୟ ବନ୍ୟା ସ୍ଥିତି ନେଇ କଣ୍ଟିଲୋ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ମହାନଦୀ ତଟବର୍ତ୍ତୀ ମାଳବନ୍ଧମାନଙ୍କରେ ଥିବା ସ୍ଲିସ୍ ଗେଟ୍‌ଗୁଡ଼ିକ ତଦାରଖ କରାଯିବା ସହିତ ସେଗୁଡ଼ିକ ଗ୍ରୀସିଂ କରାଯାଇଛି।



ବିପଦ ସ୍ଥିତି ପାଇଁ ପର୍ଯ୍ୟାପ୍ତ ବାଲିବସ୍ତା ମହଜୁଦ ରଖାଯାଇଛି। ତେବେ ମହାନଦୀ ଜଳସ୍ତର ବିପଦସଂକେତ ୪୭.୯୮ ମିଟର ରହିଥିବାବେଳେ ଗୁରୁବାର ପ୍ରାୟ ୪୫ ମିଟର ପାଖାପାଖିରେ ଜଳ ପ୍ରବାହିତ ହେଉଛି। ବିପଦ ସମ୍ଭାବନା ନାହିଁ ବୋଲି କହିଛନ୍ତି କଣ୍ଟିଲୋ ଜଳସମ୍ପଦ ବିଭାଗ ଯନ୍ତ୍ରୀ ରାମମୋହନ ବେହେରା।

# ଖଣ୍ଡପଡ଼ା ଉପକାରାଗାର ମିଶ୍ରଣକୁ ବିରୋଧ

**ଖଣ୍ଡପଡ଼ା, ୧୦।୭ (ସମିସ):** ନୟାଗଡ଼ କାରାଗାର ସହ ଖଣ୍ଡପଡ଼ା ଉପକାରାଗାର ମିଶ୍ରଣକୁ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ତୀବ୍ର ବିରୋଧ କରି ଆସୁଛନ୍ତି ଖଣ୍ଡପଡ଼ା ଅଞ୍ଚଳବାସୀ। ଏ ପରିପ୍ରେକ୍ଷୀରେ ଭାରତୀୟ ବିକାଶ ପରିଷଦ ଖଣ୍ଡପଡ଼ା ଶାଖା ପକ୍ଷରୁ ଶୁକ୍ରବାର ଆନ୍ଦୋଳନ ଡକରା ଦିଆଯାଇଥିବା ଜଣାଯାଇଛି। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସୂଚନା କ୍ରମେ ଖଣ୍ଡପଡ଼ା ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ଣ ୧୧ଟା ସମୟରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିରୀକୃତ ହୋଇଥିବା ପରିଷଦ ପକ୍ଷରୁ ସ୍ଥାନୀୟ ପ୍ରଶାସନ

**ଆଜି ବିକ୍ଷୋଭ ପ୍ରଦର୍ଶନ**

ଓ ପୁଲିସ ପ୍ରଶାସନକୁ ଲିଖିତ ଭାବେ ସୂଚନା ଦିଆଯାଇଛି। ଖଣ୍ଡପଡ଼ା ଅଞ୍ଚଳର ସଚେତନ ନାଗରିକ, ଯୁବକ ଓ ସ୍ୱେଚ୍ଛାସେବୀମାନେ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ଶ୍ରୀ ପାଣିଗ୍ରାହୀ ନିବେଦନ କରିଛନ୍ତି।

## ଅନ୍ନପୂର୍ଣ୍ଣା ବୃଷ୍ଟି ଯଜ୍ଞ ଉଦ୍‌ଯାପିତ

**ଓଡ଼ଗାଁ, ୧୦।୭ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ଶାସନ ଗ୍ରାମରେ ବିରାଜିତ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ୫ ଦିନବ୍ୟାପୀ ଅନୁଷ୍ଠିତ ୭୪ତମ ବୃଷ୍ଟି ଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପନ୍ତିଖାରୀ ଏବଂ ନୋତରପଲ୍ଲୀ ଗାଁ ମିଳିତ ଆନୁକୂଲ୍ୟରେ ଆୟୋଜିତ ଅନ୍ନପୂର୍ଣ୍ଣା ବୃଷ୍ଟି ଯଜ୍ଞ ଚତୁର୍ଥ ସନ୍ଧ୍ୟାରେ ଯଜ୍ଞ କମିଟିର ସଭାପତି ପଣ୍ଡିତ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନ୍ନପୂର୍ଣ୍ଣା ଯଜ୍ଞ କମିଟି ଏବଂ ବୈଦିକ ପ୍ରଚାର ସମିତିର ମିଳିତ ସହଯୋଗରେ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ କମଳାକାନ୍ତ ରଥଶର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ପ୍ରାକ୍ତନ କୁଳପତି ସ୍ୱର୍ଗତ ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ପରିକଳ୍ପନା ସ୍ୱରୂପ ବୈଦିକ ପ୍ରଚାର ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସାକାର କରିବା ନିମନ୍ତେ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ବୈଦିକ ବ୍ରାହ୍ମଣ ବର୍ଗ ସମ୍ମତି ପ୍ରଦାନ କରିଥିଲେ। ପୁସ୍ତକାଚାର୍ଯ୍ୟ ଶାନ୍ତନୁ କୁମାର ଦାଶ ସର୍ବଦ୍ରଷ୍ଟା ଗୋଦାବରୀଶ ହୋତାଙ୍କ ଦ୍ୱାରା ଯଜ୍ଞ ମଣ୍ଡପ ପରିଚାଳିତ ହୋଇଥିବାବେଳେ ଉଦୟନାଥ ଦାଶ ବ୍ରହ୍ମା, ପଣ୍ଡିତ ତ୍ରିନାଥ ହୋତା ପ୍ରତିନିଧି, ରଘୁନାଥ ଦାଶ ସମିଧ, ଦିଲ୍ଲୀପ କୁମାର ହୋତା ସାକଲ୍ୟ, ଦିଲ୍ଲୀପ କୁମାର ଷଡ଼ଙ୍ଗୀ ଚରୁ, ସର୍ବେଶ୍ୱର ଦାଶ ରୁଦ୍ରାଭିଷେକ, ଲଡୁକେଶ୍ୱର ରଥ ଚଣ୍ଡୀ ଦାୟିତ୍ୱ ଗ୍ରହଣ କରିଥିଲେ।



ହେମନ୍ତ ହୋତା ଚରୁ ପ୍ରସ୍ତୁତିରେ ସହଯୋଗ କରିଥିବାବେଳେ ସୁଧାଂଶୁ ଶେଖର ଦାଶ, ଗଙ୍ଗାଧର ଷଡ଼ଙ୍ଗୀ, ପାତାଳେଶ୍ୱର ଦାଶ, ଅଶୋକ ମହାପାତ୍ର ପ୍ରମୁଖ ୪ ଦ୍ୱାର ଯଜ୍ଞକୁଣ୍ଡ ଦାୟିତ୍ୱ ନେଇଥିଲେ। ଗ୍ରାମ ପରିଚାଳନା କମିଟି ସଭାପତି ବିଭୂତି ରଞ୍ଜନ ଷଡ଼ଙ୍ଗୀ, ଯଜ୍ଞ କମିଟି ସଭାପତିଙ୍କ ସହିତ ସମ୍ପାଦକ ଜୟନ୍ତ ଦାଶ ଓ କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।

## ଡ୍ରାଇଭର ସଂଘ ଧାରଣାର ତୃତୀୟ ଦିନ

# ଯାତ୍ରୀ ହନ୍ତସନ୍ତ; ମିଳୁନି ଅତ୍ୟାବଶ୍ୟକ ସାମଗ୍ରୀ

**ନୟାଗଡ଼, ୧୦।୭ (ସମିସ)**

ନୟାଗଡ଼ ଜିଲ୍ଲାର ୮ଟି ବ୍ଲକରେ ଡ୍ରାଇଭର ମହାସଂଘ ପକ୍ଷରୁ ତୃତୀୟ ଦିନରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଡ୍ରାଇଭରମାନେ ଓହ୍ଲାଇଛନ୍ତି। ରାଜ୍ୟ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ୭ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରି ନ ଥିଲେ। ଯାହାକୁ ନେଇ ରାଜ୍ୟ ସଂଘ ନିର୍ଦ୍ଦେଶରେ ସାରା ରାଜ୍ୟରେ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ନୟାଗଡ଼ରେ ମଧ୍ୟ ସମାନ ସ୍ଥିତି ରହିଛି। ନୟାଗଡ଼ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ସଂଘ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ପାର୍ଶ୍ୱରେ ଧାରଣା ଦିଆଯାଇଛି। ନୟାଗଡ଼ ସାମ୍ବାଦିକ ଭବନଠାରୁ ଡିଏଫ୍‌ଓ ଅଫିସ ପର୍ଯ୍ୟନ୍ତ ରାସ୍ତାକଡ଼ର ଉଭୟ ପାର୍ଶ୍ୱରେ ଧାରଣା ଦିଆଯାଇଛି। ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁଁ ଗାଡ଼ି ଚଳାଚଳ ବନ୍ଦ ରହିଛି। ଯାହା ଦ୍ୱାରା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟିଛି। ଅନେକ ଜରୁରୀ ସାମଗ୍ରୀ ଆସିପାରୁ ନ ଥିବାରୁ ବଜାରରେ ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି। ଆଳୁ, ପିଆଜ, ପନିପରିବା, ପେଟ୍ରୋଲ, ଡିଜେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବଜାରରୁ ଶେଷ ହେବାକୁ ବସିଛି। ଯାହାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। କୁକୁଡ଼ା ପାଳନ କରୁଥିବା ଚାଷୀମାନେ ଦାନା ଆସିପାରୁ ନ ଥିବାରୁ



ସାଂଘାତିକ ସମସ୍ୟା ଭୋଗୁଛନ୍ତି। ଖାଦ୍ୟ ଅଭାବରୁ କୁକୁଡ଼ା ଏବଂ ବିଭିନ୍ନ ଫାର୍ମରେ ସମସ୍ୟା ଦେଖାଦେଇଛି। ଦୂରଦୂରାନ୍ତକୁ ଯାତାୟାତ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ସରକାରୀ ବସ୍ ଏବଂ ଟ୍ରେନ୍‌ରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି।

**ଖଣ୍ଡପଡ଼ା**

ତିନିଦିନ ଧରି ସାରା ରାଜ୍ୟର କୋଣ ଅନୁକୋଣରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ ଦଫା ଦାବି ନେଇ ଚକା ଜାମ୍ ରହିଥିବାବେଳେ ଖଣ୍ଡପଡ଼ା ବ୍ଲକର ୨୨ଟି ପଞ୍ଚାୟତ ଓ ଖଣ୍ଡପଡ଼ା ଏନ୍‌ଏସିରୁ ମିଳିତ ଭାବେ ୧ ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ବ୍ଲକ ସମ୍ମୁଖ ବାଇପାସ୍ ନିକଟରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ସହ ବ୍ଲକ ଅଧୀନ ପ୍ରମୁଖ ଛକ ବଜାରରେ ମଧ୍ୟ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଛି। ତେବେ ଡ୍ରାଇଭରଙ୍କ ଦାବିକୁ ନେଇ ସମଗ୍ର ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳ ସମର୍ଥନ ଜଣାଇଥିବାବେଳେ ଗୁରୁବାର ଖଣ୍ଡପଡ଼ା ବିଜେଡି ପକ୍ଷରୁ ଡ୍ରାଇଭର ମହାସଂଘକୁ ପୂର୍ଣ୍ଣ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଜେଡିର ମଙ୍ଗ ଧରିଥିବା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଗୁରୁବାର ଧାରଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଖୁବ୍‌ଶୀଘ୍ର ରାଜ୍ୟ ସରକାର ଡ୍ରାଇଭରଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ବିଜେଡି ଡ୍ରାଇଭରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ମୋହନ ସରକାରଙ୍କ ନିକଟରେ ହକ୍ ପାଇଁ ଲଢ଼େଇ କରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଡ୍ରାଇଭରଙ୍କ ପାଇଁ ଦୈନନ୍ଦିନ ଜୀବନ ଧାରଣ ସହଜ ହେବା ସହ ସମାଜର ଗତିଶୀଳ ସେମାନଙ୍କ ଉପରେ ନିର୍ଭର କରିଥାଏ ବୋଲି ମଧ୍ୟ କହିଥିଲେ। ସେହିପରି ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ବରିଷ୍ଠ ନେତା ଗୋପାଳ ପଣ୍ଡା, ବୃନ୍ଦାବନ ପଣ୍ଡା, ଯୁବ ସଂଗଠକ ମାନସ ବସ୍ତି, ଗଙ୍ଗାଧର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭରଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ତେବେ ବିଭିନ୍ନ ପମ୍ପରେ ପେଟ୍ରୋଲ ଓ ଡିଜେଲ ସରିସରି ଆସୁଥିବାରୁ ବାଇକ୍ ଓ ପ୍ରାଇଭେଟ୍ ଗାଡ଼ିଗୁଡ଼ିକ ତେଲ ପକାଇବା ପାଇଁ ପମ୍ପରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। ଗଣଧାରଣାସ୍ଥଳରେ ଖଣ୍ଡପଡ଼ା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଦେଖିବାକୁ ମିଳିଛି।

## ଚାନ୍ଦପୁର ମଧୁବନ ସାହିରେ ପଶିଲା ବଣୁଆ ହାତୀ; ଲୋକେ ଆତଙ୍କିତ

**ଟାଙ୍ଗୀ,୧୦।୭(ସମିସ):** ଗୁରୁବାର ବିଳମ୍ବିତ ରାତିରେ ଚାନ୍ଦପୁର ମଧୁବନ ସାହିରେ ଗୋଟିଏ ବଣୁଆ ହାତୀ ପଶିବା ଦେଖି ବାସିନ୍ଦାମାନେ ଆତଙ୍କିତ ହୋଇ ପଡ଼ିଥିଲେ। ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀର ଗତିବିଧି ପ୍ରତି ସତର୍କ ଦୃଷ୍ଟି ରଖିଥିଲେ। ଦିନକୁ ଦିନ ଜଙ୍ଗଲର ଅବକ୍ଷୟ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଖାଦ୍ୟ ଅନ୍ୱେଷଣରେ ବଣୁଆ ହାତୀମାନେ ଜନବସତିମୁହାଁ ହେଉଥିବା ଦେଖାଯାଉଛି। ଏଥିଯୋଗୁଁ ବ୍ୟାପକ ଧନ ସମ୍ପତି କ୍ଷୟକ୍ଷତି ହେବା ସହ ଅକାଳରେ କେତେକ ମଣିଷ ଓ ହାତୀଙ୍କର ମୃତ୍ୟୁ ହୋଉଛି। ରୀତିମତ ଏହା ଘଟି ଚାଲିଥିଲେ ମଧ୍ୟ ରାଜ୍ୟ ସରକାର କିମ୍ବା ବନ ବିଭାଗ ତରଫରୁ ଏହାର ସ୍ଥାୟୀ ସମାଧାନ ଦିଗରେ କୌଣସି ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯାଇପାରି ନାହିଁ। ତେବେ ମଧୁବନ ସାହିରେ ସେପରି କିଛି କ୍ଷତି ହୋଇଥିବା ଅଭିଯୋଗ ମିଳିନାହିଁ। ହାତୀଟି ସେଠାରୁ ବାହାରି କନ୍ଦନୟାଗଡ଼ ଗ୍ରାମରେ ପଶି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଅଧିବାସୀ ଆଶ୍ୱସ୍ତ ହୋଇଥିଲେ ମଧ୍ୟ କିଛି ବର୍ଷ ତଳେ ଏକ ବଣୁଆ ହାତୀ ମଧୁବନ ସାହି ନିକଟସ୍ଥ ବସନ୍ତ ମଞ୍ଜରି ଜେନେରାଲ ହସ୍ପିଟାଲ ପରସରରେ ଜଣେ ବିଶିଷ୍ଟ ବ୍ୟବସାୟୀଙ୍କୁ ଦଳି ମାରିଦେଇଥିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଏବେ ଜନଗହଳିପୂର୍ଣ୍ଣ ଚାନ୍ଦପୁରରେ ହାତୀ ଆତଙ୍କ ଖେଳାଇ ଦେଇଛି।



**ଆଜି ବିଶ୍ୱ ଜନସଂଖ୍ୟା ଦିବସ**

## ସହରାଞ୍ଚଳରେ ପୁରୁଷ ବନ୍ଧ୍ୟାକରଣ ନୈରାଶ୍ୟଜନକ

ଖୋର୍ଦ୍ଧା,୧୦।୭(ସମିସ)

ଦେଶରେ ଜନସଂଖ୍ୟା ବୃଦ୍ଧି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏହାକୁ ନିୟନ୍ତ୍ରଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବନ୍ଧ୍ୟାକରଣ ଉପରେ ଫୋକସ୍ ଦେଉଛି। ଏ ନେଇ ସଚେତନତା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପୁରୁଷଙ୍କ ବନ୍ଧ୍ୟାକରଣ ପାଇଁ ଉତ୍ସାହିତ କରୁଥିବା ବ୍ୟକ୍ତିଙ୍କୁ ଏବଂ ବନ୍ଧ୍ୟାକରଣ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ବିଭାଗ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛି। ଏହା ସତ୍ତ୍ୱେ ସଚେତନତା ଅଭାବରୁ ଜିଲ୍ଲାର ସହରାଞ୍ଚଳର ଜନ୍ମ ନିୟନ୍ତ୍ରଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ନୈରାଶ୍ୟଜନକ ରହିଛି। ଗତ ୧୩ ବର୍ଷ ଭିତରେ ସହରାଞ୍ଚଳରେ ମାତ୍ର ୧୧୨ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିବା ଜଣାଯାଇଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି, ୨୦୧୨ରେ ସମୁଦାୟ ୨୬ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଛି। ତନ୍ମଧ୍ୟରୁ ଗ୍ରାମାଞ୍ଚଳରେ ୧୫ ଓ ସହରାଞ୍ଚଳରେ ମାତ୍ର ୧୧ ଜଣ ଅସ୍ତ୍ରୋପଚାର ହୋଇଛନ୍ତି। ୨୦୧୩ରେ ୩୩ରୁ ଗ୍ରାମାଞ୍ଚଳରେ ୧୯ ଓ ସହରାଞ୍ଚଳରେ ଏହାର ସଂଖ୍ୟା ମାତ୍ର ୧୪ ରହିଛି। ୨୦୧୪ରେ ଗ୍ରାମାଞ୍ଚଳରେ ୪୩ ଏବଂ ସହରାଞ୍ଚଳରେ ୧୪ ଜଣଙ୍କୁ ମିଶାଇ ସମୁଦାୟ ୫୭ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଛନ୍ତି। ୨୦୧୫ରେ ଗ୍ରାମାଞ୍ଚଳର ୧୨୬ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିବାବେଳେ ସହରାଞ୍ଚଳରେ ଏହାର ସଂଖ୍ୟା ନୈରାଶ୍ୟଜନକ ରହିଛି। ଉକ୍ତ ବର୍ଷ ସହରାଞ୍ଚଳରେ ମାତ୍ର ୫ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିବାବେଳେ ସମୁଦାୟ ୧୩୧ ଜଣ ଅସ୍ତ୍ରୋପଚାର ହୋଇଛନ୍ତି। ୨୦୧୬ରେ ସମୁଦାୟ ୩୬୯ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିଲେ। ତନ୍ମଧ୍ୟରେ ଗ୍ରାମାଞ୍ଚଳରେ ୩୫୦ ଏବଂ ସହରାଞ୍ଚଳରେ ମାତ୍ର ୧୯ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଛନ୍ତି। ୨୦୧୭ରେ ୫୩୬୧ଜଣ ମହିଳାଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିବାବେଳେ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ମାତ୍ର ୯୫ ଛୁଇଁଛି। ତନ୍ମଧ୍ୟରେ ଗ୍ରାମାଞ୍ଚଳରେ ୮୪ ଏବଂ ସହରାଞ୍ଚଳରେ ୧୧ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଛନ୍ତି। ସେହିପରି ୨୦୧୮ରେ ୩୬ ପୁରୁଷ ବନ୍ଧ୍ୟାକରଣ ମଧ୍ୟରେ ସହରାଞ୍ଚଳରେ ୨୨ଜଣ ରହିଛନ୍ତି। ୨୦୧୯ରେ ୨୭ ପୁରୁଷ ବନ୍ଧ୍ୟାକରଣ ମଧ୍ୟରେ ୩ ଜଣ ମାତ୍ର ସହରାଞ୍ଚଳରେ ଏହି ଅସ୍ତ୍ରୋପଚାର କରିଛନ୍ତି। ୨୦୨୦ରେ ୨୩ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିଲେ। ତନ୍ମଧ୍ୟରେ ସହରାଞ୍ଚଳର ମାତ୍ର ୨ଜଣ ଥିବାବେଳେ ଗ୍ରାମାଞ୍ଚଳର ୨୧ଜଣ ରହିଛନ୍ତି। ସେହିପରି ୨୦୨୧ରେ ୨୭ ଜଣଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୨୫ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିବାବେଳେ ସହରାଞ୍ଚଳରେ ମାତ୍ର ୨ଜଣ ଏବଂ ୨୦୨୨ରେ ୨୮ ଜଣଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ୨୭ଜଣ ଓ ସହରାଞ୍ଚଳରେ ମାତ୍ର ଜଣେ ଏବଂ ୨୦୨୩ରେ ୭୪ ଜଣଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୭୦ ଜଣ ଏବଂ ସହରାଞ୍ଚଳରେ ୪ଜଣ ରହିଥିଲେ। ସେହିପରି ୨୦୨୪ରେ ୪୧ଜଣଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୩୭ଜଣ ଏବଂ ସହରାଞ୍ଚଳରେ ୪ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିବା ସ୍ୱାସ୍ଥ୍ୟବିଭାଗ ତଥ୍ୟରୁ ଜଣାଯାଇଛି।

ବିଗତ ୧୩ ବର୍ଷ ମଧ୍ୟରେ ସମୁଦାୟ ୯୬୭ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିବାବେଳେ ମାତ୍ର ୧୧୨ ଜଣ ସହରାଞ୍ଚଳରେ ଅସ୍ତ୍ରୋପଚାର ହୋଇଥିବା ସରକାରୀ ତଥ୍ୟ କହୁଛି। ଜିଲ୍ଲା ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଜିଲ୍ଲାବ୍ୟାପୀ ପୁରୁଷ ଓ ମହିଳା ବନ୍ଧ୍ୟାକରଣ ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଥିବାବେଳେ ସଚେତନତା ଅଭାବରୁ ପୁରୁଷ ବନ୍ଧ୍ୟାକରଣ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ନୈରାଶ୍ୟଜନକ ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାନଗଲେ ପୁରୁଷ ବନ୍ଧ୍ୟାକରଣ ବାବଦ ଅର୍ଥ ପାଣିରେ ପଡ଼ିବା ଏକପ୍ରକାର ନିଶ୍ଚିତ ହୋଇଛି।

**● ୧୩ ବର୍ଷରେ ୧୧୨ ଜଣଙ୍କ ହୋଇଛି ଅସ୍ତ୍ରୋପଚାର**



**● ଓଡ଼ିଶା ଡ୍ରାଇଭର ସଂଘର ଆନ୍ଦୋଳନର ତୃତୀୟ ଦିନ**

## ଗ୍ୟାସ୍ ବଟ୍‌ଲିଂ ପ୍ଲାଣ୍ଟରେ ଅଟକିଛି ଶହ ଶହ ଟ୍ରକ୍

**ଜଟଣୀ,୧୦।୭(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନକ୍ରମେ ଜଟଣୀ ଶାଖା ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଓ ଧର୍ମଘଟ ଗତ ୮ ତାରିଖଠାରୁ ଆରମ୍ଭ ହୋଇଛି। ମାତ୍ର ୨ ଦିନ ମଧ୍ୟରେ ଜଟଣୀ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଗୁରୁବାରଠାରୁ ପେଟ୍ରୋଲ୍ ମିଳିବା ବନ୍ଦ ହୋଇଯାଇଛି। ଆଉ କିଛି ପେଟ୍ରୋଲ ପମ୍ପରେ ଶୁକ୍ରବାରଠାରୁ ପେଟ୍ରୋଲ ଓ ଡିଜେଲ୍ ମିଳିବା ବନ୍ଦ ହୋଇଯିବା ନେଇ ପମ୍ପଗୁଡ଼ିକରେ ଲୋକମାନେ ଯାନବାହନ ଧରି ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏଥି ସହିତ ଜଟଣୀ ଅଞ୍ଚଳରେ ଘରୋଇ ଜାଳେଣୀ ଗ୍ୟାସ୍ ମିଳିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଲାଣି। ଯେଉଁ ବ୍ୟବସାୟୀ କଳାବଜାରୀ କରି ଜାଳେଣୀ ଗ୍ୟାସ୍ କିଣୁଥିଲେ, ସେମାନେ ଏବେ ସମସ୍ୟାରେ ପଡ଼ି ସେମାନଙ୍କ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କଲେଣି। ଅନ୍ୟପଟେ ନିତ୍ୟ ବ୍ୟବହାର୍ଯ୍ୟ ଜାଳେଣୀ ଗ୍ୟାସ୍ ଓ ତୈଳ ସମସ୍ୟା ଉପୁଜିବା ପରେ ସର୍ବସାଧାରଣ ଲୋକ ସିଧାସଳଖ ସରକାରଙ୍କୁ ଦାୟୀ କରିଛନ୍ତି। ସେପଟେ ମୋଟର ସଂଘ ନିଜ ଜିଦ୍‌ରେ ଅଟଳ ରହିଥିବାବେଳେ ସରକାର ମଧ୍ୟ ମୁଣ୍ଡ ନୁଆଁଇବାକୁ ସମର୍ଥ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ କୁସମାଟିଠାରେ ଥିବା ଇଣ୍ଡିଆନ୍ ଅଏଲ୍ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଗ୍ୟାସ୍ ବଟ୍‌ଲିଂ ପ୍ଲାଣ୍ଟ ସମ୍ମୁଖରେ ଶହ ଶହ ସଂଖ୍ୟାରେ ଗାଡ଼ି ବନ୍ଦ ହୋଇ ରହିଛି। ଫଳରେ ଏନେଇ ସାଧାରଣ ଲୋକଙ୍କ ଉପରେ ମଧ୍ୟ ପ୍ରଭାବ ପଡ଼ିଛି ବୋଲି କୁହାଯାଇଛି। ଏହା ବ୍ୟତୀତ ଧୀରେ ଧୀରେ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମିଳିବା ବନ୍ଦ ହୋଇଯିବା ନେଇ ଲୋକେ ଆଶଙ୍କା କଲେଣି।



## ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର

**ଖୋର୍ଦ୍ଧା,୧୦।୭(ସମିସ):** ବିଲରେ କାମ କରୁଥିବାବେଳେ ବାର୍‌ହା ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ଉକ୍ତ ଚାଷୀ ଜଣକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ହାଡ଼ପଦା ଖମାରସାହିର ହାଡ଼ିବନ୍ଧୁ ବେହେରା (୫୩)।

ସୂଚନା ଅନୁସାରେ, ଧାନ ବିଲରେ ବର୍ତ୍ତମାନ କାମ ଚାଲିଛି। ଗୁରୁବାର ସକାଳୁ ବିଲକୁ କାମ କରିବାକୁ ହାଡ଼ିବନ୍ଧୁ ଯାଇଥିଲେ। କାମ କଲାବେଳେ ହଠାତ୍ ଏକ ବାର୍‌ହା ଆସି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ନିକଟରେ କାମ କରୁଥିବା ଲୋକ ଠେଙ୍ଗା ବାଡ଼ି ଧରି ଆସିବାରୁ ବାର୍‌ହା ସେଠାରୁ ପଳାଇଥିଲା। ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ଆଣିଥିଲେ। ସେଠାରେ ସେ ଚିକିତ୍ସା ହୋଇ ଘରକୁ ଫେରିଥିବା ଜଣାଯାଇଛି।

## ପୂର୍ବଶତ୍ରୁତାରୁ ଫୁଟିଲା ଗୁଳି; ଯୁବକ ଗୁରୁତର

**ଖୋର୍ଦ୍ଧା,୧୦।୭(ସମିସ):** ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଗର୍ଜିଛି ବନ୍ଧୁକ। ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ଗୁଳିମାଡ଼ ସହ ମରଣାନ୍ତକ ଆକ୍ରମଣ ହୋଇଛି। ଗୁଳିଟି ଯୁବକଙ୍କ ଦେହରେ ବାଜି ନ ଥିବାବେଳେ ଆକ୍ରମଣରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଆହତ ଯୁବକ ଜଣକ ଉକ୍ତ ଗ୍ରାମର ଦେବାଶିଷ ସାମନ୍ତସିଂହାର ଓରଫ ପାଣ୍ଡିଆ (୨୮) ବୋଲି ଜଣାପଡ଼ିଛି।



ପୁଲିସ ସୂଚନା ଅନୁସାରେ, ଉକ୍ତ ଗ୍ରାମର ସ୍ୱାଇଁ ଓ ସାମନ୍ତସିଂହାର ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଛି। ପୂର୍ବରୁ ଗଣ୍ଡଗୋଳ ହୋଇ ଉଭୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ପରିସ୍ଥିତି ଶାନ୍ତ ରହିଥିଲେ ହେଁ ଗୁରୁବାର ସନ୍ଧ୍ୟାରେ ଏହା ଉଗ୍ରରୂପ ଧାରଣ କରିଥିଲା। ଦେବାଶିଷ ଛକ ଉପରେ ସନ୍ଧ୍ୟାରେ ବସିଥିବାବେଳେ କିଛି ଲୋକ ଆସି ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଉଭୟ ପରିବାର ଗୁରୁବାର କୌଣସି କଥାକୁ ନେଇ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲେ। ପରେ ଜଣେ ଯୁବକ ଏକ ବନ୍ଧୁକ ଆଣି ଫାୟାରିଙ୍ଗ୍ କରିଥିବା ଦେବାଶିଷ ଅଭିଯୋଗ କରିଛନ୍ତି। ମାତ୍ର ଗୁଳିଟି ଦେବାଶିଷଙ୍କ ଦେହରେ ନ ବାଜି ବାହାରେ ଚାଲିଯାଇଥିଲା। ଏହି ସମୟରେ ଗୁଳି ମାରିଥିବା ଯୁବକଙ୍କ ପଛରେ ମାରଣାସ୍ତ୍ର ଧରି ଠିଆ ହୋଇଥିବା ତାଙ୍କ ସମ୍ପର୍କୀୟ ଦେବାଶିଷଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ କାନ୍ଧ ଓ ପେଟରେ ମଧ୍ୟ କ୍ଷତ ଚିହ୍ନ ରହିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆହତଙ୍କୁ ଖୋର୍ଦ୍ଧା ମେଡିକାଲ ନେଇଥିବାବେଳେ ଏନେଇ ରିପୋର୍ଟ ଲେଖାହେବା ଯାଏଁ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି। ଗୁଳିମାଡ଼ ଘଟଣାକୁ ପୁଲିସ ଖଣ୍ଡନ କରିଥିବାବେଳେ ପୂର୍ବ ଶତ୍ରୁତାରୁ ଆକ୍ରମଣ ହୋଇଥିବା ସୂଚନା ଦେଇଛି। ଅନ୍ୟପକ୍ଷରେ ଗୁଳିମାଡ଼ ହୋଇଥିବା ସ୍ଥାନୀୟ ଲୋକ ଓ ଆହତ ବ୍ୟକ୍ତି କହୁଥିବାବେଳେ ପୁଲିସ କାହିଁକି ଚାପିବାକୁ ଉଦ୍ୟମ କରୁଛି ତାକୁ ନେଇ ଉଠିଲାଣି ପ୍ରଶ୍ନ। ଆହତଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ମା' ବନଦୁର୍ଗା ଗୁରୁକୁଳମ୍ ଉଦ୍‌ଘାଟିତ




**ନିରାକାରପୁର,୧୦।୭(ସମିସ):** ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ମୁଖ୍ୟଅତିଥି ଶିକ୍ଷାବିତ୍ ବିଶ୍ୱନାଥ ରଥଙ୍କ ଦ୍ୱାରା ମା' ବନଦୁର୍ଗା ଗୁରୁକୁଳମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ ଏବଂ ବେଦ ବିଦ୍ୟା ଅଧ୍ୟୟନ ଓ ବୈଦିକ ସଂସ୍କୃତି ପରମ୍ପରା ସୁରକ୍ଷା ଦ୍ୱାରା ବିଶ୍ୱର କଲ୍ୟାଣ, ଦେଶ ଓ ପରିବେଶର ସୁରକ୍ଷା, ସମାଜ ତଥା ବ୍ୟକ୍ତିର ଶାରୀରିକ, ମାନସିକ, ଆଧ୍ୟାତ୍ମିକ, ଭୌତିକ ବିକାଶ ହୋଇଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତିରାୟ, ମାନସ ଚନ୍ଦ୍ର ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। ସୀତାକାନ୍ତ ଦାଶଙ୍କୁ ଅଧ୍ୟାପକ ରୂପେ ନିଯୁକ୍ତି କରାଗଲା। ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ ମହାପାତ୍ର, ବିଷ୍ଣୁପ୍ରିୟା ପାଟଯୋଷୀ, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ବସନ୍ତ ପଣ୍ଡା ସହଯୋଗ କରିଥିଲେ ଓ ବେଦ ବିଦ୍ୟାର୍ଥୀ ମନ୍ତ୍ର ଉଚ୍ଚାରଣ କରିଥିଲେ।

## ମତ୍ସ୍ୟଜୀବୀ ସମବାୟ ସମିତିର ବୈଠକ



**ଭୂଷଣ୍ଡପୁର,୧୦।୭(ସମିସ):** ଟାଙ୍ଗୀ, ବ୍ଲକ ଅନ୍ତର୍ଗତ ବଳିପାଟପୁରଠାରେ ମତ୍ସ୍ୟଜୀବୀ ସମବାୟ ସମିତି ତରଫରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଭାପତି ରବୀନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବାଲୁଗାଁ କାର୍ଯ୍ୟାଳୟର ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଦୋଷ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଲୁଗାଁ କାର୍ଯ୍ୟାଳୟର ସମବାୟ ନିରୀକ୍ଷକ ମୁନି ନାୟକ, ଶଙ୍କର ପରିମାଣ ଓ ଏନ୍‌ସିଡିସିର କୋର୍ଡିନେଟର ପ୍ରଦିପ ସେଠୀ ପ୍ରମୁଖ ଯୋଗଦେଇ ମତ୍ସ୍ୟଜୀବୀଙ୍କ ନିମନ୍ତେ ରହିଥିବା ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ସାମ୍ବାଦିକ ରଞ୍ଜନ କୁମାର ସାହୁ ଏବଂ ସ୍ୱେଚ୍ଛାସେବୀ ଧନେଶ୍ୱର ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ପରିଚାଳନା ସଭ୍ୟ ଅଜୟ ବେହେରା ସଂଯୋଜନା କରିଥିବାବେଳେ ସମ୍ପାଦକ ରବିନ୍ଦ୍ର କୁମାର ବେହେରା, କେନ୍ଦ୍ର ସମବାୟ ସମିତି ର ପରିଚାଳନା ସଭ୍ୟ ଅକ୍ଷୟ କୁମାର ବେହେରା ସମେତ ୧୩ଟି ସମବାୟ ସମିତିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି କ୍ଷେତ୍ର କର୍ମଚାରି ଧୀରେନ୍ଦ୍ର ବେହେରା, ଓକିଲ ବେହେରା, ପୂର୍ଣ୍ଣ ବେହେରା, ଲକ୍ଷ୍ମୀଧର ବେହେରା, ବିରଞ୍ଚି ବେହେରା, କମଳିନୀ ବେହେରା, ପୂର୍ଣ୍ଣ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।

## ଫଟୋ ସାମ୍ବାଦିକଙ୍କ ପରଲୋକ

**ଖୋର୍ଦ୍ଧା,୧୦।୭(ସମିସ):** ଖୋର୍ଦ୍ଧା ଉପରସାହିର ବରିଷ୍ଠ ଭିଡିଓ ଜର୍ଣ୍ଣାଲିଷ୍ଟ ବିଜୟ ଦଳେଇ(୫୦)ଙ୍କ ପରଲୋକ ଘଟିଛି। ଭୁବନେଶ୍ୱର ଏକ ଚିକିତ୍ସାଳୟରେ ସେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ସକାଳ ୮ଟା ସମୟରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଖୋର୍ଦ୍ଧା ସାମ୍ବାଦିକ ମହଲରେ ଶୋକପ୍ରକାଶ ପାଇଛି। ୨୦୦୦ ମସିହାରୁ ୨୦୧୭ ପର୍ଯ୍ୟନ୍ତ ସେ ଇଟିଭି, ଫୋକସ ଟିଭି, ନିଉଜ ୱାର୍ଲ୍ଡ ଓଡ଼ିଶାରେ ଭିଡିଓ ଜର୍ଣ୍ଣାଲିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ଓୟୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ ନାୟକ, ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଲଳିତ ମୋହନ ମହାପାତ୍ର, ଜିତେନ୍ଦ୍ର ଭଞ୍ଜ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ କେ.ଏନ. ସାମନ୍ତରାୟ ଓ ସୁଜିତ ମିଶ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।



## ଛାତ୍ରଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

**ବେଗୁନିଆ,୧୦।୭(ସମିସ):** ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବ୍ରହ୍ମପୁର ଗ୍ରାମର ସୁକାନ୍ତ ବେହେରାଙ୍କ ଦିବ୍ୟାଙ୍ଗ ପୁଅ ପ୍ରତୀକ ପରିଛଳ ୟୁପି ସ୍କୁଲରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଜଣେ ସହପାଠୀ ବିଭିନ୍ନ ପ୍ରକାର ମିଥ୍ୟା କଥା କହି ଅର୍ଥ ଆଦାୟ କରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲା। ଏଥିରେ ପ୍ରତୀକ ବିଦ୍ୟାଳୟକୁ ନ ଯିବାରୁ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ହେବାରୁ ଘଟଣାର ସତ୍ୟତା ଜାଣିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ତେବେ ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭାପତିଙ୍କୁ ଜଣାଇବାରେ ଆପୋଷ ସମାଧାନ ହୋଇଥିଲା। ପରେ ବିଦ୍ୟାଳୟକୁ ପ୍ରତୀକ ଆସିବାରୁ ସହକାରୀ ଶିକ୍ଷୟିତ୍ରୀ ଗାଳି କରିବା ସହ ମାଡ଼ ମାରି ଟିସି ନେବା ପାଇଁ ବାଧ୍ୟ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କୁ ପଚାରିବାରେ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ ପାଇଁ ପଠାଇ ଥିଲେ। ତେବେ ଆସନ୍ତାକାଲି ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି କହିଛନ୍ତି।

## ଥମୁନି ଝାଡ଼ାବାନ୍ତି; ହସ୍ପିଟାଲରେ ପୁଣି ୪ ଭର୍ତ୍ତି

**ଜଟଣୀ,୧୦।୭(ସମିସ):** ଜଟଣୀ ବ୍ଲକ ଅଧୀନ ବେଣାପରୀ ରାଣୀପୁର ଗାଁରେ ବ୍ୟାପିଥିବା ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ି ଚାଲିଛି। ଆକ୍ରାନ୍ତଙ୍କ ମଧ୍ୟରୁ ଆଜି ପୁଣି ୪ଜଣ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଲଗାତାର ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ଗାଁରେ ଲୋକଙ୍କୁ ସଚେତନ କରିବା ସହ ହାଲୋଜିନ୍ ଔଷଧ, ଓଆର୍‌ଏସ୍ ଆଦି ପ୍ରଦାନ କରୁଛି। ଏଥିସହ ଘର ଘରିକା ବୁଲି ନଳକୂଅ, କୂଅ, ରାସ୍ତା ଆଦି ସ୍ଥାନରେ ବ୍ଲିଚିଂ ପକାଯାଉଛି। ସେହିପରି ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି। ଗତ ୭ଦିନ ମଧ୍ୟରେ ଗାଁରେ ୨୫ରୁ ଅଧିକ ଆକ୍ରାନ୍ତ ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲ୍ ଭର୍ତ୍ତି ହୋଇଥିଲେ। ସେମାନେ ଜଟଣୀ, ଖୋର୍ଦ୍ଧା, କ୍ୟାପିଟାଲ ହସ୍ପିଟାଲ୍ ଓ ଏମ୍ସରେ ଚିକିତ୍ସା ହେଉଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଗୀ ସୁସ୍ଥ ହୋଇ ଘରକୁ ମଧ୍ୟ ଫେରିଛନ୍ତି। ଦୂଷିତ ପାଣିରୁ ଏହା ବ୍ୟାପିଥିବା ଆଶଙ୍କା କରାଯାଉଥିବାରୁ ଯେଉଁମାନେ ଏଭଳି ରୋଗରେ ଆକ୍ରାନ୍ତ ଅଛନ୍ତି, ସେମାନେ ତୁରନ୍ତ ଚିକିତ୍ସା କରାଇ ଔଷଧ ଖାଆନ୍ତୁ ବୋଲି ସଚେତନ କରାଯାଉଛି।

## ବାଲୁଗାଁରେ ଗୁରୁପୂର୍ଣ୍ଣିମା ଉତ୍ସବ

**ବାଲୁଗାଁ,୧୦।୭(ସମିସ):** ବାଣପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ନେହେରୁ ସେବା ସଂଘର ୪ଶହରୁ ଅଧିକ ଅନ୍ତେବାସୀ ଗୁରୁ ଶ୍ରେଷ୍ଠ ବ୍ୟାସଦେବ ଏବଂ ସଂଘର ପ୍ରତିଷ୍ଠାତା ସନ୍ଥ ହରିହର ରାମଙ୍କ ଆରାଧନା କରି ପୂଜାର୍ଚ୍ଚନା କରିଥିଲେ। ଗୁରୁ ପୂର୍ଣ୍ଣିମାର ଆଧ୍ୟାତ୍ମିକ ବୈଶିଷ୍ଟ୍ୟ ଏବଂ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ସଂସ୍ଥାର କୋଷାଧ୍ୟକ୍ଷ ଓମ୍‌ପ୍ରକାଶ ଅଗ୍ରୱାଲାଙ୍କ ସମେତ ପ୍ରଦୀପ ଦାସ ବର୍ଣ୍ଣନା କରିଥିଲେ। ସେହିପରି ବାଣପୁର ଓ ବାଲୁଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଅନୁରୂପ ଭାବେ ବାଲୁଗାଁ ମାମୁ ଭଣଜା ପାହାଡ଼ ପାଦଦେଶସ୍ଥିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଥିବା ବେଳେ ବାଣପୁରସ୍ଥିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି।

## ରାଜ୍ୟସ୍ତରୀୟ ସ୍ୱରବିଜ୍ଞାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଟାଙ୍ଗୀ,୧୦।୭(ସମିସ):** ଚାନ୍ଦପୁର ଅପସରା ମଣ୍ଡପଠାରେ ରାଜ୍ୟସ୍ତରୀୟ ସ୍ୱରବିଜ୍ଞାନ ଏକ ଚମତ୍କାର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ପ୍ରଶିକ୍ଷକ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ପ୍ରଶିକ୍ଷଣରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ ପୁରୁଷ, ମହିଳା, ଛାତ୍ରଛାତ୍ରୀ ଓ ଶିଶୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ପ୍ରାତଃ ଶିକ୍ଷାର୍ଥୀମାନେ ନାମପଞ୍ଜୀକରଣ କରିବା ପରେ ସମସ୍ତ ଶିକ୍ଷାର୍ଥୀ ଗୁରୁ ଶ୍ରୀ ପ୍ରଧାନ ଏବଂ ଉଦ୍‌ଘାଟକ ପ୍ରାକ୍ତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ, ଚନ୍ଦନ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କରି ପାଛୋଟି ନେଇଥିଲେ। ପ୍ରାରମ୍ଭରେ ସ୍ୱର-ତାଳ-ଲୟ ଓ ସଂଗୀତମୂର୍ଚ୍ଛନାରେ ସମସ୍ତେ ଆତ୍ମବିଭୋର ହୋଇ ପ୍ରଶିକ୍ଷଣ କେନ୍ଦ୍ରରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ବିଜୟ ରାଉତ ଏବଂ ବାଲୁଗାଁ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡ. ମୋନାଲିସା ମାନସିଂହ ଯୋଗଦେଇ ସଫଳତାର ମାଧ୍ୟମ ସ୍ୱାଶକ୍ରିୟା ନିୟନ୍ତ୍ରଣ ବୋଲି ସୂଚନା ଦେଇ ଏହି କାର୍ଯ୍ୟର ପ୍ରଶିକ୍ଷକ ଗୁରୁ ଶ୍ରୀ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ସାହିତ୍ୟିକ ଶିବ ପ୍ରସାଦ ସାହୁ ଓ ପ୍ରଦୀପ କୁମାର ସେନାଗୁପ୍ତ ପରିଚାଳନା କରିଥିଲେ।

## ଯମଯନ୍ତ୍ରଣା ଦେଲାଣି ରାଜ୍ୟ ରାଜପଥ

ବେଗୁନିଆ,୧୦।୭(ସମିସ)

ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ଛକ ଉପରେ ଖାଲ ସୃଷ୍ଟି ହୋଇଥିବା ଯୋଗୁଁ ଯାନବାହନ ଚଳାଚଳ ଯମଯନ୍ତ୍ରଣା ଦେଲା ଭଳି ଲାଗୁଛି ବୋଲି ଜନସାଧାରଣ କହୁଛନ୍ତି। ଏହି ଖାଲ ଯୋଗୁଁ ଦିନକୁ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ତେବେ ଏହି ରାସ୍ତା ଦେଇ ପ୍ରତ୍ୟହ ଦିବା ଓ ରାତ୍ରରେ ଯାତ୍ରୀବାହୀ ବସ୍, ଟ୍ରକ୍, ମୋଟର ସାଇକଲ୍ ଓ ପଥଚାରୀମାନେ ଯାତାୟାତ କରିଥା'ନ୍ତି।

ଗଣମାଧ୍ୟମରେ ଜରିଆରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। ତୁରନ୍ତ ରାସ୍ତାଟି ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ଏପରିକି ଗୋବିନ୍ଦପୁର ଛକଠାରେ ମଧ୍ୟ ରାସ୍ତାକୁ ଖୋଳି ପାନୀୟଜଳ ଯୋଗାଣ ପାଇଁ ପାଇପ୍ ବିଛାଯାଇଥିଲା। ସେହି ସ୍ଥାନରେ ସୃଷ୍ଟି ହୋଇଥିବା ଖାଲକୁ କାମଚଳା ଭାବେ କେବଳ ମାଟି ପକାଇ ସମତୁଲ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଖାଲ ଢିପ ଅବସ୍ଥାରେ ରହିଛି। ତେବେ ସେଠାରେ ମଧ୍ୟ କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ରହିଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ସେହିପରି ସିମୋର-ତୁଳସୀପୁର ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବଙ୍କ ପୀଠରୁ ତୁଳସୀପୁର ମଧ୍ୟରେ ସିମେଣ୍ଟରେ ନିର୍ମିତ ଢଳେଇ ରାସ୍ତା ଫାଟି ଲୁହା ରଡ଼୍ ଦୃଷ୍ଟିଗୋଚର ହେଉଛି। ଏପରିକି ବର୍ଷା ଦିନରେ ପାଣି ଜମି ରହିଥିବାରୁ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି।

ଏହି ସମସ୍ୟା ସମାଧାନ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଫକୀର ବେହେରାଙ୍କୁ ପଚାରିବାରୁ କହିଥିଲେ ଯେ ଠିକାଦାର ଦୁଇଦିନ ମଧ୍ୟରେ କାର୍ଯ୍ୟ କରିବ ବୋଲି କହିଛନ୍ତି।



## ଅଧିକାରୀଙ୍କ ଅନିୟମିତତା ଯୋଗୁଁ ବ୍ୟାପିଲାଣି ସାହାଣ ରୋଗ !

**ବେଗୁନିଆ,୧୦।୭(ସମିସ):** ବେଗୁନିଆ ବ୍ଲକ ଅଧୀନ ପୋଡ଼ାଡିହ ପ୍ରାଣୀ ସହାୟକ କେନ୍ଦ୍ରର ନିରୀକ୍ଷକଙ୍କ ଅନିୟମିତତା କାର୍ଯ୍ୟ ଯୋଗୁଁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏଥିରେ ପୋଡ଼ାଡିହ ଗ୍ରାମର ବଳିଆ ବେହେରାଙ୍କ ସମେତ ବେଗୁନିଆ ପଶୁ ଚିକିତ୍ସା ଅଧିକାରୀ ଡା. ପ୍ରିତିଶ କୁମାର ରଥଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ ବର୍ଷା ଦିନରେ ପ୍ରାୟତଃ ଗୃହ ପାଳିତ ଗାଈ ଓ ଗୋରୁମାନଙ୍କୁ ବଜବଜିଆ, ସାହାଣ ଓ ଜ୍ୱର ଭଳି ରୋଗ ହେଇଥିବା ବେଳେ ପଶୁ ସହାୟକ କେନ୍ଦ୍ରର ନୀରିକ୍ଷକଙ୍କ ଅନୁପସ୍ଥିତ ଯୋଗୁଁ ରୋଗ ବ୍ୟାପିବାରେ ଲାଗିଛି। ଏହାର ପ୍ରତିକାର କରିବା ପାଇଁ ଅବଗତ କରିଥିଲେ ମଧ୍ୟ ଖରାପ ବ୍ୟବହାର ଯୋଗୁଁ ସାଧାରଣ ଲୋକଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ଘଟଣାର ସତ୍ୟତା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି। ଘଟଣାରେ ବେଗୁନିଆ ପଶୁ ଚିକିତ୍ସାଳୟ ଅଧିକାରୀ ଶ୍ରୀ ରଥଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ରହିବା ସହ ଆସନ୍ତାକାଲି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ମାସକରେ ରାଜଧାନୀର ୩୦୦ ଲୋକଙ୍କୁ 'ଡକ୍ଟରେଟ୍'

# ଡିଗ୍ରୀ ଗୋଟାକୁ ୮ ହଜାର!

**ଭୁବନେଶ୍ୱର,୧୦।୭ (ସମିସ):** ବଜାରରେ ବିକ୍ରି ହେଉଛି 'ଡକ୍ଟରେଟ୍' ଡ଼ିଗ୍ରୀ। ମୂଲ୍ୟ ବି ବେଶୀ ନୁହେଁ, ମାତ୍ର ୧୦୦ ଡ଼ଲାର। ହିସାବ କଲେ ୮୦୦୦ରୁ ୮୫୦୦ ଟଙ୍କା। ଏତିକି ଟଙ୍କା ଦେଲେ ଘରେ ଆସି ପହଞ୍ଚିବ ଡ଼କ୍ଟରେଟ୍ ଡ଼ିଗ୍ରୀ। ଏଥିପାଇଁ ପାଠଶାଠ ଲୋଡ଼ା ନାହିଁ, ଗବେଷଣା ବି ଦରକାର ନାହିଁ। ଶିକ୍ଷାଗତ ଯୋଗ୍ୟତା ନ ଥିଲେ ବି ଚଳିବ, ଦଶମ ପାସ୍ କରି ନଥିଲେ ମଧ୍ୟ ମିଳିଯିବ 'ଡକ୍ଟରେଟ୍' ଉପାଧି; ପୁଣି ଦେଶ ବିଦେଶର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ। ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବେଶ୍ ପ୍ରଚାର ହେଉଛି, ବିଜ୍ଞାପନ ପ୍ରକାଶ ପାଉଛି । ମାତ୍ର କେହି ଏହାର ପ୍ରତିବାଦ କରୁନାହାନ୍ତି, ଓଲଟି ବିନା ପରିଶ୍ରମ ଓ ବିନା ପାଠରେ ନାମ ଆଗରେ ଡ଼କ୍ଟରେଟ୍ ଲଗାଇବାକୁ ଲୋକ ଧାଡ଼ି ଲଗାଇଛନ୍ତି। ଗତ ମାସେ ମଧ୍ୟରେ ରାଜଧାନୀର ପାଖାପାଖି ୩୦୦ ଲୋକଙ୍କ ସହ ରାଜ୍ୟର ପ୍ରାୟ ୫୦୦ ଲୋକ ଏପରି ଡ଼କ୍ଟରେଟ୍ ଡ଼ିଗ୍ରୀ କିଣିଥିବା ସୂଚନା ମିଳିଛି ।

ସାମାଜିକ ଗଣମାଧ୍ୟମରେ ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଡକ୍ଟରେଟ୍' ଉପାଧି ପାଇଁ ମାଳମାଳ ବିଜ୍ଞାପନ ଆସୁଛି। କିଏ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁମୋଦନପ୍ରାପ୍ତ ବୋଲି ଉଲ୍ଲେଖ କରିଛି ତ ଆଉ କିଏ ଗ୍ଲୋବାଲ୍ ମାନ୍ୟତାପ୍ରାପ୍ତ ଲେଖିଛନ୍ତି। ଏଥିପାଇଁ ଯେକେହି ଆବେଦନ କରିପାରିବେ ବୋଲି କୁହାଯାଉଛି। ନାମ ଆଗରେ ଶ୍ରୀଯୁକ୍ତ, ଶ୍ରୀମତୀ ବଦଳରେ ଡ. ଲଗାଇବାକୁ ସୁବର୍ଣ୍ଣ ସୁଯୋଗ ବୋଲି ଉଲ୍ଲେଖ କରୁଛନ୍ତି। ଆମେରିକୀୟ ସଂସ୍ଥା ଏମ୍‌ଲି ଓ ଆମେରିକାନ୍ ମେରିଟ୍ କାଉନ୍‌ସିଲ ନିଜକୁ ୟୁଜିସି ମାନ୍ୟତାପ୍ରାପ୍ତ ଦର୍ଶାଇଛନ୍ତି। 'ଡକ୍ଟରେଟ୍' ପାଇଁ ମାତ୍ର ଶହେ ଡଲାର୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୮୫୦୦ ଟଙ୍କା ରଖିଛନ୍ତି। ସେହିପରି ଲର୍ଣ୍ଣିଂ ସେଣ୍ଟ ଏଜୁକେସନ୍‌ସ ମାତ୍ର ମାସେ ମଧ୍ୟରେ 'ଡକ୍ଟରେଟ୍' ଉପାଧି ପ୍ରଦାନ କରିବ ବୋଲି ଉଲ୍ଲେଖ କରିଛି। ବରିଷ୍ଠ ନାଗରିକ, ମହିଳା, କଳାକାର ଓ ଶିକ୍ଷାବିତ୍‌ଙ୍କ ପାଇଁ ସ୍ପେଶାଲ୍ ଅଫର୍ ମଧ୍ୟ ରହିଛି। ୧୪,୯୯୯ ଟଙ୍କା ଦେଇ ସେମାନେ ଉପାଧି ନେଇ ପାରିବେ। ଆଉ ଏକ ସଂସ୍ଥା ଗ୍ଲୋବାଲ୍ ହ୍ୟୁମାନ୍ ରାଇଟ୍ ଟ୍ରଷ୍ଟ ପକ୍ଷରୁ ଦୁଇ ପ୍ରକାର ଦର ଧାର୍ଯ୍ୟ କରାଯାଇଛି। 'ଡକ୍ଟରେଟ୍' ଉପାଧି କୋରିଅର୍‌ରେ ନେବାପାଇଁ ହେଲେ ୧୨,୫୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଜୋତା, ମୋଜା, କୋର୍ଟ ଓ ଗାଉନ୍ ପିନ୍ଧି ଫଟୋ ଉଠାଇ ଉପାଧି ନେଲେ ୨୮,୫୦୦ ଟଙ୍କା ପଡ଼ିବ ବୋଲି କୁହାଯାଇଛି। ସେହିପରି ଅନରାରି ଡକ୍ଟରେଟ୍ ଆୱାର୍ଡେଡ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ଉଷା ମାର୍ଟିନ୍ ୟୁନିଭର୍ସିଟି, ବିଦ୍ୟା ବାଚସ୍ପତି, ଏମ୍‌କେ ୟୁନିଭର୍ସିଟି, କଲେଜ୍ ବିଦ୍ୟା, ଲର୍ଣ୍ଣିଂ ସେଣ୍ଟ ଏଜୁକେସନ୍, ଏଡ୍‌ଜେୱେଡ୍ କଲେଜ ପରି ମାଳମାଳ ବିଶ୍ୱବିଦ୍ୟାଳୟ ସେମାନଙ୍କ ଠାରୁ 'ଡକ୍ଟରେଟ୍' ଉପାଧି ନେବାପାଇଁ ଅଫର୍ ଦେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେବା କ୍ଷେତ୍ରରେ ହିଁ ଏସବୁ ଉପାଧି ଦିଆଯାଉଛି।

■ ଗାଉନ୍ ପିନ୍ଧି ଫଟୋ ଉଠାଇଲେ ଲାଗୁଛି ଦୁଇଗୁଣା ଫି'
■ ସମାଜ ସେବା କ୍ଷେତ୍ର ପାଇଁ ମାସକରେ ମିଳୁଛି ଉପାଧି
■ ୧୦୦ ଡ଼ଲାର ଦେଲେ ଦଶମ ଫେଲ୍ ବି 'ଡକ୍ଟରେଟ୍'

'ଡକ୍ଟରେଟ୍' ଏକ ସମ୍ମାନଜନକ ଓ ମର୍ଯ୍ୟାଦାପୂର୍ଣ୍ଣ ଉପାଧି ଭାବେ ବିବେଚନା କରାଯାଏ। ନାମ ପୂର୍ବରୁ ଡ. ଲାଗିଲେ ମନରେ ସମ୍ମାନ ଭାବ ଜାଗ୍ରତ ହୁଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚ୍‌ଡ଼ି ଡିଗ୍ରୀ ପ୍ରଦାନ କରିଥାଆନ୍ତି; ସେହିପରି ବିଭିନ୍ନ ଗବେଷଣାରେ ଉତ୍ତୀର୍ଣ୍ଣ ପରେ ଗବେଷକମାନଙ୍କୁ ପିଏଚ୍‌ଡ଼ି ଡ଼ିଗ୍ରୀ ପ୍ରଦାନ କରାଯାଇଥାଏ। ମାତ୍ର ଏବେ ସାମାଜିକ ଗଣମାଧ୍ୟମରେ ଖୋଲାଖୋଲି "ଡକ୍ଟରେଟ୍' ଡିଗ୍ରୀ ବିକ୍ରି ହେଉଛି ଓ କିଣିବାକୁ ଗ୍ରାହକ ମଧ୍ୟ ପ୍ରବଳ। ବିଶେଷ କରି ରାଜନୈତିକ ରୁଚି ରଖିଥିବା ବ୍ୟକ୍ତିମାନେ ଏହାର ପ୍ରମୁଖ ଗ୍ରାହକ ପାଲଟିଛନ୍ତି। ଫେସବୁକ୍‌ରେ ବ୍ଲୁ ଟିକ୍ ସହ ଡ. ଲେଖି ନିଜର ପତିଆରା ବଢ଼ାଇବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଏସବୁ ଉପାଧି ଦେବାକୁ ସ୍ୱତନ୍ତ୍ର ଉତ୍ସବ ଆୟୋଜନ ହେଉଛି। ନିକଟରେ ଇଣ୍ଟିଗ୍ରେଟେଡ୍ ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ଭୁବନେଶ୍ୱରରେ ପ୍ରାୟ ୩ଶହ ଲୋକଙ୍କୁ ଉପାଧି ପ୍ରଦାନ କରାଯାଇଥିବାବେଳେ ରାଉର୍‌କେଲାରେ ଏକ ସମାରୋହ କରିବାକୁ ବିଜ୍ଞାପନ ଜାରି କରିଛି। ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ। ଫଳରେ ଡକ୍ଟରେଟ୍ ଉପାଧିର ମାନ ମାଟିରେ ମିଶିବା ସହ ମାଳମାଳ ଡକ୍ଟରେଟ୍‌ଧାରୀ କାୟାବିସ୍ତାର କଲେଣି। ସରକାର ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରିଛନ୍ତି।

## ଡ୍ରାଇଭର ସଂଘ ଆନ୍ଦୋଳନ

# ଡ୍ରାଇଭରଙ୍କ ମାଡ଼ରେ ଡ୍ରାଇଭର ଆହତ

**ବଲାଙ୍ଗିର,୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ଡ୍ରାଇଭର ମହାସଂଘ ନିଷ୍ପତ୍ତି ଅନୁସାରେ ଜିଲ୍ଲା ଶାଖା ପକ୍ଷରୁ ଦୁଇଦିନ ଶାନ୍ତିପୂର୍ଣ୍ଣ ଭାବେ



ଆନ୍ଦୋଳନ ଚାଲିଥିବା ବେଳେ ତୃତୀୟ ଦିନରେ କିଛି ସ୍ଥାନରେ ଅଶାନ୍ତି ଦେଖିବାକୁ ମିଳିଛି। ପୁଇଁନ୍ତଳା ଥାନା ବଇରାସର ଟୋଲଗେଟ୍ ନିକଟରେ ଜଣେ ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଥିବା ବେଳେ ସହର ଭିତରେ ଅନେକ ଗାଡ଼ିକୁ ଜବରଦସ୍ତି ଅଟକାଯାଇଥିଲା। ଫଳରେ ଡ୍ରାଇଭରମାନଙ୍କ ଭିତରେ ଟଣାଓଟରା ଚାଲିଥିବା ଦେଖିବାକୁ ମିଳିଥିଲା।

ଚନା ଅନୁସାରେ ଶୁକ୍ରବାର ଅପରାହ୍ଣରେ ଏକ ଗାଡ଼ି ସୋନପୁରରୁ ବଲାଙ୍ଗିର ଆସୁଥିବା ବେଳେ ଆନ୍ଦୋଳନରତ ଡ୍ରାଇଭରମାନେ ବଇରାସରଠାରେ ଗାଡ଼ିକୁ ଅଟକାଇଥିଲେ। ଉକ୍ତ ସ୍ଥାନରେ ତାଙ୍କ ସହ ଡ୍ରାଇଭର ମନୋଜ ବଗର୍ତ୍ତିଙ୍କ ପାଟିତୁଣ୍ଡ ହେବା ପରେ ତାଙ୍କୁ ଆକ୍ରମଣ କରାଯାଇଥିବା ମନୋଜ ଅଭିଯୋଗ କରିଛନ୍ତି। ମନୋଜଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେ ଏନେଇ ପୁଇଁନ୍ତଳା ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ସେହିପରି ସହର ଭିତରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକୁ ଡ୍ରାଇଭର୍‌ମାନେ ଜବରଦସ୍ତି ଅଟକାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟସ୍ଥାନମାନଙ୍କରେ ମଧ୍ୟ ରାଜପଥରେ ଯାଉଥିବା ଗାଡ଼ିକୁ ଅଟକାଇ ଡ୍ରାଇଭର ସଂଘ ଗାଡି ଓ ଡ୍ରାଇଭରଙ୍କୁ ଅଟକାଇ ତାଙ୍କ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

# ସିବିଆଇ ପଞ୍ଝାରେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ

## ବିସ୍ଥାପିତଙ୍କଠାରୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ

**ରାଉରକେଲା, ୧୦।୭ (ସମିସ):** ଜଣେ ବିସ୍ଥାପିତଙ୍କ ଘର ବାବଦ ଅର୍ଥ ପ୍ରଦାନ ପାଇଁ ତାଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ ତଥା ଝୁପୁରଙ୍ଗା-ତୁମୁଲିଆ ପ୍ରୋଜେକ୍ଟର ଡିସବର୍ସମେଣ୍ଟ ସେଲ୍‌ର ମୁଖ୍ୟ ଅଖିଳେଶ କୁମାର ବର୍ମା ସିବିଆଇ ପଞ୍ଝାରେ ପଡ଼ିଛନ୍ତି। ସିବିଆଇ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛି।



ସୂଚନା ମୁତାବକ, ଅଖିଳେଶ ଝୁପୁରଙ୍ଗାର ଜଣେ ବିସ୍ଥାପିତଙ୍କଠାରୁ ଘର ବାବଦରେ ମୋଟ ୧୧ଲକ୍ଷ ୩୭ ହଜାର ୫୯୫ ଟଙ୍କା ରିଲିଜ୍ କରିବା ପାଇଁ ଅଖିଳେଶ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବିସ୍ଥାପିତ ପ୍ରଥମେ ୧୦ହଜାର ଟଙ୍କା ଦେଇସାରିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ତାଙ୍କଠାରୁ ଅଖିଳେଶ ୨୦ହଜାର ଟଙ୍କା ନେଉଥିଲେ। ଏତିକିବେଳେ ପୂର୍ବ ଯୋଜନା ମୁତାବକ, ଛକି ବସିଥିବା ସିବିଆଇର ଏକ ଦଳ ତାଙ୍କୁ ଲାଞ୍ଚ ଟଙ୍କା ସହ ମାଡ଼ି ବସିଥିଲା। ସିବିଆଇ ଟିମ୍ ତାଙ୍କୁ ଗିରଫ କରିବା ସହ ବସୁନ୍ଧରାସ୍ଥିତ ତାଙ୍କ ଅଫିସ୍ ଓ ଏମ୍‌ସିଏଲ୍ କ୍ୱାର୍ଟରରେ ଚଢ଼ଉ କରିଥିଲେ।

ସିବିଆଇ ପକ୍ଷରୁ କୁହାଯାଇଛି ଯେ ଏମ୍‌ସିଏଲ୍‌ର ସୁନ୍ଦରଗଡ଼ ଜିଲ୍ଲା ବସୁନ୍ଧରା ଏରିଆ ମୁଖ୍ୟ ପ୍ରବନ୍ଧକ (ଖଣି) ଅଖିଳେଶ ବର୍ମା ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତକାଲି ଧରାପଡ଼ିଛନ୍ତି। ସେ ଜଣେ ବିସ୍ଥାପିତଙ୍କ ଘର ବାବଦକୁ ମୋଟ ୧୧ ଲକ୍ଷ ୩୭ହଜାର ୫୯୫ ଟଙ୍କା ରିଲିଜ କରିବା ପାଇଁ ଏହି ଟଙ୍କା ନେଉଥିଲେ। ଚଢ଼ଉ ବେଳେ ଏହି ଲାଞ୍ଚ ଟଙ୍କା ଜବତ ହୋଇଛି। ଆଜି ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସିବିଆଇ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏମ୍‌ସିଏଲ୍ ପକ୍ଷରୁ ଅନ୍ୟ ବିସ୍ଥାପିତଙ୍କୁ ଦିଆଯାଇଥିବା ଅର୍ଥ ସେମାନଙ୍କ ପାଖରେ ପହଞ୍ଚିଛି କି ନାହିଁ ତାର ଖୋଳତାଡ଼ ଆରମ୍ଭ କରିଛି ସିବିଆଇ।

# ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଏ କି ସମ୍ମାନ?

**ପୁରୀ,୧୦।୭ (ସମିସ):** ମହାପ୍ରଭୁଙ୍କୁ ଅସମ୍ମାନ। ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବି ଏଭଳି ଚିତ୍ର ଆସୁଛି। ହେଲେ ଖୋଦ୍ ଶ୍ରୀକ୍ଷେତ୍ରରେ ବି ମହାପ୍ରଭୁଙ୍କୁ ମିଳୁନି ସମ୍ମାନ। ଖୋଲାମେଲାରେ ପକାଇ ଦିଆଯାଇଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ। ମହାପ୍ରଭୁଙ୍କ ପ୍ରମାଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରୁ ଆସିଛି ଏଭଳି ଚିତ୍ର, ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦେଶ ବିଦେଶରୁ ଆସୁଥିବା ଅତିଥିଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରାଇବା ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ଏକ ଆଧ୍ୟାତ୍ମିକତାର ରୂପ ଦିଆଯାଇଥିଲା। ପରିସରରେ ମହାପ୍ରଭୁଙ୍କ ୨୫ ବେଶ, ତିନିରଥ, ଠାକୁରଙ୍କ ପାରମ୍ପରିକ ବସ୍ତ୍ର, ଅବ୍ୟବହୃତ ପୂଜା ସାମଗ୍ରୀ ଭକ୍ତ ତଥା ଅତିଥିମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ସୃଷ୍ଟି ହୋଇଥିଲା ରଥଯାତ୍ରାର ଭ୍ରମ। ଜଗନ୍ନାଥ ବଲ୍ଲଭ ମଠ ପରିସରରେ ବେଶ ପ୍ରଦର୍ଶନ ପାଇଁ ଏକ ବିରାଟ ସେଡ୍ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ସିଂହାସନ କରାଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ବସାଯାଇଥିଲା। ଏଥିପାଇଁ ୩ ଫୁଟ୍ ଉଚ୍ଚତାର ଜଗନ୍ନାଥ ଓ ବଳଭଦ୍ରଙ୍କ ମୂର୍ତ୍ତି ତିଆରି କରାଯାଇଥିବା ବେଳେ ୨.୫ ଫୁଟ୍ ଉଚ୍ଚର ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି କରାଯାଇଥିଲା। ପ୍ରାୟ ୪ ଫୁଟ୍‌ର ସିଂହାସନ ଉପରେ ଠାକୁରଙ୍କର ଏହି ବେଶ ସବୁ ରହିଥିଲା। ମନ୍ଦିରରେ ଯେଉଁଭଳି ଠାକୁରଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ, ସେହିଭଳି ବେଶ କରାଯାଇଥିଲା। ଜରି, ଜମ୍ଭୁରା, ସୋଲ, ଅଠା ବିଭିନ୍ନ ପ୍ରକାର ମାଳି, କାର୍ଡବୋର୍ଡ ଆଦିରେ ଅଳଙ୍କାର ଓ ସାଜସଜ୍ଜା ସବୁ ତିଆରି ହୋଇଥିଲା। ପ୍ରଦର୍ଶିତ ହୋଇଥିବା ବେଶଗୁଡ଼ିକ ହେଉଛି ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀ-ନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ଲାଗି



## ଖୋଲାମେଲାରେ ପଡ଼ିଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ

ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ। ଏହାବ୍ୟତୀତ ରୋଷଶାଳାରେ ବ୍ୟବହୃତ ହାଣ୍ଡି, କୁଡୁଆ ଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯାଇଥିଲା, ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା।

ପ୍ରାୟ ମାସାଧିକ ଏହି ବେଶ ପ୍ରଦର୍ଶନୀକୁ ଲକ୍ଷାଧିକ ଭକ୍ତ ବୁଲି ଦେଖିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ ହୋଇଥିଲେ। ପରେ ଏହାକୁ ବନ୍ଦ କରିଦିଆଯାଇଥିଲା। ପ୍ରଦର୍ଶିତ ହୋଇଥିବା ବେଶ ବିଭବକୁ ନିକଟସ୍ଥ ଜେବିପିସି ବେସ୍‌ମେଣ୍ଟରେ ରଖାଯାଇଥିଲା। ଏକ ଆବଦ୍ଧ ଅଞ୍ଚଳରେ ମୂର୍ତ୍ତିସବୁ ରଖାଯାଇଥିଲା। ହେଲେ ଏବେ ମୂର୍ତ୍ତିଗୁଡ଼ିକ ଯେଉଁଭଳି ଅବସ୍ଥାରେ ଏଣେତେଣେ ପକାଯାଇଛି ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଭକ୍ତ ମହେଶ୍ୱର ବେହେରା କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ଜଗନ୍ନାଥ ବଲ୍ଲଭ ପରିସରରେ ଯେଉଁ ବେଶ ପ୍ରଦର୍ଶନୀ ହୋଇଥିଲା ତାହା ବେଶ୍ ଆକର୍ଷଣୀୟ ଥିଲା। ହେଲେ ସେହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ଏବେ ଜଗନ୍ନାଥ ବଲ୍ଲଭ ପରିସରରେ ଅବ୍ୟବସ୍ଥିତ ଭାବେ ପକାଇ ରଖାଯାଇଛି। ନିଶ୍ଚିତ ଏହା ଏକ ଦୁଃଖଦାୟକ ଘଟଣା। ଓଡ଼ିଆ ଅସ୍ମିତାର ନାରା ଦେଉଥିବା ବିଜେପି ସରକାର କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଏଭଳି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। କେବଳ ମହେଶ୍ୱର ନୁହନ୍ତି ଅନେକ ଭକ୍ତ, ଜଗନ୍ନାଥପ୍ରେମୀ ଗବେଷକ ଏଭଳି ଚିତ୍ରକୁ ନେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ମୂର୍ତ୍ତିଗୁଡ଼ିକ ବ୍ୟବସ୍ଥିତ ଭାବେ ରଖିବା ପାଇଁ ଦାବି କରିଛନ୍ତି।

## ଜାତୀୟସ୍ତରୀୟ କର୍ମଶାଳା

# ଖଣିଜ ପାଣ୍ଠି ସଂଗ୍ରହରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୧୦।୭ (ସମିସ):** ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ତରଫରୁ ନୂଆଦିଲ୍ଲୀଠାରେ ଜାତୀୟସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାର୍ଗଦର୍ଶିକା ଅନୁସାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା (ପିଏମକେକେୱାଇ) କାର୍ଯ୍ୟକାରୀ କରି ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍ )ର ଉଲ୍ଲେଖନୀୟ ଉପଯୋଗିତା ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଛି। ୨୫ ଏପ୍ରିଲ୍ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ସାମଗ୍ରିକ ଭାବେ ୧,୦୮,୨୧୨.୪୨ କୋଟି ହୋଇଥିବାବେଳେ ଓଡ଼ିଶା ୩୧ ,୩୨୪ କୋଟି ଟଙ୍କା ସଂଗ୍ରହ କରି ଦେଶରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୫ଟି ରାଜ୍ୟ ମଧ୍ୟରେ ପ୍ରଥମ ବିବେଚିତ ହୋଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ରଶଂସାପତ୍ର ଓ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

କେନ୍ଦ୍ର ସରକାରଙ୍କ କୋଇଲା ଓ ଖଣି ବିଭାଗ ମାନ୍ୟବର ମନ୍ତ୍ରୀ ଜି. କିଶାନ ଯୋଗଦେଇ ଜିଲ୍ଲା ଖଣିଜ ପାଣ୍ଠି ସଂଗ୍ରହ ଓ କାର୍ଯ୍ୟକାରିତାରେ ଆଗୁଆ ଥିବା ଯୋଗୁଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ କେନ୍ଦ୍ର ଖଣି ସଚିବ ଏଲ୍ କାନ୍ଥା ରାଓ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳଙ୍କ ସମେତ ଦେଶର ଅନ୍ୟ ବିଭିନ୍ନ ରାଜ୍ୟର ୪ ଜଣ ଜିଲ୍ଲାପାଳ ମିଳିତ ଭାବେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଏବଂ ଏହାର ଉପଯୋଗିତାରେ କିପରି ସ୍ୱଚ୍ଛତା ବଜାୟ ରହିପାରୁଛି, ସେ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଗୋଳ ଜିଲ୍ଲାପାଳଙ୍କ ଟିମ୍‌ର ସଦସ୍ୟମାନେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଓ ଏହାର କାର୍ଯ୍ୟକାରିତାରେ ରହୁଥିବା ଆହ୍ୱାନ ଓ ଏହାର ସମାଧାନ ସଂପର୍କରେ ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ କଫିଟେବୁଲ୍ ବୁକ୍ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନୂଆଦିଲ୍ଲୀସ୍ଥିତ ଜନପଥଠାରେ ହସ୍ତତନ୍ତ ହାଟରେ ଆୟୋଜିତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

**ବାରିପଦା,୧୦।୭ (ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ୫ଟି ଦେଶୀବନ୍ଧୁକ, ବିପୁଳ ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ସପଞ୍ଚୁଆ ଗ୍ରାମର କାର୍ତ୍ତିକ

## ୫ଦେଶୀ ବନ୍ଧୁକ ଜବତ



ସିଂ(୩୫) ଓ ରାମଚନ୍ଦ୍ର ଟୁଡୁ(୩୫)। ଏମାନେ ମାରଣାସ୍ତ୍ର ସହ ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ। ସେମାନଙ୍କ ଫଟୋ ଏ.ଆଇ କ୍ୟାମେରାରେ କଏଦ୍ ହୋଇଥିଲା। ଉକ୍ତ ଫଟୋ ଆଧାରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀ ସେମାନଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ବନ ବିଭାଗ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି।

# ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାରିପଦା, ୧୦।୭ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ(୨)ରେ ଗୁରୁବାର ଏକ ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସୁମନ କୁମାର ମିଶ୍ର ମାମଲାର ବିଚାର କରି ଘଟଣାରେ ଜଡ଼ିତ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୧ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଦ୍ୱୟ ହେଲେ, ରାସଗୋବିନ୍ଦପୁର ଥାନା ଅଞ୍ଚଳର ସନ୍ତୋଷ ମହାନ୍ତ (୪୦) ଓ ସଞ୍ଜୟ ମହାନ୍ତ (୪୩)। ସୂଚନାଯୋଗ୍ୟ, ଗତ ୨୦୧୭ ଫେବୃଆରୀ ୨୨ରେ ଜଣେ ମହିଳା ଟ୍ରେନ୍‌ରୁ ଓହ୍ଲାଇ ରାତି ପ୍ରାୟ ୮ଟାରେ ସାଇକଲରେ ଘରକୁ ଫେରୁଥିଲେ। ଏହି ସମୟରେ ସନ୍ତୋଷ ଓ ସଞ୍ଜୟ ମହିଳାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ, ତାଙ୍କ ଛୁଆ ସହ ମହିଳାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ତେବେ ମହିଳାଙ୍କ ପାଟି ଶୁଣି ନିକଟସ୍ଥ ଗ୍ରାମର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଏ ସଂପର୍କରେ ଥାନାରେ ଅଭିଯୋଗ ହେବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ ସୁପାରିସ୍ କରାଯାଇଛି। ଅତିରିକ୍ତ ସରକାରୀ ଆଇନଜୀବୀ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ବଢ଼ିଲାନି ଆଳୁ ଉତ୍ପାଦନ

# ସ୍ୱପ୍ନ ହୋଇ ରହିଗଲା ଶୀତଳଭଣ୍ଡାର

**ଭୁବନେଶ୍ୱର,୧୦।୭ (ସମିସ):** ଗାଁରୁ ସହର ପର୍ଯ୍ୟନ୍ତ ଆଳୁ ଦର ଏବେ କିଲୋ ପିଛା ୨୦ ଟଙ୍କା ଓ ପିଆଜ ୨୫ ଟଙ୍କାରେ ବିକ୍ରି ହେଉଛି। କିଛି ମାସ ତଳେ ଉତ୍ପାଦନ ହୋଇଥିବାରୁ ଏହି ଦର ଗତ କିଛି ମାସ ହେଲା ସ୍ଥିର ରହିଛି। ମାତ୍ର ଆଉ ଦୁଇ ମାସ ପରେ ଆଳୁର ତିରୋଟାଭାବ ଦେଖାଯିବ। ସେତେବେଳେ ଓଡ଼ିଶାରେ ଆଳୁ କିଲୋ ୩୦ ଟଙ୍କା ଓ ପିଆଜ କିଲୋ ୫୦ ଟଙ୍କା ଛୁଇଁବ ବୋଲି ବଜାର ବିଶେଷଜ୍ଞମାନେ ଏବେଠୁ ଆକଳନ କଲେଣି। ଗତବର୍ଷ ଭଳି ରାଜ୍ୟରେ ପୁଣିଥରେ ଆଳୁ ସଂକଟ ଦେଖାଦେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଲାଣି। କାରଣ ଗତବର୍ଷ ଆଳୁ ସଂକଟ ସମୟରେ ସରକାର ଆଳୁ ଚାଷକୁ ନେଇ ବାହାସ୍ଫୋଟ ମାରିଲେ। ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ମଧ୍ୟ ବଡ଼ ବଡ଼ କଥା କହିଲେ। ଏହାରି ଭିତରେ ବର୍ଷେ ବିତି ଯାଇଥିଲେ ବି ଚାଷ କି ଶୀତଳଭଣ୍ଡାର କାର୍ଯ୍ୟ ପାଦେ ବି ଆଗେଇ ପାରିନି। କେବଳ କିଛି ଅଧିକ ମାତ୍ରାରେ ଚାଷୀଙ୍କୁ ଆଳୁ ବିହନ ବିକ୍ରି କରି ସରକାର ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଚୁପ୍ ବସିଗଲେ। ଅନ୍ୟପଟରେ ଜିଲ୍ଲା କୃଷି କାର୍ଯ୍ୟାଳୟ ଜରିଆରେ ଚାଷୀଙ୍କୁ ଜୋର୍‌କରି ଆଳୁ ବିହନ ଯୋଗାଇ ଦିଆଗଲା। ହେଲେ ସେହି ବିହନ ସବୁ ପଚା ପଡ଼ିଲା। ଫଳରେ ଚାଷୀ ଚାଷ କରିପାରିଲା ନାହିଁ।



■ ଆଗକୁ ଦରବୃଦ୍ଧିରେ ପେଷି ହେବେ ଖାଉଟି
■ ଘୋଷଣାରେ ଅଟକିଛି ଶୀତଳଭଣ୍ଡାର ନିର୍ମାଣ
■ ଅଭାବୀ ବିକ୍ରିର ଶିକାର ହେବେ ରାଜ୍ୟର ଚାଷୀ

ତେଣୁ ଉତ୍ପାଦନ ବଢ଼ିବା ଆଶା ମଧ୍ୟ କ୍ଷୀଣ ହୋଇଗଲା। ରାଜ୍ୟରେ ଯେତିକି ଆଳୁ ଉତ୍ପାଦନ ହେଲା, ଶୀତଳଭଣ୍ଡାର ନ ଥିବାରୁ ବାହାର ରାଜ୍ୟର ବେପାରୀ ଚାଷୀଙ୍କଠାରୁ ଶାଗ-ମାଛ ଦରରେ କିଣିନେଲେ।

ସୂଚନାନୁସାରେ, ରାଜ୍ୟରେ ବର୍ଷକ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଓ ୩ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ରାଜ୍ୟରେ ପୂର୍ବରୁ ୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦିତ ହେଉଥିବାବେଳେ ଏବେ ୬ ଲକ୍ଷ ହେଉଛି ବୋଲି ସରକାର କହୁଛନ୍ତି। ସେହିଭଳି ପିଆଜ ପାଖାପାଖି ୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ହେଲେ ସଂରକ୍ଷଣ ବ୍ୟବସ୍ଥା ନ ଥିବା କାରଣରୁ ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନେ ଆଳୁ କିଲୋ ପିଛା ୫ ଟଙ୍କା ଓ ପିଆଜ କିଲୋ ପିଛା ୧୦ଟଙ୍କାରେ ଚାଷୀଙ୍କଠାରୁ ବିଲ ମୁଣ୍ଡରୁ କିଣି ନେଉଛନ୍ତି। ଆଳୁ ପାଇଁ ଓଡ଼ିଶା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରୁଥିବାବେଳେ ପିଆଜ ଲାଗି ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଉପରେ ନିର୍ଭର କରୁଛି। ଓଡ଼ିଶାକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ କରିବା ପାଇଁ ସରକାର ବଡ଼ ବଡ଼ ସ୍ୱପ୍ନ ଦେଖାଇଥିଲେ ବି କାଣିଚାଏ ବି ସେଥିରୁ ପୂରଣ କରିପାରିଲେନି। ଏବେ ପୂର୍ବଭଳି ପଶ୍ଚିମବଙ୍ଗ ହାତଟେକାକୁ ଚାହିଁ ବସିବାକୁ ପଡ଼ିବ ବୋଲି ବ୍ୟବସାୟୀଙ୍କ ମହଲରେ ଆଲୋଚନା ହେଉଛି।

ଆଳୁ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସବୁଠାରୁ ବଡ଼ ବାଧକ ହେଉଛି ଶୀତଳ ଭଣ୍ଡାର ସମସ୍ୟା। ଅଧିକାଂଶ ସମବାୟ ଶୀତଳଭଣ୍ଡାର ଅଚଳ ହୋଇପଡ଼ିଛି। ଘରୋଇ ଉଦ୍ୟମରେ ଶୀତଳଭଣ୍ଡାର ସ୍ଥାପନ ଲାଗି ଯେଉଁ ଉଦ୍ୟମ ହୋଇଥିଲା, ତାହା ସେତେଟା ସଫଳ ହୋଇନାହିଁ। ବିଶେଷକରି ଏ କ୍ଷେତ୍ରରେ ବିଦ୍ୟୁତ୍ ଦର ବୃଦ୍ଧି ଓ ବିଦ୍ୟୁତ୍ କାଟ୍ କଣ୍ଟା ସାଜୁଥିବାରୁ ଘରୋଇ ଉଦ୍ୟୋଗୀମାନେ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଶୀତଳଭଣ୍ଡାର ପାଇଁ ସେଭଳି ଆଖିଦୃଶିଆ ଆବେଦନ ହୋଇ ନ ଥିବା ଜଣାପଡ଼ିଛି। ସରକାର ବି ସମବାୟ ଭିତ୍ତିରେ ଶୀତଳଭଣ୍ଡାର ପ୍ରତିଷ୍ଠା କରୁନାହାନ୍ତି। ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ଲାଗି ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଥିବାବେଳେ କେବେ ଏହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବ, ତାହାକୁ ଚାଷୀମାନେ ଚାତକ ଭଳି ଅନାଇ ରହିଛନ୍ତି।

# ଜାଲରେ ପଡ଼ିଲା ବିଶାଳ ମାଛ



**ଶଗଡା, ୧୦।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ାରେ ଏକ ବିଶାଳ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛି। ଗୁରୁବାର ତେଲ ନଦୀରେ କେତେକ ମତ୍ସ୍ୟଜୀବୀ ମାଛ ଧରୁଥିଲେ। ଏହି ସମୟରେ ମାଛଟି ଜାଲରେ ପଡ଼ିଥିଲା। ମାଛକୁ ନେଇ ସେମାନେ ଗ୍ରାମକୁ ଆଣିବା ପରେ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ୨୫ କେଜିର ଏହି ବୁଦିଆ ମାଛ ମୂଲ୍ୟ ପାଖାପାଖି ୬ ହଜାର ଟଙ୍କାରୁ ଅଧିକ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।

# ୧୬ତମ ଏଗ୍ରିକଲଚର ଲିଡରସିପ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ପୁରସ୍କୃତ

**ଭୁବନେଶ୍ୱର,୧୦।୭ (ସମିସ):** କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ଦେଇ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡରସିପ୍ ପୁରସ୍କାର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡରସିପ୍ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଦାଶିବମ୍ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି । କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହଯୋଗ ଲୋଡିବେ । ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି । ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ ।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ଅଯଥା ଖର୍ଚ୍ଚ ବଢ଼ିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତା କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା ।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ , ୧୨୨ ଜଣଙ୍କ ମୃତ୍ୟୁ ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା ।



## ଆସିଲା 'କାନ୍ତାରା: ଚାପ୍ଟର ୧' ପୋଷ୍ଟର୍

# ରକ୍ତମୁଖା ରିଷଭ

ଚଳିତବର୍ଷ ଯେଉଁ କେତୋଟି ଫିଲ୍ମକୁ ଦର୍ଶକେ ଅପେକ୍ଷା କରିଛନ୍ତି, ତନ୍ମଧ୍ୟରେ 'କାନ୍ତାରା: ଚାପ୍ଟର ୧' ରହିଛି । ଏହି ଫିଲ୍ମଟି କନ୍ନଡ଼ର ଲୋକପ୍ରିୟ ଅଭିନେତା ରିଷଭ ଶେଟ୍ଟୀଙ୍କ ଫିଲ୍ମ 'କାନ୍ତାରା'ର ପ୍ରିକ୍ୱେଲ । ରିଷଭଙ୍କ ଜନ୍ମଦିନ ଅବସରରେ ହୋମ୍ବଲେ ଫିଲ୍ମସ୍ ପକ୍ଷରୁ 'କାନ୍ତାରା: ଚାପ୍ଟର ୧'ର ଏକ ଦମ୍‌ଦାର ପୋଷ୍ଟର୍ ଜାରି କରାଯାଇଥିଲା । ଏହି ପୋଷ୍ଟର୍ ମାଧ୍ୟମରେ ଦର୍ଶକେ ରିଷଭଙ୍କ ପ୍ରଥମ ଝଲକ ଦେଖିବାକୁ ପାଇଛନ୍ତି । ପୋଷ୍ଟର୍‌ରେ ସେ ଢାଲ ଓ କୁରାଢ଼ି ଧରି ରକ୍ତମୁଖା ନଜର ଆସିଛନ୍ତି । ଜଳନ୍ତା ନିଆଁ ଭିତରେ ସେ ଯୋଦ୍ଧା ଅବତାରରେ ଦେଖାଯାଇଛନ୍ତି । ପୋଷ୍ଟର୍‌ଟିକୁ ସେୟାର୍ କରି ନିର୍ମାତା ରିଷଭଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଏହା ୨ ଅକ୍ଟୋବର, ୨୦୨୫ରେ ଆସିବ ବୋଲି କହିଛନ୍ତି । ଏହି ଫିଲ୍ମର ଏକ ଯୁଦ୍ଧ ସିନ୍‌କୁ ନେଇ ବେଶ୍ ଚର୍ଚ୍ଚା ହେଉଛି । ଏଥିରେ ୫୦୦ ସୈନିକ ଓ ୩୦୦୦ ଲୋକେ ଏକା ସଙ୍ଗେ ନଜର ଆସିବେ । ଏହା ୨୫ ଏକର ଜମିରେ ୩୫-୪୦ ଦିନ ଧରି ସୁଟ୍ କରାଯାଇଥିଲା । ଏଥିରେ ରିଷଭ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ୨୦୨୨ରେ 'କାନ୍ତାରା' ଫିଲ୍ମ ଆସିଥିଲା । ଏହି ଫିଲ୍ମ ପାଇଁ ରିଷଭଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ମିଳିଥିଲା ।

# ବିଶ୍ୱ ଜନସଂଖ୍ୟା ଦିବସ




ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱବ୍ୟାପୀ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଏ । ସାରା ଦୁନିଆରେ ବୃଦ୍ଧି ପାଉଥିବା ଜନସଂଖ୍ୟା ପ୍ରତି ଲୋକମାନଙ୍କୁ ଜାଗ୍ରତ ଓ ସଚେତନ କରିବା ପାଇଁ ଏହି ଦିବସ ପାଳନ କରାଯାଏ । ପରିବାର ଯୋଜନା, ଲିଙ୍ଗଗତ ସମାନତା, ଦାରିଦ୍ର, ମାତୃ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ମିଳିତ ଜାତିସଂଘ ଦ୍ୱାରା ୧୯୮୯ରେ ଏହି ଦିନର ପରିକଳ୍ପନା କରାଯାଇଥିଲା । ୧୧ ଜୁଲାଇ, ୧୯୮୭ରେ ସାରା ବିଶ୍ୱର ଜନସଂଖ୍ୟା ଯେତେବେଳେ ୫୦୦ କୋଟିରେ ପହଞ୍ଚିଲା, ଏହି ଦିବସ ପାଳନକୁ ନେଇ ଉତ୍ସାହ ଦେଖାଗଲା । ସେବେଠାରୁ ଜୁଲାଇ ୧୧ ତାରିଖକୁ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଏ । ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବା ବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି । ଏବେ ଭାରତ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର । ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ । କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ । ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ, ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ । ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ ।

# କ୍ଷତିକାରକ ବାସି ଭାତ

ସାଧାରଣତଃ ଭାରତୀୟମାନେ ଭାତ ଖାଇବାକୁ ଭଲପାଆନ୍ତି । ଅନେକ ସମୟରେ ଭାତ ବଳିଯାଏ । ତେବେ ବଳକା ଭାତକୁ ନଷ୍ଟ ନ କରି ରଖିଦିଆଯାଏ । ଯାହାକୁ ଅନେକେ ବାସି ଭାତ ଭାବେ ଖାଆନ୍ତି । ହେଲେ ଏହି ବାସି ଭାତ ଶରୀର ପାଇଁ କ୍ଷତିକାରକ ବୋଲି ଲୋକପ୍ରିୟ ନ୍ୟୁଟ୍ରିସନ କୋଚ୍ ରିୟାନ ଫର୍ଣ୍ଣାଡୋ କହିଛନ୍ତି । ତେବେ ବାସି ଭାତ ଶରୀର ପାଇଁ କ୍ଷତିକାରକ ହେବା ପଛରେ ବାସିଲସ ସେରିୟସ ଜୀବାଣୁକୁ ଦାୟୀ କରାଯାଉଛି । ଏହା ଏମିତି ଏକ ଜୀବାଣୁ ଯାହା ଗରମରେ ବି ନଷ୍ଟ ହୋଇ ନ ଥାଏ । ଏହା ଚାଉଳରେ ଥାନ୍ତି, ଏହା ଉପରେ ଉତ୍ତାପର କୌଣସି ପ୍ରଭାବ ପଡ଼ି ନ ଥାଏ । ଚାଉଳକୁ ରାନ୍ଧିବା ପରେ ବି ଏହି ଜୀବାଣୁଗୁଡ଼ିକ ମରି ନ ଥାନ୍ତି । ଯେତେବେଳେ ଭାତ ବାସି ହୋଇଯାଏ, ସେତେବେଳେ ଏହି ଜୀବାଣୁ ସଂଖ୍ୟା ଆହୁରି ବଢ଼ିଯାଏ । ତେବେ ଭାତ ରାନ୍ଧିବା ପରେ ଯେତେବେଳେ ଏହା ଥଣ୍ଡା ହୋଇଯାଏ, ସେତେବେଳେ ଏହି ଜୀବାଣୁଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ଏହା ବିଷାକ୍ତ ତତ୍ତ୍ୱ ସୃଷ୍ଟି କରେ । ତେବେ ଏହି ଜୀବାଣୁ ବୃଦ୍ଧି ହେବା ପାଇଁ ଭାତ ରନ୍ଧାଯିବା ପରର ଏକ ଘଣ୍ଟା ଠିକ୍ ହୋଇଥାଏ । ତେଣୁ ଭାତକୁ ପୁଣି ଗରମ କଲେ ମଧ୍ୟ ଏହି ବିଷାକ୍ତ ପଦାର୍ଥ ନଷ୍ଟ ହୋଇ ନ ଥାଏ । ସେହିପରି ଭାତ ରାନ୍ଧିବାର ତୁରନ୍ତ ପରେ ଏହାକୁ ଖାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି । ଯଦି ଏହା ସମ୍ଭବ ହେଉ ନାହିଁ, ତେବେ ଭାତକୁ ଫ୍ରିଜ୍‌ରେ ୪୦ରୁ ୧୪୦ ଡିଗ୍ରୀ ଫାରେନାଇଟ୍‌ରୁ କମ୍ ତାପମାତ୍ରାରେ ରଖି ଖିଆଯାଇପାରିବ । ଅବଶ୍ୟ ଏହାକୁ ୨୪ ଘଣ୍ଟା ମଧ୍ୟରେ ଖାଇବା ଦରକାର । ଅନ୍ୟପଟେ ଏହି ସମୟ ଅତିକ୍ରମ କରିଯିବା ପରେ ଭାତକୁ ନ ଖାଇ ଫିଙ୍ଗି ଦେବା ଦରକାର ବୋଲି ସେ କହିଛନ୍ତି ।



## ସଞ୍ଜୀବନୀ



# ମୋତିଆବିନ୍ଦୁ

**ବୟସ ବୃଦ୍ଧି ହେଲେ ମୋତିଆବିନ୍ଦୁ ହୋଇଥାଏ । ମୋତିଆବିନ୍ଦୁ ଏକ ଚକ୍ଷୁଜନିତ ସମସ୍ୟା । ହେଲେ ଆଜିକାଲି ଯୁବାବସ୍ଥାରେ ମୋତିଆବିନ୍ଦୁରେ ପୀଡ଼ିତ ହେଉଛନ୍ତି । ମୋତିଆବିନ୍ଦୁ କାହିଁକି ହୋଇଥାଏ, କେଉଁମାନଙ୍କ ପାଇଁ ଏହା ବିପଜ୍ଜନକ ଏବଂ ଏଥିରୁ ବର୍ତ୍ତିବା ପାଇଁ କ'ଣ କରିବା ଆବଶ୍ୟକ ଜାଣିବା ସେ ବିଷୟରେ ...**


ଆଖି ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ । ଏହା ମନୁଷ୍ୟକୁ ଦେଖିବାକୁ ସାହାଯ୍ୟ କରେ । ହେଲେ ବୟସବୃଦ୍ଧି, ବିଭିନ୍ନ ରୋଗ ଆଦି ଯୋଗୁଁ ଦୃଷ୍ଟି ଶକ୍ତି ହ୍ରାସ ପାଏ । ଏମିତି ଏକ ସମସ୍ୟା ହେଉଛି ମୋତିଆବିନ୍ଦୁ ବା କାଟାରାକ୍ଟ । ମୋତିଆବିନ୍ଦୁ ହେଲେ, ଆଖିର ପ୍ରାକୃତିକ ସ୍ୱଚ୍ଛ ଲେନ୍ସ ଅସ୍ୱଷ୍ଟ ହୋଇଯାଏ । ଦୃଷ୍ଟିଶକ୍ତିରେ ସମସ୍ୟା ହୋଇଥାଏ । ଝାପ୍‌ସା ଦେଖାଯିବା ସହ ବେଳେ ବେଳେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ନଷ୍ଟ ହେବାର ଆଶଙ୍କା ଥାଏ । ଏନେଇ ଦିଲ୍ଲୀର ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ଏକେ ଗ୍ରୋଭରଙ୍କ କହିବାନୁସାରେ, ମଧୁମେହ ପୀଡ଼ିତଙ୍କ ରକ୍ତ ଶର୍କରାସ୍ତର ବଢ଼ିଗଲେ ମୋତିଆବିନ୍ଦୁ ଶୀଘ୍ର ବିକଶିତ ହୁଏ । ଏହାଦ୍ୱାରା ଲେନ୍ସ ପ୍ରଭାବିତ ହୋଇ ଦୃଷ୍ଟିଶକ୍ତି ହ୍ରାସ ପାଇଥାଏ । ଆଖିରେ ପୂର୍ବରୁ ଆଘାତ ଲାଗିଥିଲେ କିମ୍ବା କୌଣସି ପ୍ରକାର ସର୍ଜରୀ ହୋଇଥିବା ବ୍ୟକ୍ତିଙ୍କୁ ମୋତିଆବିନ୍ଦୁ ଶୀଘ୍ର ହୋଇପାରେ । ଅଧିକାଂଶ ଲୋକ ରୋଗ ନିୟନ୍ତ୍ରଣ ପାଇଁ ଦୀର୍ଘ ସମୟ ଷ୍ଟେରଏଡ୍ ନିଅନ୍ତି । ଏମାନଙ୍କୁ ମଧ୍ୟ ମୋତିଆବିନ୍ଦୁ ହେବାର ଆଶଙ୍କା ଅଧିକ ରହିଛି । ସେହିପରି ବଂଶାନୁକ୍ରମ, ମୋଟାପଣ, ଉଚ୍ଚ ରକ୍ତଚାପ, ଆଖିରେ ଆଘାତ ଲାଗିବା, ହରମୋନ୍ ଅସନ୍ତୁଳନ, ଭିଟାମିନ୍ ଅଭାବ, ବିକିରଣ ସମ୍ପର୍କରେ ରହିବା, ଚକ୍ଷୁ ସର୍ଜରୀ, ଧୂମପାନ ଏବଂ ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପାଇଁ ମୋତିଆବିନ୍ଦୁ ଅଧିକ ବିପଜ୍ଜନକ ହୋଇଥାଏ ।

ମୋତିଆବିନ୍ଦୁ ଆରମ୍ଭ ହେବା ମାତ୍ରେ ଚକ୍ଷୁ ପରୀକ୍ଷା କରି ଚିକିତ୍ସା କରାଗଲେ ଅଧିକାଂଶ କ୍ଷେତ୍ରରେ ଲେଜର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ସମସ୍ୟାକୁ ବଢ଼ିବାକୁ ଦେଇ ନ ଥାଏ । ଏଥିରେ ଅଣଦେଖା କଲେ, ଏହାର ଗମ୍ଭୀରତା ବୃଦ୍ଧି ପାଇ ଲେନ୍ସ ସମ୍ପୂର୍ଣ୍ଣ ନଷ୍ଟ ହୁଏ । ଚିକିତ୍ସା କରିବା କଷ୍ଟକର ହୋଇପଡେ । ତେଣୁ ମୋତିଆବିନ୍ଦୁ ପାକଳ ହୋଇଗଲେ, ସର୍ଜରୀ କରିବା ଅନିବାର୍ଯ୍ୟ । ସର୍ଜରୀ ଦ୍ୱାରା ଅସ୍ୱଚ୍ଛ ଲେନ୍ସ ବାହାର କରାଯାଇ କୃତ୍ରିମ ଲେନ୍ସ ଲଗାଯାଇଥାଏ । ଅନ୍ୟପଟେ ଖରାରେ ବାହାରିବା ସମୟରେ ୟୁଭି ପ୍ରୋଟେକ୍ସନଯୁକ୍ତ ସନଗ୍ଲାସ୍ ପିନ୍ଧି ପାରିବେ । ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଏ, ସି, ଇ, ଲ୍ୟୁଟିନ୍, ଜିଙ୍କ୍, ସବୁଜପରିବା, ଗାଜର, କମଳା, ମାଛ, ଆଦିକୁ ଡାଏଟରେ ସାମିଲ କରିପାରିବେ । ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ନିୟନ୍ତ୍ରଣରେ ରହିଲେ ଚକ୍ଷୁ ସମସ୍ୟା କମ୍ ରୁହେ । ତେଣୁ ୪୦ ବର୍ଷ ପରେ ନିୟମିତ ଚକ୍ଷୁ ପରୀକ୍ଷା କରିବା ଜରୁରି ।

# ପାର୍କିନସନ୍ ରୋଗର ନୂତନ ଚିକିତ୍ସା ବିକଳ୍ପ

ପାର୍କିନସନ ଏକ ପ୍ରକାର ସ୍ନାୟୁଜନିତ ରୋଗ । ଏହି ରୋଗ ହେଲେ, ଶରୀରର ଗତି ଧୀମା ହୋଇଥାଏ । ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଯଥା- ରୋଗୀର ଗତି ଧୀର ହେବା, ସ୍ୱରରେ ପରିବର୍ତ୍ତନ, କହିବାରେ ସମସ୍ୟା, ମାଂଶପେସୀରେ ପରିବର୍ତ୍ତନ ଆସିବା, ହାତ ଥରିବା, ମସ୍ତିଷ୍କ ଦୁର୍ବଳ ହେବା, ଶାରୀରିକ ସକ୍ରିୟତା କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଦି ଲକ୍ଷଣ ଦେଖାଯାଏ । ଏହି ରୋଗ ବଂଶାନୁଗତ କୁହାଯାଉଥିବାବେଳେ ରୋଗର ଲକ୍ଷଣକୁ ଔଷଧ ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ । ହେଲେ ଜାପାନ, କ୍ୟୋଟୋ ବିଶ୍ୱବିଦ୍ୟାଳୟର ଆଇପିଏସ୍ ସେଲ୍ ଆପଲାଏଡ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଏକ ନୂତନ ଚିକିତ୍ସା ଆରମ୍ଭ କରିଛନ୍ତି । ଏନେଇ ବୈଜ୍ଞାନିକମାନେ ପରୀକ୍ଷାଗାରରେ ଏକ ନୂତନ ମସ୍ତିଷ୍କ କୋଷ ବୃଦ୍ଧି କରିଛନ୍ତି । ଏହି ଅଭିନବ ଚିକିତ୍ସା ପଦ୍ଧତିରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍‌କୁ ମସ୍ତିଷ୍କ ମଧ୍ୟରେ ପ୍ରତ୍ୟାରୋପଣ (ଆଇପିଏସ୍ ସେଲ୍) କରାଯାଇଥାଏ । ତେବେ ଏହି ନୂତନ ମସ୍ତିଷ୍କ କୋଷକୁ କିଛି ରୋଗୀଙ୍କ ମଧ୍ୟରେ ସଫଳତାର ସହିତ ପ୍ରତିରୋପଣ କରିବା ପରେ ନଷ୍ଟ ହୋଇଥିବା କୋଷ ସ୍ଥାନର ନୂତନ କୋଷ ବୃଦ୍ଧି ହୋଇ ମସ୍ତିଷ୍କର କାର୍ଯ୍ୟକ୍ଷମ କରିପାରିଥିଲା । ତେବେ ଚିକିତ୍ସାରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍ (ଆଇପିଏସ୍ କୋଷ) ବ୍ୟବହାର କରାଯାଇଥିବାବେଳେ ଏହା ଡୋପାମାଇନ୍-ଉତ୍ପାଦକ ନ୍ୟୁରାନ୍ ରୂପେ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଏ ।

ସାଧାରଣତଃ ପାର୍କିନସନ୍ ରୋଗରେ ଡୋପାମାଇନ୍ କ୍ଷରଣ କରୁଥିବା କୋଷ ନଷ୍ଟ ହୋଇଯାଇଥାଏ । ତେଣୁ ପ୍ରାରମ୍ଭିକ ପରୀକ୍ଷଣରେ ଯେଉଁ ରୋଗୀଙ୍କ କ୍ଷେତ୍ରରେ ଏହି ନୂତନ କୋଷ ପ୍ରତିରୋପଣ କରାଯାଇଥିଲା, ସେମାନଙ୍କ କ୍ଷେତ୍ରରେ ଉନ୍ନତ ଗତିବିଧି ଦେଖିବାକୁ ମିଳିଥିଲା । କେବଳ ସେତିକି ନୁହେଁ, ମସ୍ତିଷ୍କ ସ୍କାନରୁ ନୂତନ ନ୍ୟୁରନ୍ ଡୋପାମାଇନ୍ ଉତ୍ପାଦନ କରୁଥିବା ଦେଖାଯାଇଥିଲା । ଏହା ମାଂସପେଶୀ କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ସମ୍ବେଦ ବାହକ ରସାୟନ ଅଟେ । ବର୍ତ୍ତମାନ ଏହି ଚିକିତ୍ସା ପ୍ରଣାଳୀ ଉପରେ ବୈଜ୍ଞାନିକ ଆହୁରି ଗବେଷଣା କରୁଥିବାବେଳେ ଏଥିରୁ ଅଧିକ ସଫଳତା ମିଳିଲେ ପାର୍କିନସନ ପରି ରୋଗରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ଆଶା ପ୍ରଦାନ କରିବ ।



## ସେଓ ଖାଇଲେ ନିୟନ୍ତ୍ରଣରେ ରହେ କୋଲେଷ୍ଟ୍ରଲ୍

ସେଓରେ ଭିଟାମିନ୍-ସି, ଭିଟାମିନ୍ ବି ୬, ପଟାସିୟମ, ଫସ୍‌ଫରସ୍, ମାଙ୍ଗାନିଜ୍ ଆଦି ପୋଷକତତ୍ତ୍ୱ ଭରି ରହିଛି । ଏହା ଦାନ୍ତକୁ ମଜବୁତ ରଖିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । ହୃଦ୍‌ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେଓ ବହୁତ ଭଲ । ହେଲେ ଜାଣନ୍ତିକି, ଦିନକୁ ଦୁଇଟି ସେଓ ଖାଇବା ଦ୍ୱାରା ଶରୀରରେ ଜମିଥିବା ଖରାପ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିଥାଏ



- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ଦୁଇଟି ସେଓ ଖାଇବା ଦ୍ୱାରା ଏଲ୍‌ଡିଏଲ୍‌ସ୍ତର ହ୍ରାସ ପାଇଥାଏ । ସେଓରେ ଥିବା ଫାଇବର ପେକ୍ଟିନ୍ ଶରୀରରୁ କୋଲେଷ୍ଟ୍ରଲକୁ କମ୍ କରିବା ସହିତ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ସେହିପରି ଏହା କର୍କଟ କୋଷକୁ ବଢ଼ିବାକୁ ଦିଏ ନାହିଁ । ସେଓରେ ଥିବା କ୍ୟାଟେଚିନ୍ ଏବଂ ଫ୍ଲେବୋନଏଡ୍‌ସ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଏଥିରେ ଭିଟାମିନ୍ ଓ ମିନେରାଲ ଭରପୁର ମାତ୍ରାର ଥିବାରୁ ଏହାକୁ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ । ତାସହିତ ଶରୀରରେ ଫ୍ରି ର୍‍ୟାଡିକାଲ୍ସ ସହିତ ଲଢ଼ିଥାନ୍ତି । କେବଳ ସେତିକି ନୁହେଁ, ପ୍ରତିଦିନ ଶେଓ ଖାଇବା ଦ୍ୱାରା ହୃଦୟ ସୁସ୍ଥ ରହିଥାଏ । ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବା ସହିତ ଏହା କୋଲେଷ୍ଟ୍ରଲ ହ୍ରାସ କରାଇଥାଏ ।
- ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମୁତାବକ, ମୋଟାପା ଏବଂ ଓଜନ ବୃଦ୍ଧି ସହିତ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ । ତେଣୁ ସେଓରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥିବାରୁ ଏହାକୁ ଖାଇବା ଦ୍ୱାରା ପେଟ ପୂରିଲା ପୂରିଲା ଲାଗେ । ତେଣୁ ଦୈନିକ ସେଓ ଖାଇବା ଦ୍ୱାରା ଧୀରେ ଧୀରେ ଓଜନ ହ୍ରାସ ପାଏ । ସେଓରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ରକ୍ତ ଶର୍କରାକୁ ବଢ଼ିବାକୁ ଦେଉନଥିବାରୁ ଏହା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିପାରେ ।

# ଏଚ୍‌ସିଏ ସଭାପତି ଗିରଫ

**ଆଇପିଏଲ୍ ଟିକଟ୍ ସ୍କାମ**

ହାଇଦରାବାଦ୍, ୧୦।୭ (ଏଜେନ୍ସି): ଆଇପିଏଲ୍ ଟିକଟ୍ ସ୍କାମ ମାମଲାରେ କ୍ରାଇମ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି) ଗୁରୁବାର ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ) ସଭାପତି ଜଗନ ମୋହନ ରାଓଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ଜଣ ହେଲେ ଏଚ୍‌ସିଏ କୋଷାଧ୍ୟକ୍ଷ ଶ୍ରୀନିବାସ ରାଓ, ସିଇଓ ସୁନିଲ କାନ୍ତେ, ରାଜେନ୍ଦ୍ର ଯାଦବ ଓ ଜି. କବିତା। ଗତ ଆଇପିଏଲ୍ ୧୮ତମ ସଂସ୍କରଣରେ ଟିକଟ୍ ସ୍କାମ ହୋଇଥିବା ନେଇ ସନରାଇଜର୍ସ ହାଇଦରାବାଦ୍ ଫ୍ରାଞ୍ଚାଇଜ ଅଭିଯୋଗ ଆଣିବା ପରେ ସିଆଇଡି ବୁଧବାର ରାତିରେ ଏଚ୍‌ସିଏ କର୍ମକର୍ତ୍ତାଙ୍କୁ ହେପାଜତକୁ ନେଇଥିଲା। ପୂର୍ବରୁ ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌କୁ ଚିଠି ଲେଖି ଅଭିଯୋଗ କରିଥିଲା ଯେ, ଅଧିକ କମ୍ପ୍ଲିମେଣ୍ଟାରୀ ପାସ୍ ଦେବା ଲାଗି ଏଚ୍‌ସିଏ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ଏହି ଘଟଣାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ସନ୍‌ରାଇଜର୍ସର ଅଭିଯୋଗ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱିଆଟେକ୍-ଆନିସିମୋଭା ଫାଇନାଲ


ଆମାଣ୍ଡା ଆନିସିମୋଭା

**ୱିମ୍ବଲଡନରୁ ସାବାଲେଙ୍କା ବିଦା**

ଲଣ୍ଡନ, ୧୦।୭ (ଏଜେନ୍ସି): ୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଓ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ମଧ୍ୟରେ ୨୦୨୫ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ମହିଳା ଏକକ ଫାଇନାଲ ଖେଳାଯିବ। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୨-୧ରେ ପରାସ୍ତ କରି ଆନିସିମୋଭା ଓ ସ୍ୱିଆଟେକ ଏକତରଫା ମ୍ୟାଚ୍‌ରେ ବେଲିଣ୍ଡା ବେଙ୍କିକ୍‌କୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସ୍ୱିଆଟେକ ଓ ଆନିସିମୋଭାଙ୍କ ମଧ୍ୟରେ ଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ପୁରୁଷ ଏକକ ସେମିଫାଇନାଲରେ ଟପ୍ ସିଡ୍ ଜାନିକ୍ ସିନ୍ନରଙ୍କ ସହ ନୋଭାକ ଜୋକୋଭିକ୍ ଓ କାର୍ଲୋସ ଆଲକାରାଜଙ୍କ ସହ ଆମେରିକାର ଟେଲର ଫ୍ରିଜ୍‌ଙ୍କର ମୁକାବିଲା ହେବ।

## ଟେଷ୍ଟ ସିରିଜ୍‌ରେ ତୃତୀୟଥର ବି ଟସ୍ ହାରିଲା ଭାରତ

# ଜୋ ରୁଟ୍ ୯୯*; ଲଢୁଆ ଖେଳିଲା ଇଂଲଣ୍ଡ

ଲର୍ଡ୍ସ, ୧୦।୭ (ଏଜେନ୍ସି):



**ଆଣ୍ଡରସନ-ତେନ୍ଦୁଲକର ଟ୍ରଫି**

ବରିଷ୍ଠ ଖେଳାଳି ଜୋ ରୁଟ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହାୟତାରେ ଏଠାରେ ଭାରତ ସହ ଗୁରୁବାର ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଘରୋଇ ଇଂଲଣ୍ଡ ଦଳ ଲଢୁଆ ଖେଳ ପ୍ରଦର୍ଶନ କରିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ରୁଟ୍ ୯୯ ରନ୍‌ରେ ଅପରାଜିତ ରହିଥିଲାବେଳେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ୮୩ ଓଭର ଖେଳି ୪ ୱିକେଟ ବିନିମୟରେ ୨୫୧ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପସ ଅପସାରଣ ବେଳକୁ ରୁଟଙ୍କ ସହ ଅଧିନାୟକ ବେନ୍ ଷ୍ଟୋକ୍ସ ୩୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲି ପୋପ୍ ୪୪, ଓପନର ବେନ୍ ଡକେଟ ୨୩, ଜ୍ୟାକ୍ କ୍ରଲୀ ୧୮ ଓ ହ୍ୟାରୀ ବ୍ରୁକ୍ ୧୧ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଗୋଟିଏ ଓଭରରେ ଦୁଇ ଓପନରଙ୍କୁ ଆଉଟ କରିଥିବା ନୀତୀଶ କୁମାର ରେଡ୍ଡି ୨ଟି, ଯଶପ୍ରୀତ୍ ବୁମ୍‌ରା ଓ ଆକାଶ ଦୀପ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍ ଆରମ୍ଭ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟ ବିଜୟୀ ହୋଇଥିବାରୁ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।

ବିଶ୍ୱର ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ଦଳ ଜିତି ପ୍ରଥମେ ବ୍ୟାଟିଂ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କିନ୍ତୁ ମ୍ୟାଚ୍ ଆରମ୍ଭ ପରେ ପିଚ୍ ଯେ ବୋଲରମାନଙ୍କୁ ସୁହାଉ ନ ଥିବାରୁ ଇଂଲଣ୍ଡର ନିଷ୍ପତ୍ତି ଯେ ଯଥାର୍ଥ ଥିଲା ଏହା ସ୍ପଷ୍ଟ ହୋଇଥିଲା। ଇଂଲଣ୍ଡ ଇନିଂସର ୧୪ତମ ଓଭରରେ ଉଭୟ ଓପନର ବେନ୍ ଡକେଟ (୨୩) ଓ ଜ୍ୟାକ୍ କ୍ରଲୀ (୧୮)ଙ୍କୁ ଆଉଟ କରି ନୀତୀଶ କୁମାର ରେଡ୍ଡି ଭାରତକୁ ଡବଲ ସଫଳତା ଦେଇଥିଲେ। କିନ୍ତୁ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ପୋପ୍‌ଙ୍କ ସହ ରୁଟ ଯୋଗ ଦେଇ ୨୧୧ ବଲ୍‌ରୁ ୧୦୯ ରନ୍ ଉଠାଇ ଦଳକୁ ବିପଦମୁକ୍ତ କରିଥିଲେ। ଟି ସୁଦ୍ଧା ଦଳ ୨ ୱିକେଟରେ ୧୫୩ ରନ୍ କରିଥିଲା। କିନ୍ତୁ ଟି ପରେ ୧୯ ରନ୍ ମଧ୍ୟରେ ଇଂଲଣ୍ଡ ଅଭିଜ୍ଞ ପୋପ (୪୪) ଓ ହ୍ୟାରି ବ୍ରୁକ୍ (୧୧)ଙ୍କ ୱିକେଟ ହରାଇଥିଲା। ୧୭୨ ରନ୍‌ରେ ଚତୁର୍ଥ ୱିକେଟର ପତନ ପରେ ଇଂଲଣ୍ଡର ଦୁଇ ବରିଷ୍ଠ, ଦକ୍ଷ ଓ ଅଭିଜ୍ଞ ଖେଳାଳି ରୁଟ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ରତିପକ୍ଷ ଭାରତୀୟ ବୋଲରଙ୍କୁ ବିଶେଷ ସୁଯୋଗ ନ ଦେଇ ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିଲେ। ରୁଟ୍ ୯୯ (୧୯୧ବଲ୍, ୯ ଚୌକା) ଓ ଷ୍ଟୋକ୍ସ ୩୯ (୧୦୨ ବଲ୍, ୩ଚୌକା) ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୫ମ ୱିକେଟ ପାର୍ଟନରସିପ୍‌ରୁ ୧୭୦ ବଲ୍‌ରେ ମିଳିଥିଲା ୭୯ ରନ୍। ଏହି ପାର୍ଟନରସିପ୍ ଯୋଗୁଁ ଭ୍ରମଣକାରୀ ଭାରତୀୟ ଦଳ ନିରାଶ ହୋଇଥିଲା। ଅନ୍ୟ ପକ୍ଷରେ ରୁଟ୍ ଏହି ମ୍ୟାଚ୍‌ରେ ଭାରତ ବିପକ୍ଷରେ ୩,୦୦୦ ରନ୍ ପୂରଣ କରିଛନ୍ତି। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡି ଗୋଟିଏ ଓଭରରେ ଦୁଇ ଓପନରଙ୍କୁ ଆଉଟ କରିଥିଲେ। ଟି ପରେ ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି।

ଲର୍ଡସରେ ତୃତୀୟ ଟେଷ୍ଟ ଖେଳିବାକୁ ଆସିବା ପୂର୍ବରୁ ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ବା ପେସ୍ ବୋଲରଙ୍କୁ ପରିବର୍ତ୍ତନ କରିଥିଲେ। ଦ୍ୱିତୀୟ ଟେଷ୍ଟ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଭାରତ ଓ ଜୋଶ ଟଙ୍ଗ୍‌ଙ୍କ ସ୍ଥାନରେ ଜୋଫ୍ରା ଆର୍ଚରଙ୍କୁ ଇଂଲଣ୍ଡ ଦଳରେ ସାମିଲ କରିଥିଲା।


**ରଷଭ ପନ୍ତ୍ ଆହତ:** ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ, ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ବ୍ୟାଟିଂ କରିଥିବା ଭାରତର ୱିକେଟ ରକ୍ଷକ ରଷଭ ପନ୍ତ୍ ଆହତ ହୋଇଛନ୍ତି। ୩୦ତମ ଓଭରରେ ବଲ ଧରିବାକୁ ଯାଇଥିଲାବେଳେ ତାଙ୍କ ଆଙ୍ଗୁଳି ଉପରେ ବଲ ବାଜିଥିଲା। ଯନ୍ତ୍ରଣା ଅଧିକ ହେବାକୁ ୩୨ତମ ଓଭରରେ ତାଙ୍କର ଚିକିତ୍ସା କରିଥିଲେ ଫିଜିଓ। ହାତରେ ଟ୍ୟାପ୍ ଗୁଡାଇ କିପିଂ କରିବାକୁ ଆସିଥିଲେ ମଧ୍ୟ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ପରେ ସେ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ଇଂଲଣ୍ଡ ଇନିଂସରେ ୩୪ତମ ଓଭରରୁ ରିଜର୍ଭ ୱିକେଟକିପର ଧ୍ରୁବ ଜୁରେଲ କିପିଙ୍ଗ୍ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ: ୨୫୧/୪, ୮୩ ଓଭର**

(ରୁଟ୍- ବ୍ୟାଟିଂ- ୯୯, ଷ୍ଟୋକ୍ସ- ବ୍ୟାଟିଂ-୩୯, ପୋପ୍-୪୪, ଡକେଟ-୨୩, ରେଡ୍ଡି-୨/୪୬, ଜାଡେଜା-୧/୨୦, ବୁମ୍‌ରା-୧/୩୫)।

# ୫ ବଲ୍‌ରେ ୫ ୱିକେଟ୍



ଡବ୍‌ଲିନ୍, ୧୦।୭ (ଏଜେନ୍ସି): ଆୟର୍ଲାଣ୍ଡ ଅଲ୍‌ରାଉଣ୍ଡର କର୍ଟିସ କାମ୍ଫର ବିଶ୍ୱର ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ଏକ ପ୍ରଫେସନାଲ ମ୍ୟାଚରେ ୫ ବଲ୍‌ରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଆୟର୍ଲାଣ୍ଡରେ ଖେଳାଯାଇଥିବା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇଣ୍ଟର-ପ୍ରୋଭିନସିଆଲ୍ ଟ୍ରଫିରେ କାମ୍ଫର ମନଷ୍ଟର ରେଡ୍ସ ଦଳର ନେତୃତ୍ୱ ନେଉଥିବାବେଳେ ନର୍ଥ-ୱେଷ୍ଟ ୱାରିୟର୍ସ ବିପକ୍ଷରେ ଏହି ମାରାତ୍ମକ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ ମନଷ୍ଟର ଦଳ କାମ୍ଫରଙ୍କ ୪୪ ରନ ବଳରେ ୭ ୱିକେଟ୍‌ରେ ୧୮୮ ରନ କରିଥିଲା। ଜବାବରେ ନର୍ଥୱେଷ୍ଟ ୧୩.୩ ଓଭରରେ ମାତ୍ର ୮୮ ରନ କରି ପରାସ୍ତ ହୋଇଥିଲା। କାମ୍ଫର ତାଙ୍କ ଦ୍ୱିତୀୟ ଓଭରର ଶେଷ ୨ ବଲ୍ ଓ ତୃତୀୟ ଓଭରର ପ୍ରଥମ ୩ଟି ବଲ୍‌ରେ ପ୍ରତିପକ୍ଷର ୫ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଏହି କୀର୍ତ୍ତିମାନ ହାସଲ କରିଥିଲେ। ପୂର୍ବରୁ ମହିଳା କ୍ରିକେଟ୍‌ରେ ଜିମ୍ବାୱେର କେଲିସ ଧଲୋଭୁ ୨୦୨୪ରେ ୧୯ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାରେ ୫ ବଲରେ ୫ ୱିକେଟ୍ ନେଇଥିଲେ।

# ଇଂଲଣ୍ଡ ମାଟିରେ ଭାରତର ଐତିହାସିକ ସିରିଜ ବିଜୟ

**ମହିଳା ଟି-୨୦ କ୍ରିକେଟ୍**



ଓଲ୍ଡ ଟ୍ରାଫୋର୍ଡ, ୧୦।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ୪ର୍ଥ ଟି-୨୦ ମ୍ୟାଚକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ୬ ୱିକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ୯୭ ରନ ଓ ୨୪ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ୩-୧ରେ ଆଗୁଆ କବ୍‌ଜା କରିନେଇଛି। ଫଳରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ ଜିତି ଐତିହାସିକ ସଫଳତା ପାଇଛି। ଏଥିପୂର୍ବରୁ ୨୦୨୨ରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଏକଦିବସୀୟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଥିଲା।

ଚତୁର୍ଥ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା ଦଳ ୭ ୱିକେଟ୍‌ରେ ମାତ୍ର ୧୨୬ ରନ କରିପାରିଥିଲା। ଦଳ ପକ୍ଷରୁ ଓପନର୍ ସୋଫି ଡଙ୍କଲୀ ସର୍ବାଧିକ ୨୨, ଅଧିନାୟିକା ଟାମି ବିଉମାଉଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ଦୁଇ ବାମହାତୀ ସ୍ପିନର ଶ୍ରୀ ଚରଣୀ ଓ ରାଧା ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଭାରତ ୩ ଓଭର ବଳକା ଥାଇ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ସ୍ମୃତି ମନ୍ଧାନା ୩୨, ଶେଫାଳି ବର୍ମା ୩୧, ଅଧିନାୟିକା ହର୍‌ମନପ୍ରୀତ୍ କୌର ୨୬, ଜେମିମା ରୋଡ୍ରିଗ୍ସେଜ ଅପରାଜିତ ୨୪ ରନ କରିଥିଲେ। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶନିବାର ଖେଳାଯିବ। ଘରୋଇ ଇଂଲଣ୍ଡ ୩ୟ ଟି-୨୦କୁ ୫ ରନରେ ଜିତିଥିଲା।

# ଜାତୀୟ ସିନିଅର ହକି ଶିବିରରେ ଓଡ଼ିଶାରୁ ୪

ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଓ ଏସିଆ କପ୍ ଟୁର୍ଣ୍ଣାମେଣ୍ଟକୁ ନଜରରେ ରଖି ଚଳିତ ମାସ ୧୪ରୁ ଜାତୀୟ ସିନିଅର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ସ୍ଥାନୀୟ ସାଇ ସେଣ୍ଟରରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ ଜଣ ହକି ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ନୀଳମ ସଞ୍ଜୀପ ଖେସ୍, ଅମନଦୀପ୍ ଲାକ୍ରା ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଦଳ ଅଗଷ୍ଟ ୨୯ରୁ ବିହାରରେ ଆରମ୍ଭ ହେବାକୁ ଥିବା ଏସିଆ କପ୍‌ରେ ଭାଗନେବ।

# ଟେନିସ ଖେଳାଳି ରାଧିକାଙ୍କୁ ଗୁଳି କରି ହତ୍ୟା କଲେ ବାପା



ଗୁରୁଗ୍ରାମ, ୧୦।୭ (ଏଜେନ୍ସି): ଗୁରୁଗ୍ରାମର ପରିଚିତ ଟେନିସ ଖେଳାଳି ରାଧିକା ଯାଦବଙ୍କୁ ଗୁରୁବାର ସକାଳେ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ସେକ୍ଟର-୫୭ ଅନ୍ତର୍ଗତ ସୁଶାନ୍ତ ଲୋକ-ଫେଜ୍ ୨ ଅଞ୍ଚଳରେ ଏହି ଚାଞ୍ଚଲ୍ୟକାରୀ ଘଟଣା ଘଟିଛି। ୨୫ ବର୍ଷୀୟା ରାଧିକାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଯାଇଥିବାବେଳେ ସେଥିରୁ ୩ଟି ବୁଲେଟ୍ ତାଙ୍କ ଦେହରେ ବାଜିଥିଲା ଏବଂ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ ରାଧିକାଙ୍କ ବାପା ଦୀପକ ଯାଦବଙ୍କୁ ଗିରଫ କରିଛି। ରାଧିକା ଇନଷ୍ଟାଗ୍ରାମରେ ଅତ୍ୟଧିକ ମାତ୍ରାରେ ରିଲ୍ସ କରୁଥିବାରୁ ଏଥିରେ ବିରକ୍ତ ହୋଇ ଦୀପକ ଝିଅକୁ ହତ୍ୟା କରିବା ଭଳି ଜଘନ୍ୟ ଘଟଣା ଘଟାଇଥିଲେ ବୋଲି କୁହାଯାଉଛି। କିନ୍ତୁ ରାଧିକାଙ୍କ ଭାଇ ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ରାଧିକା ଏକ ଟେନିସ ଏକାଡେମୀ କରିଥିଲେ। ଯାହାକୁ ନେଇ ବାପା ଦୀପକ ଖୁସି ନ ଥିଲେ। ଉଲ୍ଲେଖଯୋଗ୍ୟ, ରାଧିକା ଡବଲ୍ସ ଇଭେଣ୍ଟରେ ପ୍ରତିନିଧିତ୍ୱ କରୁଥିଲେ। ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ମାନ୍ୟତାରେ ସେ ଏକଦା ୧୧୩ତମ ସ୍ଥାନ ହାସଲ କରିଥିଲେ।

**ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ**

# ଓଡ଼ିଶାରୁ ଭାଗ ନେବେ ୭ ପ୍ରତିଯୋଗୀ



ଭୁବନେଶ୍ୱର,୧୦।୭ (ସମିସ): ବେଙ୍ଗାଲୁରୁର ଶ୍ରୀକାନ୍ତିରାଭା ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଦୁଇଦିନଧରି ୭ମ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ପକ୍ଷରୁ ଘୋଷଣା କରାଯାଇଛି। ଏହି ଆଥ୍‌ଲେଟମାନେ ହେଲେ ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ଜାନକି ଓରାମ, ସ୍ୱାଧିନ ମାହାର, କମଳାକାନ୍ତ ନାୟକ, ରଞ୍ଜିତ ଚନ୍ଦ ଓ ପଙ୍କଜ ଭୁଏ। ସମସ୍ତଙ୍କଠାରୁ ପଦକ ଆଶା ରହିଛି ବୋଲି ପିଏସ୍‌ଏଓ ପକ୍ଷରୁ କୁହାଯାଇଛି।

**ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍**

# ୧୩-୦ ଗୋଲ୍‌ରେ ଜିତିଲା ଲାଠିକଟା

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ଖେଳ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଲାଠିକଟା ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ସଉନାମୁରାକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଅନ୍ୟ ମ୍ୟାଚ୍‌ରେ ଗୁରୁଣ୍ଡିଆ ଏଚ୍‌ଟିସି ୩-୨ ଗୋଲ୍‌ରେ କୁତ୍ରା ଏଚ୍‌ଟିସିକୁ, ବଡ଼ଗାଁ ଏଚ୍‌ଟିସି ୨-୧ ଗୋଲ୍‌ରେ ଯାଜପୁର ଏଚ୍‌ଟିସିକୁ, ବମ୍ରା ଏଚ୍‌ଟିସି ୬-୧ ଗୋଲ୍‌ରେ ସବଡେଗା ଏଚ୍‌ଟିସିକୁ ହରାଇଛି। ପୁରୁଷରେ ରାଜଗାଙ୍ଗପୁର ଏଚ୍‌ଟିସି ୫-୧ ଗୋଲ୍‌ରେ ସବଡେଗାକୁ, ନୂଆଗାଁ ଏଚ୍‌ଟିସି ୩-୨ ଗୋଲ୍‌ରେ କରଡ଼ାପାଲ୍‌କୁ, କଉରାମୁଣ୍ଡା ଏଚ୍‌ଟିସି ୩-୦ ଗୋଲ୍‌ରେ ଛତ୍ରପୁର ଏଚ୍‌ଟିସିକୁ ହରାଇଛି।

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ୪୦ ଖେଳାଳି

ଭୁବନେଶ୍ୱର, ୧୦।୭ (ସମିସ):



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଆଗାମୀ ସଂସ୍କରଣ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ଏକାଧିକ ସହରରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ୍ ୪୦୭ ଜଣ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିବେ। ଯେଉଁଥିରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ଜଣ ଖେଳାଳି ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶାର ଅନ୍ୟ ଦୁଇ ବିଶ୍ୱବିଦ୍ୟାଳୟ ଉତ୍କଳ ଓ ସମ୍ବଲପୁରରୁ ଜଣେ ଲେଖାଏ ଭାଗନେବେ। ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କିଟ୍‌ରୁ ସର୍ବାଧିକ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ସେହିଭଳି ରାଜ୍ୟ ହିସାବରେ ଦେଖିଲେ ପଞ୍ଜାବ ପରେ ଓଡ଼ିଶା ୨ୟ ସ୍ଥାନରେ ରହିଛି। କିଟ୍ ବ୍ୟତୀତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ୨୮ଜଣ, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ଜଣ ଆଥ୍‌ଲେଟ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। କିଟ୍‌ର ଏହି ୪୦ଜଣ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଭାଗନେବେ। ଅପରପକ୍ଷରେ ପ୍ରଶିକ୍ଷକ ଭାବେ ଅଲିମ୍ପିଆନ ଅର୍ଜୁନ ବାନାର୍ଜୀ, ସଞ୍ଜୟ ଗଡ଼ନାୟକ (ଦୌଡ଼କୁଦ), ଲୋଚକ ବିନ୍ଦୁ ଦାଶ (ଭଲିବଲ୍) ଓ ଟଡ୍ କ୍ଲାର୍କ (ଟେନିସ) ଭାରତୀୟ ଦଳ ସହ ଗସ୍ତ କରିବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ଦୂତୀ ଚାନ୍ଦ ପ୍ରମୁଖ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ନନ୍ଦିଘୋଷ TV

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS